READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews


EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524




ବର୍ଷ-୪ ସଂଖ୍ୟା-୦୪ ୦୩ - ୦୯ ଫେବୃଆରୀ, ୨୦୨୦ ଭୁବନେଶ୍ୱର Monday Weekly VOL-4 ISSUE-04 03rd - 9th FEBRUARY, 2020 BHUBANESWAR ₹ 5/- (8 Pages)

## ଭୟଙ୍କର ରୂପ ନେଉଛି 'କରୋନା'



**ନୂଆଦିଲ୍ଲୀ :** 'କରୋନା' ଭାଇରସ ଏବେ ବିଶ୍ୱବ୍ୟାପୀ ଭୟ ସୃଷ୍ଟି କରିଥିବା ବେଳେ ଚୀନ୍ ସମେତ ଏହା ୨୩ ଦେଶକୁ ବ୍ୟାପିଛି । କରୋନା ଭାଇରସ ଯୋଗୁ ଚୀନ୍‌ରେ ସ୍ଥିତି ଅତି ଗମ୍ଭୀର ହେବାରେ ଲାଗିଛି । ବିଶ୍ୱବ୍ୟାପୀ ୧୫ ହଜାରରୁ ଅଧିକ ଲୋକ କରୋନା ଭାଇରସ ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି । ଚୀନ୍‌ରେ ମୃତ୍ୟୁ ସଂଖ୍ୟା ୨୧୩କୁ ଟପି ଗଲାଣି । କରୋନା ଭାଇରସ ଏବେ ବ୍ରିଟେନ୍, ଇଟାଲୀ, ଭାରତ, ଫିଲିପାଇନ୍ସ, ଫିନ୍‌ଲ୍ୟାଣ୍ଡ, ୟୁଏଇ, ଜର୍ମାନୀ, ଶ୍ରୀଲଙ୍କା, କାମ୍ବୋଡିଆ, କାନାଡା, ମାଲେସିଆ, ଅଷ୍ଟ୍ରେଲିଆ, ନେପାଳ, ଫ୍ରାନ୍ସ, ଭିଏତନାମ, ସିଙ୍ଗାପୁର, ହଂକଂ, ମକାଉ, ତାଇୱାନ, ଆମେରିକା, ଦକ୍ଷିଣ କୋରିଆ, ଜାପାନ ଏବଂ ଥାଇଲାଣ୍ଡରେ ପହଞ୍ଚି ସାରିଛି । କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ଏବେ ସୁଦ୍ଧା ୧୫୨୭ଜଣଙ୍କ ସ୍ୱାସ୍ଥ୍ୟବସ୍ଥା ଅତ୍ୟନ୍ତ ଗୁରୁତର ରହିଛି । ଚୀନ୍‌ରେ ୧୭୧ଜଣ ଚିକିତ୍ସା ପରେ ହସ୍ପିଟାଲରୁ ଘରକୁ ଫେରିଛନ୍ତି । ହୁବେଇ ପ୍ରଦେଶରେ ଗୋଟିଏ ଦିନରେ ୪୨ଜଣଙ୍କର ମୃତ୍ୟୁ ହୋଇଯାଇଛି । ଏଠାରେ ୧୨୨୦ ନୂଆ ମାମଲା ସାମ୍ନାକୁ ଆସିଛି । ଏହି ଭାଇରସ ବିଭିନ୍ନ ଦେଶକୁ ବ୍ୟାପୁଥିବାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ପକ୍ଷରୁ ଗ୍ଲୋବାଲ ହେଲ୍‌ଥ ଏମର୍ଜେନ୍ସି ଘୋଷଣା କରାଯାଇଛି । ଚୀନ୍ ବିରୋଧରେ ଅଭିଯୋଗ ହୋଇଛି ଯେ, ଅନ୍ୟ ଦେଶକୁ ଭାଇରସ ଯେଭଳି ନ ବ୍ୟାପିବ ସେଥିପାଇଁ ଚୀନ୍ ଉଚିତ୍ ପଦକ୍ଷେପ ନେଇନାହିଁ । ଭାଇରସ ନିବାରଣ ନେଇ ମଧ୍ୟ ଚୀନ୍ ଆବଶ୍ୟକ ଔଷଧ ଓ ଟିକା ପ୍ରସ୍ତୁତ କରିବାରେ ମଧ୍ୟ ବିଫଳ ହୋଇଛି । ଏଥିପାଇଁ ଚୀନ୍ ବିରୋଧରେ ହୁ କଡା ପଦକ୍ଷେପ ନେଇଛି । କରୋନା ଭାଇରସ ଦିନକୁ ଦିନ ଅତି ଭୟଙ୍କର ରୂପ ନେଉଥିବା ବେଳେ ଏହାକୁ ରୋକିବା ପାଇଁ କୌଣସି ଔଷଧ ନାହିଁ । ତେବେ କରୋନା ଭାଇରସର ମୁକାବିଲା ପାଇଁ ବିଶ୍ୱବ୍ୟାପୀ ମେଡିକାଲ ବିଶେଷଜ୍ଞ ଏବଂ ବୈଜ୍ଞାନିକଙ୍କ ଦ୍ୱାରା ଔଷଧ ଓ ଇଞ୍ଜେକ୍ସନ ବାହାର କରିବା ନିମନ୍ତେ ପ୍ରୟାସ ଜାରି ରହିଛି ।

ଚୀନ୍‌ରୁ ଫେରୁଥିବା ଭାରତୀୟଙ୍କ ପାଇଁ ଏବେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଚୀନ୍‌ରୁ ଏୟାର ଇଣ୍ଡିଆର ସ୍ୱତନ୍ତ୍ର ବିମାନରେ ଭାରତ ଫେରୁଥିବା ଭାରତୀୟଙ୍କ ପାଇଁ ସେନା ଏବଂ ଆଇଟିବିପି ଦ୍ୱାରା ସ୍ୱତନ୍ତ୍ର ବ୍ୟବସ୍ଥାମାନ କରାଯାଇଛି । ହରିଆଣାର ମନେସରରେ ଭାରତୀୟ ଚିକିତ୍ସା ପାଇଁ ସେନା ଦ୍ୱାରା ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ୩ଶହ ଲୋକଙ୍କୁ ସ୍ୱତନ୍ତ୍ର ନିରୀକ୍ଷଣ ପାଇଁ ରଖାଯିବାର ମଧ୍ୟ ବନ୍ଦୋବସ୍ତ ହୋଇଛି । ଚୀନ୍‌ରୁ ଫେରୁଥିବା ଭାରତୀୟମାନେ ଏଠାରେ ପହଞ୍ଚିବା ପରେ ଏଏଚ୍‌ଓ (ଏୟାରପୋର୍ଟ ହେଲ୍‌ଥ ଅଥୋରିଟ୍) ଏବଂ ଏଏଫ୍‌ଏମ୍‌ଏସ୍ (ଆର୍ମ ଫୋର୍ସେସ୍ ମେଡିକାଲ ସର୍ଭିସେସ)ର ମିଳିତ ଟିମ୍ ଦ୍ୱାରା ବିମାନ ବନ୍ଦରରେ ଭଲ ଭାବେ ଯାଞ୍ଚ କରାଯିବ । ଯେଉଁମାନଙ୍କ ନିକଟରେ କରୋନା ଭାଇରସର ଲକ୍ଷଣ ଦେଖାଯିବ ସେମାନଙ୍କୁ ଏହି ସ୍ୱତନ୍ତ୍ର ବ୍ୟବସ୍ଥାରେ ୨ ସପ୍ତାହ ପାଇଁ ରଖାଯିବ । ସ୍ୱତନ୍ତ୍ର ଡାକ୍ତରୀ ଦଳ ଏବଂ ମେଡିକାଲ କର୍ମୀ ଏମାନଙ୍କୁ ଚିକିତ୍ସା କରିବେ । ସ୍କ୍ରିନିଂ ସମୟରେ ଭାରତୀୟଙ୍କୁ ୩ ଭାଗରେ ବିଭକ୍ତ କରାଯିବ ।


➤ ପୃ-୬

### ନିଷିଦ୍ଧ ହେଲା ପରେବି ଚାଲିଛି ପଲିଥିନ୍ ବ୍ୟବହାର

## ମାନୁନାହାନ୍ତି କଟକଣା



**ଭୁବନେଶ୍ୱର, (ତାରକ ମହାନ୍ତି) :** ପ୍ରଦୂଷଣ ଜନିତ ସମସ୍ୟାକୁ ନେଇ ସମସ୍ତେ ଚିନ୍ତିତ ଥିଲା ବେଳେ ଏଥିରୁ ମୁକ୍ତି ପାଇବାକୁ ବାଟ ଖୋଜୁଛନ୍ତି ସରକାର । ଯେଉଁଥିପାଇଁ ଗତ ୨ବର୍ଷ ତଳୁ ରାଜ୍ୟ ସରକାର ପଲିଥିନ୍ ବ୍ୟବହାର ଉପରେ ରୋକ୍ ଲଗାଇଥିଲେ । ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଏନେଇ ବେଶ୍ ତନାଘନା ଚାଲିଲା । କିଛିଦିନ ଦୋକାନ ଦୋକାନ ବୁଲି ବିଏମ୍‌ସି ଅଧିକାରୀମାନେ ଫାଇନ୍ ବି କାଟିଲେ । ହେଲେ ଏବେ ଯେଉଁ କଥାକୁ ସେଇ କଥା । ପରିବା ଦୋକାନ ହେଉ କି ଫଳ ଦୋକାନ, ମାଛ ଦୋକାନ ହେଉ କି ମାଂସ ଦୋକାନ ସବୁଠି ପଲିଥିନ୍ ବ୍ୟବହାର ହେଉଛି । କଟକଣା ଲାଗୁ ହେବା ପରେ ଦୋକାନୀମାନେ ଗ୍ରାହକଙ୍କୁ ପଲିଥିନ୍ ନାହିଁ ବୋଲି କହୁଥିବା ବେଳେ ବର୍ତ୍ତମାନ ସେ କଥାଟିକୁ ସମ୍ପୂର୍ଣ୍ଣ ଭୁଲି ଗଲେଣି । ମାଳ ମାଳ ପଲିଥିନ୍ ଦୋକାନ ଏବେ ଖୋଲାମେଲାରେ ଚାଲିଥିଲେ ବି ଏଥିପ୍ରତି ପ୍ରଶାସନର ନିଘା ନାହିଁ । ଯଦିଓ କିଛି ଦୋକାନରେ ପତଳା କପଡା ବ୍ୟାଗ୍‌ର ବ୍ୟବହାର ଆରମ୍ଭ ହୋଇଛି ତଥାପି ଏହା ପର୍ଯ୍ୟାପ୍ତ ନୁହେଁ । ବରଂ ଚୋରା ପଲିଥିନ୍ ବେପାରୀଙ୍କର ଲାଭ ହେଉଛି । କାରଣ ଯେଉଁ ପଲିଥିନ୍ ବ୍ୟାନ୍ ପୂର୍ବରୁ ଶସ୍ତାରେ ମିଳୁଥିଲା ତାହା ଏବେ ଦ୍ୱିଗୁଣ ହୋଇଯାଇଛି । ପୂର୍ବଭଳି ବିଏମ୍‌ସି ଆଉ ପଲିଥିନ୍ ବ୍ୟବହାରକାରୀଙ୍କ ଉପରେ ଚଢ଼ଉ କରୁନାହିଁ । ବଡ ଦୋକାନ ଅପେକ୍ଷା କ୍ଷୁଦ୍ର ତଥା ଉଠା ଦୋକାନୀମାନେ ବ୍ୟାପକ ପଲିଥିନ୍ ବ୍ୟବହାର କରୁଛନ୍ତି । ରାଜ୍ୟରେ କେଉଁ କେଉଁ ସଂସ୍ଥା ପଲିଥିନ୍ ତିଆରି କରୁଛନ୍ତି ତାହା ଉପରେ ମଧ୍ୟ ସରକାରଙ୍କ ନିୟନ୍ତ୍ରଣ ନଥିଲା ଭଳି ଜଣାପଡୁଛି । ଯେଉଁଥିପାଇଁ ଅବାଧରେ ସବୁ ଦୋକାନରେ ମିଳିପାରୁଛି ପଲିଥିନ୍ । ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ପୂର୍ବ ଭଳି ସକ୍ରିୟ ନଥିବାରୁ ଏହାର ସୁଯୋଗ ନେଇ ବେପାରୀମାନେ ନିର୍ବିଘ୍ନରେ ପଲିଥିନ୍‌ରେ ଜିନିଷ ବିକ୍ରି କରି ଚାଲୁଛନ୍ତି । ସରକାରଙ୍କ ପଲିଥିନ୍ ବେଆଇନ ଘୋଷଣା ପରେ ଏହାକୁ ପ୍ରସ୍ତୁତ କରୁଥିବା ୟୁନିଟ୍ ଗୁଡିକୁ ଏଯାବତ୍ ସିଲ୍ କରାଯାଇ ନଥିବା ସୂଚନା ମିଳୁଛି । କେବଳ ପଲିଥିନ୍ ନୁହେଁ ପାନ ଦୋକାନଠୁ ଆରମ୍ଭ କରି ଚା ଦୋକାନ ପର୍ଯ୍ୟନ୍ତ ସବୁଠି ପତଳା ପ୍ଲାଷ୍ଟିକ୍ ଗ୍ଲାସ୍ ମିଳୁଛି । ବିଶେଷକରି ମଦ ଦୋକାନ ଥିବା ଅଞ୍ଚଳ ଗୁଡିକରେ ପ୍ଲାଷ୍ଟିକ୍ ଗ୍ଲାସର ବ୍ୟବହାର ବ୍ୟାପକ ହୋଇଥିଲା ବେଳେ ରାସ୍ତାଘାଟରେ ମାଳ ମାଳ ଅଇଁଠା ଗ୍ଲାସ ଗଡୁଛି । ଯାହା ପରିବେଶକୁ ପ୍ରଦୂଷିତ କରିବା ସହିତ ପଲିଥିନ୍ ବ୍ୟାନ୍ ଆଇନକୁ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରୁଛି । ପଲିଥିନ୍ ବଦଳରେ କାଗଜ ଓ କପଡା ବ୍ୟାଗ୍‌ର ପ୍ରଚଳନକୁ ଗୁରୁତ୍ୱ ଦିଆଯାଇଥିଲେ ବି ଏହାକୁ ବ୍ୟବସାୟୀମାନେ ମାନୁନାହାନ୍ତି । ଏହାର କାରଣ ହେଲା ପଲିଥିନ୍ ବହୁ ଶସ୍ତାରେ ମିଳୁଥିଲା ବେଳେ କପଡା ଓ କାଗଜ ବ୍ୟାଗ୍ ମହଙ୍ଗା ପଡୁଛି । ତେଣୁ ବ୍ୟବସାୟୀମାନେ ନିଜର ମୁନାଫା ପାଇଁ ପଲିଥିନ୍ ବ୍ୟବହାର ଉପରେ ଗୁରୁତ୍ୱ ଦେଉଥିବା ଜଣାପଡିଛି । ତେବେ ପ୍ରଶ୍ନ ଉଠୁଛି ସରକାର ଆଇନ କରି ଚୁପ୍ ରହିବା ଫଳରେ ବେପାରୀମାନେ ଏଭଳି କରୁଛନ୍ତି । ତେଣୁ ନିୟମିତ କାର୍ଯ୍ୟାନୁଷ୍ଠାନ ନହେବା ପର୍ଯ୍ୟନ୍ତ ପଲିଥିନ୍ ବ୍ୟାନ୍ ଏକ ପ୍ରହସନ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।



## ସିଏଏ ଐତିହାସିକ : ରାଷ୍ଟ୍ରପତି

**ନୂଆଦିଲ୍ଲୀ :** ସଂସଦରେ ବଜେଟ୍ ଅଧିବେଶନ ଆରମ୍ଭ ହୋଇଛି । ପ୍ରଥମ ଦିନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସେଣ୍ଟ୍ରାଲ ହଲରେ ଉଭୟ ସଦର ସଦସ୍ୟଙ୍କୁ ସମ୍ବୋଧନ କରିଛନ୍ତି । ରାଷ୍ଟ୍ରପତି ତାଙ୍କ ଉଦ୍‌ବୋଧନରେ ସରକାରଙ୍କୁ ବିବାଦୀୟ ସିଏଏ ପ୍ରସଙ୍ଗରେ ପ୍ରଶଂସା କରିବା ବେଳେ ବିରୋଧୀ ଦଳ ଗୁଡିକ ଏହାର ପ୍ରତିବାଦ କରିଥିଲେ । ସିଏଏକୁ ନେଇ ସାରା ଦେଶରେ ବିକ୍ଷୋଭ ଜାରି ରହିଛି । ଏହି କାରଣରୁ ଆଜି ସିଏଏ ଓ ଏନ୍‌ଆରସିକୁ ବିରୋଧ କରି କଂଗ୍ରେସ ସାଂସଦମାନେ ହାତରେ କଳାପଟି ବାନ୍ଧିଥିଲେ । ସେହିପରି ଗାନ୍ଧିମୂର୍ତ୍ତି ତଳେ ମଧ୍ୟ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧିଙ୍କ ନେତୃତ୍ୱରେ ବିକ୍ଷୋଭ କରିଥିଲେ । ରାଷ୍ଟ୍ରପତି ତାଙ୍କ ଉଦ୍‌ବୋଧନରେ ସରକାରଙ୍କ ସଫଳତା ବଖାଣିଛନ୍ତି । ସେ କହିଛନ୍ତି, ଜାତିର ପିତା ମହାତ୍ମା ଗାନ୍ଧି କହିଥିଲେ ବିଭାଜନ ପରେ ଯଦି ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନର ସଂଖ୍ୟାଲଘୁମାନେ

➤ ପୃ-୬

## ଜିଏସ୍‌ଟି ବଢ଼ିଲା, ଜିଡିପି କମିଲା

**ନୂଆଦିଲ୍ଲୀ :** ୨୦୧୮-୧୯ ଆର୍ଥିକ ବର୍ଷର ଜିଡିପି ତଥ୍ୟରେ କେନ୍ଦ୍ର ସରକାର ସଂଶୋଧନ କରିଛନ୍ତି । ଅଭିବୃଦ୍ଧି ୬.୮% ରହିବା ନେଇ ସରକାର ପୂର୍ବରୁ ଆକଳନ କରିଥିଲେ । କିନ୍ତୁ ସଂଶୋଧିତ ଆକଳନରେ ଏହାକୁ ୬.୧%କୁ କମାଇ ଦିଆଯାଇଛି । ଖଣି, ବିନିର୍ମାଣ ଓ କୃଷି କ୍ଷେତ୍ରର ଖରାପ ପ୍ରଦର୍ଶନ ଯୋଗୁ ଜିଡିପି କମିଛି ବୋଲି କେନ୍ଦ୍ରୀୟ ପରିସଂଖ୍ୟାନ ସଂଗଠନ ସୂତ୍ରରୁ ସୂଚନା ମିଳିଛି । ଅନ୍ୟପକ୍ଷରେ ୨୦୨୦ ଜାନୁଆରୀ ମାସରେ ଦେଶରେ ଜିଏସ୍‌ଟି ଆଦାୟ ପରିମାଣ ୧ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି ।

### ବକ୍ରବାଣୀ




ଅନେଇ ବଇଚି ଖରାଦିନକୁ
ମୁହେଁ ଲଗେଇବି ଦେହଝାଳକୁ
କାଳିଆ ମୁହଁଟା ଗୋରା ଦିଶିବି
ଯୁବାବସ୍ଥା ମୋର ପୁଣି ଆସିବ
ସ୍ନୋ ପାଉଡର ଫିଙ୍ଗି ଦେଇକି
ରାଇଜେ ବୁଲିବି ହିରୋ ହେଇକି
ସତର ବର୍ଷିଆ ଲାଗିବି ମୁଁଇ
କନିଆଁ ଖୋଜିବି ମୋଅରି ପାଇଁ
ଯେ ଗୁଢ଼ କଥାଟି ରଖିବ ମନେ
କାମରେ ଆସିବ ଦିନେ ନା ଦିନେ ।

—— ଟୁଟୁ

## 'ଆସାମର ଏକତା ଓ ଅଖଣ୍ଡତାକୁ ସୁଦୃଢ଼ କରିବ'


### ବୋଡ଼ୋ ରାଜିନାମା



**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୋଡ଼ୋ ରାଜିନାମାକୁ ଆସାମର ଶାନ୍ତି ଓ ବିକାଶ ଲାଗି ଏକ ଐତିହାସିକ ଅଧ୍ୟାୟ ଭାବେ ଅଭିହିତ କରିଛନ୍ତି । ବୋଡ଼ୋ ରାଜିନାମାକୁ ପ୍ରଶଂସା କରି ସେ କହିଛନ୍ତି ଯେ ଏହା 'ସବକା ସାଥ, ସବକା ବିକାଶ ଓ ସବକା ବିଶ୍ୱାସ'ର ମନ୍ତ୍ର ଏବଂ 'ଏକ ଭାରତ-ଶ୍ରେଷ୍ଠ ଭାରତ' ଭାବନା ଦ୍ୱାରା ଅନୁପ୍ରାଣିତ । ଏକାଧିକ ଟ୍ୱିଟ ମାଧ୍ୟମରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପୂଜ୍ୟ ବାପୁଙ୍କ ପୁଣ୍ୟତିଥି ଅବସରରେ ସାରା ଦେଶ ତାଙ୍କୁ ସ୍ମରଣ କରୁଥିବା ସମୟରେ ଆସାମ ଶାନ୍ତି ଓ ବିକାଶର ଏକ ଐତିହାସିକ ପର୍ଯ୍ୟାୟରେ ପାଦ ଥାପୁଛି । ୫୦ ବର୍ଷର ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟି ଆମ ବୋଡ଼ୋ ବନ୍ଧୁମାନଙ୍କ ପାଇଁ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି । ଏହା ଆସାମର ଏକତାକୁ ସୁଦୃଢ଼ କରିବ ଏବଂ ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବା ସହ ଏକ ଉଜ୍ଜ୍ୱଳ ଭବିଷ୍ୟତ ଲାଗି ମାର୍ଗ ପ୍ରଶସ୍ତ କରିବ । ବୋଡ଼ୋ ସଂଗଠନଗୁଡ଼ିକ ସହିତ ଏହି ଐତିହାସିକ ରାଜିନାମା ସ୍ୱାକ୍ଷରିତ ହେବା ଫଳରେ ବୋଡ଼ୋ ଅଞ୍ଚଳର ବିକାଶ ଆମ ସରକାରଙ୍କ ପ୍ରମୁଖ ପ୍ରାଥମିକତା ହେବ । ୧୫୦୦ କୋଟି ଟଙ୍କାର ବଡ଼ ପ୍ୟାକେଜରେ କାର୍ଯ୍ୟ ଆରମ୍ଭ ହୋଇସାରିଛି । ସହଜ ଜୀବନ

➤ ପୃ-୬

## ମୋ ସରକାର କାମରେ ବିଶ୍ୱାସ କରେ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ଆନନ୍ଦପୁର ବ୍ୟାରେଜ ଶିଳାନ୍ୟାସ କରିବାକୁ ୨୦୦୯ରେ ଆସିଥିଲି । ଆଜି ସେହି ବ୍ୟାରେଜ୍ ଉଦ୍‌ଘାଟନ କରି ମତେ ବହୁତ ଖୁସି ଲାଗୁଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏଥିସହ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମୋ ସରକାର କଥାରେ ନୁହେଁ, କାମରେ ବିଶ୍ୱାସ କରେ । କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ଆନନ୍ଦପୁର ବ୍ୟାରେଜ ଉଦ୍‌ଘାଟନ କରିବା ସହିତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । 'ଜାଗା ମିଶନ' କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ଜମି ପ୍ରମାଣପତ୍ର ପ୍ରଦାନ କରିବା ସହିତ ଆନନ୍ଦପୁରସ୍ଥିତ ବିଏନ୍ ହାଇସ୍କୁଲର ପ୍ଲାଟିନମ ଜୁବୁଲି ସମାରୋହରେ ଉଦ୍‌ବୋଧନ ଦେଇଥିଲେ । ଆନନ୍ଦପୁର ଷ୍ଟାଡିୟମଠାରେ ଆୟୋଜିତ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଆନନ୍ଦପୁର ଆସି ସେ ଖୁସି ଅନୁଭବ କରୁଛନ୍ତି । ଆନନ୍ଦପୁର ବ୍ୟାରେଜ ଉଦ୍‌ଘାଟନ ହେବା ଫଳରେ ଚାଷୀମାନେ ବହୁ ମାତ୍ରାରେ ଉପକୃତ ହୋଇପାରିବେ । କୃଷି ଓ କୃଷକର ଉନ୍ନତି ପାଇଁ ସରକାର ବହୁବିଧ ପଦକ୍ଷେପ ନେଉଛନ୍ତି । ବିଭିନ୍ନ କ୍ଷେତ୍ରରେ ବର୍ତ୍ତମାନ ଓଡ଼ିଶା ଆଗେଇ ଚାଲିଛି । ଓଡ଼ିଶା ସମଗ୍ର ଭାରତରେ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛି । ଓଡ଼ିଶାର ବିକାଶକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କର ସକ୍ରିୟ ସହଯୋଗ ଅବ୍ୟାହତ ରଖିବାକୁ ଆହ୍ୱାନ ଜଣାଇଥିଲେ । ଆନନ୍ଦପୁର ବିଧାୟକ ଭାଗିରଥି ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ଓଡ଼ିଶା ଜଳସଂପଦ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଇଂ ପ୍ରେମାନନ୍ଦ ନାୟକ,କେନ୍ଦୁଝର ଲୋକସଭା

➤ ପୃ-୬

## ପାଣି ପଞ୍ଚାୟତଗୁଡିକ ଉତ୍ତର ଦାୟିତ୍ୱ ନିର୍ବାହ କରନ୍ତୁ



**ଭୁବନେଶ୍ୱର :** ପାଣି ପଞ୍ଚାୟତଗୁଡିକ ଚାଷୀ ଭାଇଭଉଣୀମାନଙ୍କର ଗୋଟିଏ ଗୋଟିଏ ସଂଗଠିତ ସଂଗଠନ । ରାଜ୍ୟ ସରକାର ପାଣିପଞ୍ଚାୟତ ଜରିଆରେ ଉପଲବ୍ଧ ଜଳର ଉପଯୁକ୍ତ ବିନିଯୋଗ କରି କୃଷି ଓ କୃଷକର ଅର୍ଥନୈତିକ ବିକାଶ ପାଇଁ ଲକ୍ଷ୍ୟ ରଖିଛନ୍ତି । ସେହି ଦାୟିତ୍ୱକୁ ନିଷ୍ଠାର ସହିତ ନିର୍ବାହ କରିବାକୁ ରାଜ୍ୟ ଜଳ ସଂପଦ, ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ରାଜ୍ୟର ପାଣି ପଞ୍ଚାୟତ ସଦସ୍ୟ ସଦସ୍ୟାମାନଙ୍କୁ ଆହ୍ୱାନ ଦେଇଛନ୍ତି । ସ୍ଥାନୀୟ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟସ୍ଥ ଡଃ. ଏମ.ଏସ. ସ୍ୱାମୀନାଥନ୍ ହଲ୍ ଠାରେ ରାଜ୍ୟ ଜଳସମ୍ପଦ ବିଭାଗ ତରଫରୁ ଆୟୋଜିତ ପାଣି ପଞ୍ଚାୟତ ପକ୍ଷ ପାଳନ ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଦାସ ଏହା କହିଛନ୍ତି । ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଶ୍ରୀ ଦାସ କହିଲେ ଯେ, ରାଜ୍ୟ ସରକାର ଜଳସେଚନ ପାଇଁ ବିଭିନ୍ନ ଯୋଜନାରେ ପ୍ରକଳ୍ପ ନିର୍ମାଣ କରି ଉଦ୍ଦିଷ୍ଟ ପ୍ରକଳ୍ପର ରକ୍ଷଣାବେକ୍ଷଣ ଦାୟିତ୍ୱ ପାଣି ପଞ୍ଚାୟତ ଉପରେ ନ୍ୟସ୍ତ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ମିଳୁଥିବା ଜଳକୁ ଉପର, ମଝି ଓ ତଳ ମୁଣ୍ଡରେ ଥିବା ଚାଷଜମିଗୁଡିକୁ ଠିକ୍ ଭାବରେ ପହଞ୍ଚାଇବା ପାଇଁ ପାଣି ପଞ୍ଚାୟତର ସଦସ୍ୟମାନେ ପରସ୍ପର ସହିତ ବୁଝାମଣା କରି କାର୍ଯ୍ୟକରିବାକୁ ମନ୍ତ୍ରୀ ଶ୍ରୀ ଦାସ କହିଥିଲେ । ସେହିପରି ରାଜ୍ୟରେ ଥିବା ୨୭୦୦୦ରୁ ଉର୍ଦ୍ଧ୍ୱ ଉଠା ଜଳସେଚନ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତାବେଳେ କେତେକ କ୍ଷେତ୍ରରେ ଯେଉଁ ସବୁ ଛୋଟ ଛୋଟ ସମସ୍ୟା ରହିଛି, ସେସବୁକୁ ବିଭାଗୀୟ ଅଧିକାରୀ ଓ ପାଣି ପଞ୍ଚାୟତ ସଦସ୍ୟମାନେ ସମନ୍ୱୟ ରଖି କାର୍ଯ୍ୟକଲେ ତାହା ସମାଧାନ ହେବା ସହିତ କୃଷକଙ୍କର ଆର୍ଥିକ ମାନଦଣ୍ଡର ବିକାଶ ଘଟିବ ବୋଲି ମନ୍ତ୍ରୀ ଶ୍ରୀ ଦାସ ପ୍ରକାଶ କରିଥିଲେ । ରାଜ୍ୟ ସରକାରଙ୍କ '୫-ଟି' ମନ୍ତ୍ର ଆଧାରରେ ସବୁ କାର୍ଯ୍ୟ ଠିକ୍ ସମୟରେ ଠିକ୍ ଭାବରେ କରିବାକୁ ମନ୍ତ୍ରୀ ଶ୍ରୀ ଦାସ ଗୁରୁତ୍ୱ ଦେଇଥିଲେ । ରାଜ୍ୟ ଜଳ ସଂପଦ ବିଭାଗ ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର ଉତ୍ସବରେ ପୌରହିତ୍ୟ କରି କହିଲେ ଯେ, କୃଷି ଉତ୍ପାଦନ ବୃଦ୍ଧି ପାଇଁ ଜଳସେଚନ ଅପରିହାର୍ଯ୍ୟ । କିନ୍ତୁ ଅନିୟମିତ ମୌସୁମୀ ଚିନ୍ତାର କାରଣ ହୋଇଛି । ଜଳର ବ୍ୟବହାରିକ ପରିବର୍ତ୍ତନ ପ୍ରତି ଦୃଷ୍ଟି ଦେଇ ପାଣି ପଞ୍ଚାୟତର ସଦସ୍ୟ, ସଦସ୍ୟମାନଙ୍କ ସହଯୋଗରେ ସହଭାଗୀ ଜଳସେଚନ ବ୍ୟବସ୍ଥା ପାଇଁ ଓଡିଶା ସରକାର ଜାତୀୟ ସ୍ତରରେ ପୁରସ୍କୃତ ହୋଇଛନ୍ତି । ଆମ ରାଜ୍ୟରେ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏବଂ ପାଣି ପଞ୍ଚାୟତଗୁଡିକ ଜରିଆରେ ଜଳସେଚନର ବିକାଶ କରାଯାଉଛି । ଗଣତାନ୍ତ୍ରିକ ପ୍ରକ୍ରିୟାରେ ଗଠିତ ଗ୍ରାମୀଣ ସଂଗଠନ ଭାବରେ ପାଣି ପଞ୍ଚାୟତ ଜରିଆରେ କୃଷକମାନଙ୍କର ଦକ୍ଷତାର ବିକାଶ ଓ ସଶକ୍ତିକରଣ ହୋଇପାରିଛି ବୋଲି ପ୍ରମୁଖ ଶାସନ ସଚିବ ଶ୍ରୀ କୁମାର

➤ ପୃ-୬



## କେମିତି କଟିବ ଏ ସପ୍ତାହ

**ମେଷ** - କାର୍ଯ୍ୟକ୍ଷେତ୍ରରେ ତଳିଆ କର୍ମଚାରୀଙ୍କ ସହ ବିବାଦ ଉପୁଜିପାରେ। ପରିବାରରେ ଅଶାନ୍ତି ଦେଖାଦେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ବିଫଳ ହୋଇପାରନ୍ତି। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପାଇବେ। କଳାକାରମାନେ ଯଶ ଅର୍ଜନ କରିବେ।

**ବୃଷ** - କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ସମ୍ଭାବନା ରହିଛି। ଶାରୀରିକ ସୁସ୍ଥତା ଅନୁଭବ କରିବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ଅର୍ଥନୈତିକ ପରିସ୍ଥିତି ସୁଧୁରିବ। ଜମିଜମା ବିବାଦ ଲାଗିରହିବ। ରାଜନୀତିରେ ଶୁଭଫଳ ପାଇବେ।

**ମିଥୁନ** - କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ନୂଆ ଗାଡି କିଣିବା ପାଇଁ ମନ ବଳିବ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ ଉନ୍ନତି ହେବ।

**କର୍କଟ** - ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ବଦଳି ହୋଇପାରେ। ଗୃହରେ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ଶୁଭଫଳ ପାଇବେ।

**ସିଂହ** - ଆର୍ଥିକ ସ୍ୱଚ୍ଛତା ଦେଖାଦେବ। ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଅଧିକ ନମ୍ବର ରଖି ପାସ୍ କରିବେ। ଦୀର୍ଘ ଦିନରୁ ଲାଗିରହିଥିବା ବିବାଦ ଲାଗି ରହିବ। ରାଜନୈତିକ ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ରହିବ।

**କନ୍ୟା** - ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ମଧ୍ୟ କୃତିତ୍ୱ ଅର୍ଜନ କରିବେ। ପରିବାର ସହିତ ଧାର୍ମିକ କାର୍ଯ୍ୟକ୍ରମକୁ ଯାଇପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ।

**ତୁଳା** - ଧାର୍ମିକ ଓ ଆଧ୍ୟାତ୍ମିକ ସମ୍ବନ୍ଧରେ ରୁଚି ବୃଦ୍ଧି ହେବ। ନୂତନ କର୍ମରେ ଯୋଗ ଦେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ଉପୁଜିପାରେ। ରାଜନୀତିରେ ବିପଦ ବଢ଼ିବ। ବ୍ୟବସାୟରେ ଶୁଭଫଳ ପାଇବେ।

**ବିଛା** - ଚାକିରିରେ ପଦୋନ୍ନତି ଘଟିବ। ପାରିବାରିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଅସୁସ୍ଥତା ଲାଗି ରହିପାରେ। ଅତିଥି ସେବାରେ ସମୟ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ।

**ଧନୁ** - ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବନ୍ଧୁଙ୍କ ଠାରୁ ସହଯୋଗ ପାଇବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ତୀର୍ଥଯାତ୍ରା କରିବାର ସୁଯୋଗ ରହିଛି।

**ମକର** - ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଆସିପାରେ। କୋର୍ଟକଚେରୀ ମାମଲାର ସମାଧାନ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ ହେବେ।

**କୁମ୍ଭ** - କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଭଲ ଫଳ ମିଳିବ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ହେବ। ବିଦେଶ ଯାତ୍ରାରୁ ବଞ୍ଚିତ ହେବେ। ବ୍ୟବସାୟରେ ଲାଭବାନ୍ ହେବେ।

**ମୀନ** - ଗୃହରେ ବୃଦ୍ଧଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରିବ। ଛାତ୍ରଛାତ୍ରୀମାନେ ଶୁଭଫଳ ପାଇବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ବିଦେଶ ଭ୍ରମଣର ସୁଯୋଗ ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

### ଏମ୍‌ଟିପି ବିଲ୍‌କୁ କ୍ୟାବିନେଟ ମଞ୍ଜୁରି

# ଏଣିକି ୨୪ ସପ୍ତାହରେ ହୋଇପାରିବ ଗର୍ଭପାତ



**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଚିକିତ୍ସା ପଦ୍ଧତିରେ ଗର୍ଭପାତ ଆଇନ ୧୯୭୧ରେ ସଂଶୋଧନ ଆଣିବା ଉଦ୍ଦେଶ୍ୟରେ ଚିକିତ୍ସା ପଦ୍ଧତିରେ ଗର୍ଭପାତ (ସଂଶୋଧନ) ବିଲ ୨୦୨୦ ଆଗତ କରିବା ପ୍ରସ୍ତାବକୁ ମଞ୍ଜୁରି ଦେଇଛନ୍ତି। ଏହି ବିଲ ସଂସଦର ଆଗାମୀ ଅଧିବେଶନରେ ଉପସ୍ଥାପନ କରାଯିବ। ଗର୍ଭାବସ୍ଥାର ୨୦ ସପ୍ତାହ ପର୍ଯ୍ୟନ୍ତ ଗର୍ଭପାତ କରାଇବା ଲାଗି ଜଣେ ଚିକିତ୍ସକଙ୍କ ପରାମର୍ଶ ନେବାର ଆବଶ୍ୟକତା ଏବଂ ଗର୍ଭାବସ୍ଥାର ୨୦ରୁ ୨୪ ସପ୍ତାହ ମଧ୍ୟରେ ଗର୍ଭପାତ କରାଇବା ଲାଗି ୨ଜଣ ଚିକିତ୍ସକଙ୍କ ପରାମର୍ଶ ନେବା ଜରୁରୀ ହେବ। ସ୍ୱତନ୍ତ୍ର ଧରଣର ମହିଳାଙ୍କ ପାଇଁ ଗର୍ଭପାତ ଲାଗି ଗର୍ଭାବସ୍ଥାର ସୀମା ୨୦ ରୁ ବୃଦ୍ଧି କରି ୨୪ ସପ୍ତାହ କରିବା ଲାଗି ବିଲରେ ପ୍ରସ୍ତାବ ରହିଛି । ତେବେ ନିୟମରେ ସଂଶୋଧନ ଅଣାଯାଇ ଏପରି ମହିଳାମାନଙ୍କୁ ସ୍ୱତନ୍ତ୍ର ତାଲିକାରେ ସାମିଲ କରାଯିବ। ଏମାନଙ୍କ ମଧ୍ୟରେ ଦୁଷ୍କର୍ମ ପୀଡିତା, ସମ୍ପର୍କୀୟମାନଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୋଇଥିବା ଏବଂ ଦିବ୍ୟାଙ୍ଗ ଓ ନାବାଳିକାଙ୍କ ଭଳି ଅସୁରକ୍ଷିତ ମହିଳାମାନଙ୍କୁ ଏଥିରେ ସାମିଲ କରାଯିବ। ମେଡିକାଲ ବୋର୍ଡଦ୍ୱାରା ଯାଂଚ ପରେ ଶାରୀରିକ ଭ୍ରୁଣ ସମ୍ବନ୍ଧୀୟ ବିଷମତା କ୍ଷେତ୍ରରେ ଗର୍ଭାବସ୍ଥାର ଉପରିସ୍ଥ ସୀମା ଲାଗୁ ହେବ ନାହିଁ। ମେଡିକାଲ ବୋର୍ଡର ସଂଗଠକ, କାର୍ଯ୍ୟ ଓ ଅନ୍ୟାନ୍ୟ ବିବରଣୀ ଆଇନର ନିୟମ ଅନ୍ତର୍ଗତ ନିର୍ଦ୍ଧାରଣ କରାଯିବ। ଯେଉଁ ମହିଳାଙ୍କ ଗର୍ଭପାତ ହେବ ତାଙ୍କର ନାମ ଓ ଅନ୍ୟାନ୍ୟ ସୂଚନା ଆଇନ ଅନୁଯାଇ ନିର୍ଦ୍ଧାରିତ ବିଶେଷ ବ୍ୟକ୍ତିଙ୍କ ବ୍ୟତିତ ଅନ୍ୟ କାହା ସମ୍ମୁଖରେ ପ୍ରକାଶ କରାଯିବ ନାହିଁ। ମହିଳାଙ୍କ ଲାଗି ଚିକିତ୍ସାତ୍ମକ, ସୁପ୍ରଜନନ, ମାନବୀୟ ତଥା ସାମାଜିକ ଆଧାରରେ ସୁରକ୍ଷିତ ଏବଂ ବୈଧ ଗର୍ଭପାତ ସେବାର ସମ୍ପ୍ରସାରଣ କରିବା ଲାଗି ଚିକିତ୍ସା ପଦ୍ଧତି ଗର୍ଭପାତ ସଂଶୋଧନ ବିଲ ୨୦୨୦ ଅଣାଯାଉଛି । ପ୍ରସ୍ତାବିତ ସଂଶୋଧନରେ କେତେକ ଉପଧାରାକୁ ସ୍ଥାନିତ କରିବା, ବର୍ତମାନର ଗର୍ଭପାତ ଆଇନ ୧୯୭୧ରେ ନିର୍ଦ୍ଧାରିତ ସର୍ତ୍ତ ସହିତ ଗର୍ଭପାତ ଲାଗି ଗର୍ଭାବସ୍ଥାର ଉପରିସ୍ଥ ସୀମା ବୃଦ୍ଧି କରିବା ଉଦ୍ଦେଶ୍ୟରେ ନୂଆ ଅନୁଚ୍ଛେଦ ଯୋଡିବା ଏହାର ଉଦ୍ଦେଶ୍ୟ। ସୁରକ୍ଷିତ ଗର୍ଭପାତ ସେବା ଓ ଗୁଣବତା ସହ ସାଲିସ ନ କରି କଠୋର ସର୍ତ୍ତ ସହିତ ସାମଗ୍ରୀକ ଗର୍ଭପାତ ଯତ୍ନକୁ ପୂର୍ବାପେକ୍ଷା ଆହୁରି ଅଧିକ କଠୋର ଭାବେ ଲାଗୁ କରିବା ନିମନ୍ତେ ଏହି ବିଲ ଅଣାଯାଇଛି। ମହିଳାଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏହା ଏକ ବଡ ପଦକ୍ଷେପ ଏବଂ ଏହାଦ୍ୱାରା ବହୁ ସଂଖ୍ୟକ ମହିଳା ଉପକୃତ ହୋଇପାରିବେ। ନିକଟରେ ନ୍ୟାୟାଳୟରେ କେତେଗୁଡିଏ ମାମଲା ଦାୟର କରାଯାଇଥିଲା, ଏଥିରେ ଭ୍ରୁଣ ସମ୍ବନ୍ଧୀୟ ବିଷମତା ଏବଂ ଯୌନ ଶୋଷଣର ଶିକାର ମହିଳାଙ୍କ ଗର୍ଭଧାରଣ ଆଧାରରେ ଗର୍ଭପାତର ମଞ୍ଜୁରିପ୍ରାପ୍ତ ସୀମାକୁ ଅଧିକ କରିବା ଲାଗି ଅନୁମତି ମଗାଯାଇଥିଲା । ଯେଉଁ ମହିଳାମାନଙ୍କର ଗର୍ଭପାତ କରାଇବା ନିହାତି ଆବଶ୍ୟକ, ସେମାନଙ୍କ ପାଇଁ ଗର୍ଭାବସ୍ଥାର ଅବଧିରେ ପ୍ରସ୍ତାବିତ ବୃଦ୍ଧି ଫଳରେ ସେମାନଙ୍କର ଆତ୍ମସମ୍ମାନ, ସ୍ୱାୟତତା, ଗୋପନୀୟତା ଏବଂ ନ୍ୟାୟ ସୁନିଶ୍ଚିତ ହେବ। ସ୍ୱାସ୍ଥ୍ୟ ଏବଂ ପରିବାର ମନ୍ତ୍ରଣାଳୟ ପକ୍ଷରୁ ମହିଳାଙ୍କୁ ସୁରକ୍ଷିତ ଗର୍ଭପାତ ସେବା ଯୋଗାଇଦେବା ଓ ଚିକିତ୍ସା କ୍ଷେତ୍ରରେ ପ୍ରଯୁକ୍ତି ବିକାଶକୁ ଧ୍ୟାନରେ ରଖି ବିଭିନ୍ନ ଅଂଶୀଦାର ଓ ମନ୍ତ୍ରଣାଳୟଗୁଡିକ ସହିତ ବ୍ୟାପକ ବିଚାର ବିମର୍ଶ ପରେ ଗର୍ଭପାତ ଆଇନରେ ସଂଶୋଧନ ଲାଗି ପ୍ରସ୍ତାବ ଦିଆଯାଇଛି।

### ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୧୯-୨୦

# ଜିଡିପି ୬.୫% ଆଶା



**ନୂଆଦିଲ୍ଲୀ :** ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୦-୨୧ ପାଇଁ ହୋଇଥିବା ଅର୍ଥନୈତିକ ସର୍ଭେ ରିପୋର୍ଟକୁ ଶୁକ୍ରବାର ଲୋକସଭାରେ ଆଗତ କରିଛନ୍ତି। ଆଗାମୀ ଆର୍ଥିକ ବର୍ଷରେ ଦେଶର ଅଭିବୃଦ୍ଧି ହାର ୬ ରୁ ୬.୫% ମଧ୍ୟରେ ରହିବ ବୋଲି ରିପୋର୍ଟରେ ଆକଳନ କରାଯାଇଛି। ଲୋକସଭା ପରେ ରାଜ୍ୟସଭାରେ ଏହି ରିପୋର୍ଟ ଉପସ୍ଥାପନ କରାଯିବ। ରିପୋର୍ଟରେ ଦର୍ଶାଯାଇଛି ଯେ, ଆର୍ଥିକ ବର୍ଷରେ ଟିକସ ସଂଗ୍ରହ ହ୍ରାସ ହୋଇପାରେ। ଜିଏସ୍‌ଟିରୁ ସରକାରଙ୍କ ପାଣ୍ଠି ସଂଗ୍ରହ ବଢ଼ିବା ଆଶା ରହିଛି। କିନ୍ତୁ ଏନେଇ କିଛି ସ୍ପଷ୍ଟ ହୋଇନାହିଁ। ଆର୍ଥିକ ସର୍ଭେରେ କୁହାଯାଇଛି ଯେ, ଜିଡିପି ଅଭିବୃଦ୍ଧି ୫% ହାରରେ ବୃଦ୍ଧି ପାଇବ। ବିଶ୍ୱରେ ଭାରତ ଏକ ପ୍ରମୁଖ ଦେଶ ଭାବେ ପରିଗଣିତ ହେଉଛି। ମାନ୍ଦାବସ୍ଥାରୁ ମୁକୁଳିବା ଲାଗି ସରକାରଙ୍କୁ ବିଭିନ୍ନ ପଦକ୍ଷେପ ନେବାକୁ ହେବ। ଅଭିବୃଦ୍ଧିକୁ ବଢ଼ାଇବା ଲାଗି କିଛି ନିୟମ କୋହଳ କରିବାକୁ ହେବ। ବିଶ୍ୱ ଅଭିବୃଦ୍ଧି ଦୁର୍ବଳ ଯୋଗୁ ଭାରତ ବି ପ୍ରଭାବିତ ହେଉଛି। ଆର୍ଥିକ କ୍ଷେତ୍ରରେ ରହିଥିବା ସମସ୍ୟା ଯୋଗୁ ନିବେଶ ପରିମାଣ ହ୍ରାସ ପାଇଛି, ଫଳରେ ଚଳିତ ଆର୍ଥିକ ବର୍ଷରେ ଅଭିବୃଦ୍ଧି କମିଛି। ୨୦୨୨ ସୁଦ୍ଧା କୃଷକଙ୍କ ଆୟ ୨ଗୁଣ କରିବାର ଲକ୍ଷ୍ୟ ରହିଛି। ଛୋଟ ଛୋଟ ଉଦ୍ୟୋଗ ଗୁଡିକ ପାଇଁ ସରକାର ଋଣ ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବେ। ୨୦୧୪-୧୫ରୁ ୨୦୧୮-୧୯ ମଧ୍ୟରେ ସଡକ ଏବଂ ଜାତୀୟ ରାଜପଥରେ ନିବେଶ ୩ଗୁଣ ବୃଦ୍ଧି ପାଇଛି। ଦେଶରେ ୯୫ ପ୍ରତିଶତ ବାଣିଜ୍ୟ ସମୁଦ୍ର ପଥରେ ହୋଇଥାଏ। ୨୦୧୧-୧୨ରୁ ୨୦୧୭-୧୮ ମଧ୍ୟରେ ୨ କୋଟି ୬୨ ଲକ୍ଷ ଆଶାୟୀଙ୍କୁ ଚାକିରି ଦିଆଯାଇଛି। ଭାରତୀୟ ରେଲୱେ ବିଶ୍ୱରେ ସବୁଠାରୁ ଅଧିକ ଯାତ୍ରୀ ପରିବହନ କରିଥିବା ରେକର୍ଡ କରିଛି। ଏହି ସମୟରେ ୧୨୦ କୋଟି ଟନ୍ ସାମଗ୍ରୀ ଏବଂ ୮୪୦ କୋଟି ଯାତ୍ରୀ ଟ୍ରେନ୍ ଯାତ୍ରା କରିଛନ୍ତି। ସୂଚନାଥାଉ କି, ମୁଖ୍ୟ ଆର୍ଥିକ ପରାମର୍ଶଦାତା କୃଷ୍ଣାମୂର୍ତ୍ତି ସୁବ୍ରମଣ୍ୟମଙ୍କ ଟିମ୍ ୬ମାସ ମଧ୍ୟରେ ଏହି ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଆର୍ଥିକ ମାନ୍ଦାବସ୍ଥା ଯୋଗୁ ଗତ ୬ମାସ ମଧ୍ୟରେ ଦେଶର ସ୍ଥିତି କିପରି ଥିଲା ସେ ନେଇ ଅର୍ଥନୈତିକ ସର୍ଭେରେ ଦର୍ଶାଯାଇଛି। ଅର୍ଥନୀତିର ଲକ୍ଷ୍ୟ କିପରି ହାସଲ କରାଯାଇପାରିବ ସେନେଇ ଏହି ସର୍ଭେ ଜରିଆରେ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ସରକାରଙ୍କୁ ପରାମର୍ଶ ଦେଇଥାନ୍ତି।

## ଏପ୍ରିଲରୁ ଜାନୁଆରୀ ମଧ୍ୟରେ ୫.୪% କମିଛି ଟିକସ ଆଦାୟ

**ନୂଆଦିଲ୍ଲୀ :** ଆର୍ଥିକ ମାନ୍ଦାବସ୍ଥାକୁ ନେଇ ଅର୍ଥନୀତିର ବିଭିନ୍ନ ଦିଗ ପ୍ରଭାବିତ ହୋଇଥିଲା ବେଳେ ୨୦୧୯-୨୦ ଆର୍ଥିକ ବର୍ଷରେ ପ୍ରଥମଥର ପାଇଁ ପ୍ରତ୍ୟକ୍ଷ ଟିକସ ଆଦାୟ ହ୍ରାସ ପାଇବ ବୋଲି ଆକଳନ କରାଯାଇଛି। ଯାହାକି ବିଗତ ୨୦ ବର୍ଷ ମଧ୍ୟରେ ପ୍ରଥମ ଘଟଣା ବୋଲି କେନ୍ଦ୍ରୀୟ ଟିକସ ବୋର୍ଡ ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନା ଅନୁସାରେ ଗତ ଏପ୍ରିଲ ୧ ତାରିଖରୁ ୨୦୨୦ ଜାନୁଆରୀ ୨୫ ତାରିଖ ମଧ୍ୟରେ ମୋଟ ୭.୩ ଲକ୍ଷ କୋଟି ଟଙ୍କାର ଟିକସ ଆଦାୟ ହୋଇଛି। ଯାହାକି ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ୫.୪ ପ୍ରତିଶତ କମ୍। ଗତ ବର୍ଷ ଟିକସ ଆଦାୟ ପରିମାଣ ୭.୭ ଲକ୍ଷ କୋଟି ଟଙ୍କା ରହିଥିଲା। ବିଶେଷକରି ବ୍ୟକ୍ତିଗତ ଆୟକର, କମ୍ପାନୀ ଟିକସ ଏବଂ ସିକ୍ୟୁରିଟି ଟ୍ରାଞ୍ଜାକ୍ସନ ଟିକସ ଆଦିରେ ଚଳିତ ବର୍ଷ ହ୍ରାସ ପରିଲକ୍ଷିତ ହୋଇଥିବା କୁହାଯାଇଛି। ପ୍ରକାଶଯୋଗ୍ୟ ଯେ, ୨୦୧୮-୧୯ ବର୍ଷ ତୁଳନାରେ ୧୭ ପ୍ରତିଶତ ଅଭିବୃଦ୍ଧିରେ ୨୦୧୯-୨୦ ବର୍ଷରେ ମୋଟ ୧୩.୫ ଲକ୍ଷ କୋଟି ଟଙ୍କା ପ୍ରତ୍ୟକ୍ଷ ଟିକସ ଭାବେ ଆଦାୟ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। କିନ୍ତୁ ବିଭିନ୍ନ କାରଣକୁ ନେଇ ଟିକସ ଆଦାୟ ହ୍ରାସ ପାଇ ଚାଲିଥିବା ବେଳେ ଏହା କେନ୍ଦ୍ର ସରକାରଙ୍କ ପାଇଁ ମୁଖ୍ୟ ଚିନ୍ତାର କାରଣ ପାଲଟିଛି। ୨୦୧୯-୨୦ ଆର୍ଥିକ ବର୍ଷ ଶେଷ ହେବାକୁ ଆଉ ମାତ୍ର ଦୁଇ ମାସ ରହିଥିଲା ବେଳେ ଟିକସ ଲକ୍ଷ୍ୟଧାର୍ଯ୍ୟ ପୂରଣ ହେବା ଅସମ୍ଭବ ବୋଲି କୁହାଯାଇଛି। ହାରାହାରି ଭାବେ ଗତବର୍ଷ ତୁଳନାରେ ଚଳିତ ବର୍ଷ ପ୍ରତ୍ୟକ୍ଷ ଟିକସ ଆଦାୟ ୧୦ ପ୍ରତିଶତ ହ୍ରାସ ପାଇବ ବୋଲି ଟିକସ ବୋର୍ଡ ପକ୍ଷରୁ ଆକଳନ କରାଯାଇଛି। ମୋଟ ରାଜସ୍ୱ ମଧ୍ୟରୁ ୮୦ ପ୍ରତିଶତ ଅର୍ଥ ପ୍ରତ୍ୟକ୍ଷ ଟିକସ ସୂତ୍ରରୁ ଆସିଥିଲା ବେଳେ ସାଂପ୍ରତିକ ମାନ୍ଦାବସ୍ଥାକୁ ନେଇ ବିଭିନ୍ନ କ୍ଷେତ୍ରରେ ଚାହିଦା ହ୍ରାସ ପାଇବା ଯୋଗୁଁ ବ୍ୟବସାୟ ବାଣିଜ୍ୟରେ ହ୍ରାସ ଘଟିବା ସହିତ ନିଯୁକ୍ତିରେ ମଧ୍ୟ ହ୍ରାସ ଘଟିଥିବାରୁ ଚଳିତ ବର୍ଷ ଟିକସ ଆଦାୟ ହ୍ରାସ ପାଇଥିବା କୁହାଯାଇଛି।

# ନିର୍ଭୟା କାଣ୍ଡ : ଡେଥ୍ ୱାରେଣ୍ଟ ଉପରେ ରହିତାଦେଶ

**ନୂଆଦିଲ୍ଲୀ :** ୨୦୧୨ ଡିସେମ୍ବର ୧୬ ନିର୍ଭୟା ଗଣଦୁଷ୍କର୍ମ ଓ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ଚାରି ଆସାମୀଙ୍କ ମୃତ୍ୟୁ ପରୱାନାକୁ ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ କରିଛନ୍ତି। ଶୁକ୍ରବାର ଅତିରିକ୍ତ ସେସନ୍ସ ବିଚାରପତି ଧର୍ମେନ୍ଦ୍ର ରାଣା ଏକ ପିଟିସନର ଶୁଣାଣି କରି ପରବର୍ତ୍ତୀ ରାୟ ପ୍ରକାଶ ନପାଇବା ପର୍ଯ୍ୟନ୍ତ ଚାରି ଆସାମୀଙ୍କ ମୃତ୍ୟୁ ପରୱାନା ଉପରେ ରହିତାଦେଶ ଜାରି କରିଛନ୍ତି। ଫଳରେ ଫେବୃଆରୀ ୧ ସକାଳ ୬ଟାରେ ତିହାର ଜେଲରେ ଚାରି ଆସାମୀ ମୁକେଶ ସିଂହ, ପବନ ଗୁପ୍ତା, ବିନୟ ଶର୍ମା ଓ ଅକ୍ଷୟ କୁମାର ସିଂହଙ୍କୁ ଫାଶୀଦଣ୍ଡ ଦିଆଯିବ ନାହିଁ ବୋଲି ସ୍ପଷ୍ଟ ହୋଇଯାଇଛି। ଜାନୁଆରୀ ୭ରେ କୋର୍ଟ ଜାନୁଆରୀ ୨୨ରେ ଫାଶୀ ଦେବା ପାଇଁ ସମୟ ଧାର୍ଯ୍ୟ କରିଥିଲେ। ଜାନୁଆରୀ ୧୭ରେ ମୃତ୍ୟୁ ଦଣ୍ଡାଦେଶକୁ ଫେବୃଆରୀ ପହିଲାକୁ ଘୁଞ୍ଚାଇ ଦିଆଯାଇଥିଲା। ଶୁକ୍ରବାର ସୁପ୍ରିମକୋର୍ଟ ଚାରି ଆସାମୀଙ୍କ ମଧ୍ୟରୁ ପବନ ଗୁପ୍ତାର ପୁନଃବିଚାର ପିଟିସନକୁ ଖାରଜ କରିଥିଲେ। ବୁଧବାର ସୁପ୍ରିମକୋର୍ଟ ରାଷ୍ଟ୍ରପତିଙ୍କ ରାଜକ୍ଷମା ଖାରଜ ସଂକ୍ରାନ୍ତରେ ମୁକେଶ ସିଂହଙ୍କ ପିଟିସନକୁ ଖାରଜ କରି ଦେଇଥିଲେ। ଆସାମୀ ଅକ୍ଷୟଙ୍କ କ୍ୟୁରେଟିଭ ପିଟିସନ୍ ଖାରଜ ହୋଇଯିବା ପରେ ଓକିଲ ଏପି ସିଂହ ପରବର୍ତ୍ତୀ ଆଇନଗତ ପଦକ୍ଷେପ ଗ୍ରହଣ କରିବା ପାଇଁ ସୁପ୍ରିମକୋର୍ଟଙ୍କଠାରୁ ଅନୁମତି ପାଇସାରିଛନ୍ତି ଦର୍ଶାଇ ଚାରି ଆସାମୀଙ୍କୁ ଆଇନଗତ ସୁବିଧା ପ୍ରଦାନ କରିବା ପାଇଁ ଯୁକ୍ତି କରିଥିଲେ। ଆସାମୀମାନେ ଆତଙ୍କୀ ନୁହନ୍ତି କହି ଓକିଲ ଏପି ସିଂହ ମୃତ୍ୟୁ ପରୱାନାକୁ ସ୍ଥଗିତ ରଖିବାକୁ କହିଥିଲେ। ଆଇନଜୀବୀ ବ୍ରିନ୍ଦା ଗ୍ରୋଭର ଯୁକ୍ତି କରିଥିଲେ ଯେ ଗୋଟିଏ ମାମଲାରେ ସମସ୍ତଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥିବାରୁ ଜଣକୁ ବାଦ ଦେଇହେବନି। ତେଣୁ ସମସ୍ତଙ୍କ ମୃତ୍ୟୁ ପରୱାନାକୁ ସ୍ଥଗିତ ରଖାଯାଉ। ତେବେ ସରକାରୀ ଓକିଲ ଇର୍ଫାନ ଅହମଦ କହିଥିଲେ ଯେ ଆସାମୀ ବିନୟ ଶର୍ମାଙ୍କ ରାଜକ୍ଷମା ପିଟିସନ୍ ରାଷ୍ଟ୍ରପତିଙ୍କ ବିଚାରାଧୀନ ଥିବାରୁ ତାଙ୍କୁ ବାଦ ଦିଆଯାଇ ଅନ୍ୟମାନଙ୍କୁ ଫାଶୀଦଣ୍ଡ ଦିଆଯାଇପାରିବ। ତେବେ ବିଚାରପତି ଉଭୟ ପକ୍ଷର ଯୁକ୍ତିକୁ ଧ୍ୟାନର ସହ ଶୁଣିବା ପରେ ମୃତ୍ୟୁ ପରୱାନା ଉପରେ ସାମୟିକ ରହିତାଦେଶ ପ୍ରଦାନ କରିଛନ୍ତି।

# ୨୦୨୨ ସୁଦ୍ଧା କୃଷକଙ୍କ ଆୟ ଦ୍ୱିଗୁଣିତ ହେବ : ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, (ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟରେ ଗାନ୍ଧୀନଗର ଠାରେ ଆରମ୍ଭ ହୋଇଥିବା ତୃତୀୟ ବିଶ୍ୱ ଆଳୁ ସମ୍ମିଳନୀକୁ ଭିଡିଓ କନଫରେନ୍ସିଂ ଜରିଆରେ ସମ୍ବୋଧିତ କରିଛନ୍ତି। ପୂର୍ବରୁ ୧୯୯୯ ଓ ୨୦୦୮ରେ ଦୁଇଟି ବିଶ୍ୱ ଆଳୁ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଆଳୁ ସମ୍ମିଳନୀ ଭାରତୀୟ ଆଳୁ ସଂଘ (ଆଇପିଏ) ପକ୍ଷରୁ ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଗବେଷଣା ପରିଷଦ ଏବଂ ଶିମଳାର ଆଇସିଏଆର-କେନ୍ଦ୍ରୀୟ ଆଳୁ ଗବେଷଣା ସଂସ୍ଥାନ ଏବଂ ଅନ୍ତର୍ଜାତୀୟ ଆଳୁ କେନ୍ଦ୍ର (ସିଆଇପି), ଲିମା, ପେରୁ ସହଯୋଗରେ ଆୟୋଜନ କରାଯାଉଛି। ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ବୈଜ୍ଞାନିକ, ଆଳୁ ଚାଷୀ ଓ ଅନ୍ୟ ଅଂଶୀଦାରମାନେ ବିଶ୍ୱ ଆଳୁ ସମ୍ମିଳନୀରେ ଏକତ୍ରିତ ହୋଇଛନ୍ତି। ସେମାନେ ଆସନ୍ତା କିଛିଦିନ ପର୍ଯ୍ୟନ୍ତ ଖାଦ୍ୟ ଓ ପୁଷ୍ଟିସାଧନ ସଂକ୍ରାନ୍ତ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିବେ। ଏହି ସମ୍ମିଳନୀକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ତୃତୀୟ ଆଳୁ ସମ୍ମିଳନୀର ବିଶେଷତ୍ୱ ହେଲା, ଏକ ସମୟରେ ଆଳୁ ସମ୍ମିଳନୀ, କୃଷି ପ୍ରଦର୍ଶନୀ ଏବଂ ଆଳୁ କୃଷି ଦିବସ ଆୟୋଜନ କରାଯାଇଛି। ସେ ମଧ୍ୟ କହିଥିଲେ ଯେ କୃଷି ଦିନରେ ୬ ହଜାରରୁ ଊର୍ଦ୍ଧ୍ୱ କୃଷକ କ୍ଷେତ୍ର ପ୍ରଦର୍ଶନ କରିବା ପ୍ରଶଂସନୀୟ। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଦେଶର ଅଗ୍ରଣୀ ଆଳୁ ଉତ୍ପାଦନକାରୀ ଓ ଉତ୍ପାଦକତା ଥିବା ରାଜ୍ୟ ଗୁଜରାଟରେ ତୃତୀୟ ଆଳୁ ସମ୍ମିଳନୀ ଆୟୋଜନ କରାଯିବା ଗୁରୁତ୍ୱପୂର୍ଣ୍ଣ। ସେ କହିଥିଲେ ଯେ ଗତ ୧୧ ବର୍ଷ ମଧ୍ୟରେ ଦେଶରେ ଆଳୁ ଚାଷ କ୍ଷେତ୍ର ୨୦% ବୃଦ୍ଧି ପାଇଥିବା ବେଳେ ଗୁଜରାଟରେ ଏହା ୧୭୦% ବୃଦ୍ଧି ହୋଇଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ବ୍ୟାପକ ନୀତିଗତ ପ୍ରୟାସ ଓ ନିର୍ଣ୍ଣୟ ଫଳରେ ଗୁଜରାଟରେ ଜଳ ସିଂଚନ ଏବଂ ବୁନ୍ଦା ଜଳସେଚନ ଭଳି ଆଧୁନିକ କୃଷି ପ୍ରଣାଳୀର ଅବଲମ୍ବନ କରାଯାଉଛି। ଉନ୍ନତ ଶୀତଳ ଭଣ୍ଡାର ସୁବିଧା ଓ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ସହ ସଂଯୋଗ ଫଳରେ ଆଳୁ ଉତ୍ପାଦନ ବୃଦ୍ଧି ପାଇଛି। ସେ କହିଥିଲେ, ଗୁଜରାଟରେ ଆଜି ବୃହତ ଆଳୁ ପ୍ରକ୍ରିୟାକରଣ କମ୍ପାନୀଗୁଡ଼ିକ ରହିଛନ୍ତି ଏବଂ ଅଧିକାଂଶ ଆଳୁ ରପ୍ତାନିକାରୀ ଗୁଜରାଟରେ ହିଁ ଅଛନ୍ତି। ଏସବୁ ଫଳରେ ଏହି ରାଜ୍ୟ ଦେଶର ପ୍ରମୁଖ ଆଳୁ କେନ୍ଦ୍ର ଭାବେ ଉଭା ହୋଇଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ତାଙ୍କ ସରକାର ୨୦୨୨ ସୁଦ୍ଧା କୃଷକଙ୍କ ଆୟ ଦ୍ୱିଗୁଣିତ କରିବାର ଲକ୍ଷ୍ୟ ଦିଗରେ ବ୍ୟାପକ ପଦକ୍ଷେପ ନେଉଛନ୍ତି। ସେ ଉଲ୍ଲେଖ କରିଥିଲେ ଯେ କୃଷକମାନଙ୍କ ପରିଶ୍ରମ ଏବଂ ସରକାରଙ୍କ ନୀତି ମିଶିଯିବା ଫଳରେ ଭାରତ ବିଭିନ୍ନ ଶସ୍ୟ ଏବଂ ଖାଦ୍ୟ ସାମଗ୍ରୀ ଉତ୍ପାଦନରେ ବିଶ୍ୱର ଶୀର୍ଷ ୩ଟି ରାଷ୍ଟ୍ର ମଧ୍ୟରେ ସ୍ଥାନ ପାଇପାରିଛି। ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ଲାଗି ତାଙ୍କ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। ଏହି କ୍ଷେତ୍ର ପାଇଁ ଶତପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫଡିଆଇ)କୁ ମଞ୍ଜୁରି ମିଳିବା ସହ ପ୍ରଧାନମନ୍ତ୍ରୀ କିସାନ ସମ୍ପଦା ଯୋଜନା ଜରିଆରେ ମୂଲ୍ୟ ସମ୍ବର୍ଦ୍ଧନ ଓ ମୂଲ୍ୟ ଶୃଙ୍ଖଳା ବିକାଶ ଲାଗି ସହାୟତା ଯୋଗାଇ ଦିଆଯାଇଛି। ଚଳିତ ମାସ ପ୍ରାରମ୍ଭରେ ଦେଶର ୬କୋଟି କୃଷକଙ୍କ ବ୍ୟାଙ୍କ ଆକାଉଂଟକୁ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ବ୍ୟବସ୍ଥା ଜରିଆରେ ସିଧାସଳଖ ୧୨ ହଜାର କୋଟି ଟଙ୍କା ସ୍ଥାନାନ୍ତର କରାଯାଇ ଏକ ନୂଆ ରେକର୍ଡ ପ୍ରତିଷ୍ଠା କରାଯାଇଥିବା ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। କୃଷକ ଓ ଉପଭୋକ୍ତାଙ୍କ ମଧ୍ୟରେ ବିଭିନ୍ନ ସ୍ତର ଓ ମଧ୍ୟସ୍ଥଙ୍କ ସଂଖ୍ୟା ହ୍ରାସ କରିବା ତାଙ୍କ ସରକାରର ପ୍ରାଥମିକତା ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ତାଙ୍କ ସରକାର କୃଷି ପ୍ରଯୁକ୍ତି ଆଧାରିତ ଷ୍ଟାର୍ଟଅପଗୁଡ଼ିକ ଉପରେ ଜୋର ଦେଉଛନ୍ତି, ଫଳରେ କୃଷକମାନଙ୍କ ଡାଟାବେସ ଓ ସ୍ମାର୍ଟ ତଥା ସଠିକ କୃଷି ଲାଗି ଆବଶ୍ୟକ ଜରୁରି କୃଷି ଭଣ୍ଡାରଗୁଡ଼ିକର ଉପଯୋଗ କରାଯାଇପାରିବ। ଆଧୁନିକ ଜୈବପ୍ରଯୁକ୍ତି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ବ୍ଲକ ଚେନ, ଡ୍ରୋନ ପ୍ରଯୁକ୍ତି ଆଦି ଜରିଆରେ କୃଷି କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ଯୋଗାଇ ଦେବା ଲାଗି ବୈଜ୍ଞାନିକମାନଙ୍କୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଥିଲେ। ସେ କହିଥିଲେ ଯେ କେହି ଯେପରି ଭୋକିଲା କିମ୍ବା ପୁଷ୍ଟିହୀନ ରହିନଯାଆନ୍ତି ତାହା ସୁନିଶ୍ଚିତ କରିବା ବୈଜ୍ଞାନିକ ସମୁଦାୟ ଓ ନୀତି ନିର୍ମାତାମାନଙ୍କ ଦାୟିତ୍ୱ। ସୂଚନାଯୋଗ୍ୟ ଯେ ତୃତୀୟ ବିଶ୍ୱ ଆଳୁ ସମ୍ମିଳନୀ ସମସ୍ତ ଅଂଶୀଦାରମାନଙ୍କୁ ଗୋଟିଏ ମଞ୍ଚ ପ୍ରଧାନ କରିବ। ଫଳରେ ସେମାନେ ସମସ୍ତ ପ୍ରସଙ୍ଗରେ ଆଲୋଚନା କରିବା ସହ ଭବିଷ୍ୟତ ଲାଗି ଯୋଜନା ପ୍ରସ୍ତୁତ କରିପାରିବେ। ଏହି କାର୍ଯ୍ୟକ୍ରମର ତିନୋଟି ପ୍ରମୁଖ ଅଂଶ ରହିଛି- (୧) ଆଳୁ ସମ୍ମିଳନୀ (୨) କୃଷି ରପ୍ତାନି ଏବଂ (୩)ଆଳୁ କୃଷିର ଦିନ। ଆଳୁ ସମ୍ମିଳନୀ ତିନି ଦିନ ପର୍ଯ୍ୟନ୍ତ ଚାଲିବ। ଏହାର ୧୦ଟି ବିଷୟବସ୍ତୁ ରହିବ। ୧୦ଟି ମଧ୍ୟରୁ ୮ଟି ବିଷୟବସ୍ତୁ ବ୍ୟବହାରିକ ଏବଂ ପ୍ରୟୋଗାତ୍ମକ ଗବେଷଣା ଉପରେ ଆଧାରିତ ହେବ। ଅବଶିଷ୍ଟ ଦୁଇଟି ବିଷୟବସ୍ତୁ ମଧ୍ୟରେ ଆଳୁ ବ୍ୟବସାୟ, ମୂଲ୍ୟ ଶୃଙ୍ଖଳା ପରିଚାଳନା ଓ ନୀତିଗତ ବସ୍ତୁ ଉପରେ ବିଶେଷ ଗୁରୁତ୍ୱାରୋପ କରାଯିବ। ଏହି ଏଗ୍ରି-ଏକ୍ସପୋର ଆୟୋଜନ ୨୮ରୁ ୩୦ ଜାନୁଆରୀ, ୨୦୨୦ ସମୟରେ କରାଯିବ। ଏଥିରେ ଆଳୁ ଆଧାରିତ ଉଦ୍ୟୋଗ ଏବଂ ବ୍ୟବସାୟର ସ୍ଥିତି, ପ୍ରକ୍ରିୟାକରଣ, ଆଳୁ ବିହନ ଉତ୍ପାଦନ, ଜୈବ ପ୍ରଯୁକ୍ତି, ପ୍ରଯୁକ୍ତି ହସ୍ତାନ୍ତରରେ ସରକାରୀ-ଘରୋଇ ଭାଗିଦାରୀ ତଥା କୃଷକଙ୍କ ସମ୍ବନ୍ଧୀୟ ଉତ୍ପାଦକୁ ପ୍ରଦର୍ଶିତ କରାଯିବ। ଆଳୁ କୃଷି ଦିନର ଆୟୋଜନ ୩୧ ଜାନୁଆରୀ, ୨୦୨୦ରେ ଆୟୋଜନ କରାଯିବ। ଏଥିରେ ଆଳୁଚାଷରେ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ, ଆଳୁ କିସମ ଓ ନବୀନତମ ଜ୍ଞାନକୌଶଳ ପ୍ରଦର୍ଶନ ସାମିଲ ରହିଛି। ଆଳୁ ଚାରାରୋପଣ ସାମଗ୍ରୀ, ଯୋଗାଣ ଶୃଙ୍ଖଳାରେ ଅଭାବ, ଫସଲ ଅମଳଜନିତ କ୍ଷତି, ପ୍ରକ୍ରିୟାକରଣକୁ ପ୍ରୋତ୍ସାହନ ଦେବାର ଆବଶ୍ୟକତା, ରପ୍ତାନି ଓ ବିବିଧ ଉପଯୋଗ ତଥା ଆବଶ୍ୟକ ନୀତିଗତ ସହାୟତା-ଅର୍ଥାତ ଦୂରସ୍ଥାନକୁ ପରିବହନ ଏବଂ ରପ୍ତାନି ପ୍ରୋତ୍ସାହନ ଲାଗି ଉତ୍ପାଦନ ଓ ପ୍ରମାଣିକ ବିହନର ପ୍ରୟୋଗ ଆଦି ପ୍ରମୁଖ ପ୍ରସଙ୍ଗରେ ଆଲୋଚନା କରାଯିବ।

# ଏଣିକି ପ୍ରଥମ ଶ୍ରେଣୀରୁ ସ୍ପୋକନ୍ ଇଂଲିଶ

## ୧୦୧ ସ୍କୁଲ ଉତ୍କର୍ଷ କେନ୍ଦ୍ର ହେବ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ରାଜ୍ୟର ୩୦ଟି ଜିଲ୍ଲାର ୧୦୧ଟି ବିଦ୍ୟାଳୟକୁ ଉତ୍କର୍ଷ କେନ୍ଦ୍ର ଭାବରେ ବିକଶିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏହି ବିଦ୍ୟାଳୟ ମାନଙ୍କରେ ପ୍ରଥମ ଶ୍ରେଣୀରୁ ଇଂଲିସ୍ ମିଡ଼ିୟମ୍ ସେକ୍ସନ୍ ଖୋଲାଯିବ। ଏହି ବିଦ୍ୟାଳୟ ଗୁଡ଼ିକର ସଫ୍ଟ ଇନଫ୍ରାଷ୍ଟ୍ରକଚରର ଆବଶ୍ୟକତା ପୂରଣ ପାଇଁ ୨୫ ଲକ୍ଷ ଟଙ୍କା ଲେଖାଏଁ ଦିଆଯିବ। ରାଜ୍ୟର ସବୁ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ସ୍ପୋକେନ ଇଂଲିସ ଶିକ୍ଷା ଦିଆଯିବ। ଛାତ୍ରଛାତ୍ରୀ ମାନଙ୍କର ଆଧାର ସିଡ଼ିଂ ସୁନିଶ୍ଚିତ କରାଯିବ। ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ମାଧ୍ୟମିକ ବିଦ୍ୟାଳୟ ପର୍ଯ୍ୟନ୍ତ ସର୍ବତ୍ର ଆବଶ୍ୟକତା ଭିତିରେ ଶିକ୍ଷକ ମାନଙ୍କୁ ମୂତୟନ କରାଯିବ। ରାଜ୍ୟରେ ସରକାରୀ ବିଦ୍ୟାଳୟ ମାନଙ୍କରେ ଗୁଣାତ୍ମକ ଶିକ୍ଷା ଦାନ ସୁନିଶ୍ଚିତ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇ ଆସୁଛନ୍ତି, ସରକାରୀ ବିଦ୍ୟାଳୟ ପ୍ରତି ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ଲକ୍ଷ୍ୟ ନେଇ ରାଜ୍ୟ ସରକାର ବିଦ୍ୟାଳୟ ମାନଙ୍କର ପରିଚାଳନା ବ୍ୟବସ୍ଥା ଉନ୍ନତ କରିବା, ଶିକ୍ଷାଦାନରେ ଉନ୍ନତି ଏବଂ ଛାତ୍ର ଛାତ୍ରୀଙ୍କ ବ୍ୟକ୍ତିତ୍ୱ ବିକାଶ ଭଳି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ୨୦ରୁ କମ୍ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟ ଗୁଡ଼ିକୁ ନିକଟସ୍ଥ ସରକାରୀ ବିଦ୍ୟାଳୟରେ ମିଶାଇ ଦେବା ଏବଂ ପିଲାମାନଙ୍କୁ ସେହି ସରକାରୀ ସ୍କୁଲରେ ଭର୍ତି କରିବା ପାଇଁ ନିଷ୍ପତି ଗହଣ କରାଯାଇଛି । ପ୍ରାଥମିକ/ଉଚ୍ଚ ପ୍ରାଥମିକ/ଉଚ୍ଚ ବିଦ୍ୟାଳୟ ଗୁଡ଼ିକୁ ଯଥାକ୍ରମେ ୧ କିଲୋମିଟର/ ୨ କିଲୋମିଟର/୩ କିଲୋମିଟର ପରିସର ମଧ୍ୟରେ ଥିବା ସରକାରୀ ବିଦ୍ୟାଳୟରେ ମିଶାଇ ଦିଆଯିବ । ଏହା ଦ୍ୱାରା ଶିକ୍ଷକ ଅଭାବଜନିତ ସମସ୍ୟା ଏବଂ ଶିକ୍ଷାଦାନ ପାଇଁ ଅନ୍ୟାନ୍ୟ ସୁବିଧା ସୁଯୋଗର ଅଭାବ ରହିବ ନାହିଁ। ଏ କ୍ଷେତ୍ରରେ ଅନ୍ୟ ସ୍କୁଲକୁ ସ୍ଥାନାନ୍ତରିତ ହେବାକୁ ଥିବା ପିଲାମାନଙ୍କୁ ଆରଟିଇ ଆକ୍ଟ ଅନୁଯାୟୀ ଏସକର୍ଟ ଆଲଏନସ ଦିଆଯିବ । ହେସିପରି ସ୍ଥାନାନ୍ତର ଭତା ଭାବରେ ସର୍ବାଧିକ ୫୦୦୦ ଟଙ୍କା ଦିଆଯିବ। ସରକାରୀ ବିଦ୍ୟାଳୟ ନିକଟରେ ଥିବା ବ୍ଲକ୍ ଗ୍ରାଂଟ, ଏଡେଡ୍ , ନୂଆ ଏଡେଡ୍ ସ୍କୁଲ ଗୁଡିକୁ ମିଶାଇ ଦିଆଯିବା ସହିତ ଚାଲ ନଥିବା ବ୍ଲକ୍ ଗ୍ରାଂଟ ସ୍କୁଲ ଗୁଡିକୁ ବନ୍ଦ କରିଦେବା ଏବଂ ଆବଶ୍ୟକତା ଭିତିରେ ବ୍ଲକ୍ ଗ୍ରାଂଟ ଓ ସରକାରୀ ଶିକ୍ଷକଙ୍କୁ ଡେପୁଟେସନ୍ ଭିତିରେ ମୁତୟନ କରିବା ପାଇଁ ନୀତି ପ୍ରଣୟନ କରାଯିବ। ଫନି ପ୍ରଭାବିତ ୫ ଟି ଜିଲ୍ଲାର କ୍ଷତିଗ୍ରସ୍ତ ବ୍ଲକ୍ ଗ୍ରାଂଟ ସ୍କୁଲରେ ଯଦି ଅଧିକ ପିଲା ପାଠ ପଢୁଥାନ୍ତି ଏବଂ ନିକଟରେ କୌଣସି ସରକାରୀ ବିଦ୍ୟାଳୟ ନଥାଏ ତେବେ ଏ କ୍ଷେତ୍ରରେ ସେହି ବ୍ଲକ୍ ଗ୍ରାଂଟ ସ୍କୁଲ ଗୁଡିକର ମରାମତି , ରକ୍ଷଣାବେକ୍ଷଣା ଓ ପୁନଃ ନିର୍ମାଣ ପାଇଁ ପାଣ୍ଠି ଯୋଗାଇ ଦିଆଯିବ। ନିକଟରେ ସରକାରୀ ସ୍କୁଲ ଥାଏ ଏବଂବ୍ଲକ୍ ଗ୍ରାଂଟ ସ୍କୁଲରେ କମ୍ ପିଲା ଥାନ୍ତି ତେବେ ସେ କ୍ଷେତ୍ରରେ ସେହି ବ୍ଲକ୍ ଗ୍ରାଂଟ ସ୍କୁଲକୁ ସରକାରୀ ସ୍କୁଲ ରେ ମିଶାଇ ଦିଆଯିବ। ସ୍କୁଲ ଓ ଗଣଶିକ୍ଷା ବିଭାଗରେ ମୋ ସରକାର କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ଅଭିଭାବକ ମାନଙ୍କର ଫୋନ୍ ନମ୍ବରକୁ ଡିଜିଟାଇଜଡ୍ କରାଯିବ। ୫-ଟି କାର୍ଯ୍ୟକ୍ରମ ଅନୁଯାୟୀ ଛାତ୍ରଛାତ୍ରୀମାନେ ଯେପରି ତାଙ୍କର ସବୁ ସାର୍ଟିଫିକେଟ୍ ଅନ୍‌ଲାଇନ୍‌ରେ ପାଇପାରିବେ। ସେଥିପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷକ ତାଲିମ୍ ପ୍ରତିଷ୍ଠାନରେ ଉଚ୍ଚଶିକ୍ଷା ବିଭାଗରୁ ଅଧ୍ୟାପକ ନିଯୁକ୍ତି ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଛି।

### ଦଶମ ଶ୍ରେଣୀ ପାଠ୍ୟକ୍ରମରେ ସାମିଲ ହେବ ସଡକ ସୁରକ୍ଷା

**ଭୁବନେଶ୍ୱର :** ଆସନ୍ତା ଶିକ୍ଷାବର୍ଷରୁ ଦଶମ ଶ୍ରେଣୀ ପାଠ୍ୟକ୍ରମରେ ସଡକ ସୁରକ୍ଷା ବିଷୟକୁ ରଖାଯିବ। କେମିତି ପାଠ୍ୟକ୍ରମରେ ସାମିଲ କରାଯିବ ସେସମ୍ପର୍କରେ ଗଣଶିକ୍ଷା ବିଭାଗ ନିଷ୍ପତି ନେବ ବୋଲି ପରିବହନ କମିଶନର ସଞ୍ଜୀବ ପଣ୍ଡା ପ୍ରକାଶ କରିଛନ୍ତି। ବୁଧବାର ପରିବହନ ସଚିବ ପ୍ରମୋଦ ମେହେର୍ଦାଙ୍କ ଅଧକ୍ଷତାରେ ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଏହି ନିଷ୍ପତି ନିଆଯାଇଛି। ସେ କହିଛନ୍ତି ଯେ ଗତ ୪ ମାସ ମଧ୍ୟରେ ୧୦ ହଜାର ମଦୁଆ ଡ୍ରାଇଭରଙ୍କୁ ଗିରଫ କରାଇ ଜୋରିମାନା ଆଦାୟ କରାଯାଇଛି। ମୋଟରଯାନ ଆଇନ୍ କଡାକଡି ହେବାପରେ ସଡକ ଦୁର୍ଘଟଣା ହ୍ରାସ ପାଇଛି।

## ଭିକାରୀଙ୍କୁ ମିଳିବ ଧନ୍ଦାମୂଳକ ପ୍ରଶିକ୍ଷଣ



**ଭୁବନେଶ୍ୱର :** ରାଜ୍ୟରେ ଭିକ୍ଷାବୃତ୍ତି କରୁଥିବା ଲୋକଙ୍କୁ ଥଇଥାନ କରିବା ସହ ସମସ୍ତ ସୁବିଧା ସୁଯୋଗ ଯେପରି ସେମାନଙ୍କୁ ପ୍ରଦାନ କରାଯିବ ସେଥିଲାଗି ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାକୁ ବ୍ଲୁପ୍ରିଣ୍ଟସ୍ ପ୍ରସ୍ତୁତ କରିଛନ୍ତି। ତେବେ ସରକାର ଖୁବଶୀଘ୍ର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ଏଣିକି ଭିକ୍ଷା ମାଗୁଥିବା ଲୋକଙ୍କ ପାଇଁ ଖୋଲାଯିବ ଧନ୍ଦାମୂଳକ ପ୍ରଶିକ୍ଷଣ କେନ୍ଦ୍ର। ସେମାନଙ୍କୁ ପ୍ରଶିକ୍ଷଣ ମାଧ୍ୟମରେ ସେମାନଙ୍କ ଦକ୍ଷତା ବୃଦ୍ଧି ସହ ସେମାନେ ଯେପରି ଅଧିକ ଆୟ କରିବାରେ ସଫଳ ହେବେ ସେଥିଲାଗି ପଦକ୍ଷେପ ଗ୍ରହଣ କରିବା ଲାଗି ବ୍ୟବସ୍ଥା ହେଉଛି ବୋଲି ସାମାଜିକ ସୁରକ୍ଷା ମନ୍ତ୍ରୀ ଅଶୋକ ପଣ୍ଡା ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ, ଭିକ୍ଷାବୃତ୍ତି କରୁଥିବା ଲୋକଙ୍କ ଥଇଥାନ ପାଇଁ ପ୍ରଥମ ପର୍ଯ୍ୟାୟରେ ପୁରୀ ଏବଂ ଭୁବନେଶ୍ୱରରେ ଧନ୍ଦାମୂଳକ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯିବ। ଏହା ତାଙ୍କ ଆର୍ଥିକ କଷ୍ଟ ଦୂର କରିବ। ତେବେ ପାଇଲଟ ପ୍ରକଳ୍ପ ଭାବେ ଏହି ୨ଟି ସହରରେ ଖୋଲାଯିବା ପରେ ରାଜ୍ୟର ସବୁ ଜିଲ୍ଲାରେ ଏହି ବପ୍ରଶିକ୍ଷଣ କେନ୍ଦ୍ର ଖୋଲାଯିବ ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ପୁରୀ ଶ୍ରୀ ମନ୍ଦିର ଓ ଲିଙ୍ଗରାଜ ମନ୍ଦିରକୁ ବିଶ୍ୱ ପର୍ଯ୍ୟଟନସ୍ଥଳୀରେ ସାମିଲ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଉନ୍ନତିମୂଳକ ପଦକ୍ଷେପ ନେଇଛନ୍ତି। ଏବେ ସରକାର ଭିକାରୀଙ୍କୁ ରୋଜଗାରକ୍ଷମ କରିବା ଏବଂ ସେମାନଙ୍କର ଆର୍ଥିକ ସଙ୍କଟ ଦୂର କରିବା ପାଇଁ ଏଭଳି ନିଷ୍ପତ୍ତି ନେଇଥିବା ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ପ୍ରକାଶଥାଉ କି, ରାଜ୍ୟରେ ଧନ୍ଦାମୂଳକଶିକ୍ଷା ମାଧ୍ୟମରେ ଦକ୍ଷତା ବୃଦ୍ଧି କରିବା ସହ ପିଲାଙ୍କୁ ନିଯୁକ୍ତିର ସୁବିଧା ଯୋଗାଇବା ଲାଗି ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟରେ ସ୍କୁଲ ଏବଂ କଲେଜସ୍ତରରେ ଏହି ଧନ୍ଦାମୂଳକଶିକ୍ଷା ପାଠ୍ୟକ୍ରମ ପ୍ରଚଳନ ହେବା ଦ୍ୱାରା ଉଚ୍ଚଶିକ୍ଷା ସମେତ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ସୁଧାର ଆସିଛି। ତେଣୁ ଯେଉଁମାନେ ଭିକ୍ଷାବୃତ୍ତି କରୁଛନ୍ତି ସେମାନଙ୍କର ଦକ୍ଷତା ବୃଦ୍ଧି ଲାଗି ଧନ୍ଦାମୂଳକ ପ୍ରଶିକ୍ଷଣ ବ୍ୟବସ୍ଥା ଯୋଗାଇଦେଲେ ଭିକ୍ଷାବୃତ୍ତି ଠାରୁ ଦୂରେଇ ରହିବା ସହ ନିଯୁକ୍ତି ମାଧ୍ୟମରେ ଅର୍ଥ ଉପାର୍ଜନରେ ବେସ ସହାୟକ ହେବ ବୋଲି ଜଣାପଡିଛି।

## ‘ମୋ ସରକାର’ରେ ଶ୍ରମ, ଇଏସ୍‌ଆଇ ବିଭାଗ



**ଭୁବନେଶ୍ୱର :** ଶ୍ରମ ଏବଂ ରାଜ୍ୟ କର୍ମଚାରୀ ବୀମା ବିଭାଗ (ଇଏସ୍‌ଆଇ) ରାଜ୍ୟ ସରକାରଙ୍କ ମୋ ସରକାର କାର୍ଯ୍ୟକ୍ରମ ଅଧୀନକୁ ଆସିଛି। ଲୋକସେବା ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ନେଇ ଘୋଷଣା କରିଛନ୍ତି। ମୋ ସରକାର ଅଧୀନରେ ସାଧାରଣ କାର୍ଯ୍ୟାଳୟକୁ ଆସୁଥିବା ସମସ୍ତ ଶ୍ରମିକ ଖୁସିର ମୁହୂର୍ତ୍ତ ନେଇ ନିଶ୍ଚିତ ଫେରିବେ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ମୋ ସରକାର କାର୍ଯ୍ୟକ୍ରମ ଅଧୀନରେ ଶ୍ରମ ଏବଂ ଇଏସ୍‌ଆଇ ବିଭାଗ ସାମିଲ୍ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି। ରାଜ୍ୟର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ସଶକ୍ତୀକରଣ ଦିଗରେ ଏହା ଏକ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୋ ସରକାର କାର୍ଯ୍ୟକ୍ରମ ନାଗରିକ ଏବଂ ସରକାରଙ୍କ ମଧ୍ୟରେ ବିଶ୍ୱାସ ଦୃଢ଼ୀଭୂତ କରିବାର ଏକ ମାଧ୍ୟମ ପାଲଟିଛି। ନୂତନ ଶାସନ ପଦ୍ଧତିର ଉତ୍ତରଦାୟିତ୍ୱ ବଢ଼ାଇବା ସହିତ ଏହି ନୂଆ ବ୍ୟବସ୍ଥାରେ ଜନସାଧାରଣ ଉତ୍ତମ ଭରସା ପ୍ରଦର୍ଶନ କରିଛନ୍ତି। ଆମର ବିକାଶ ପ୍ରକ୍ରିୟାରେ ପ୍ରଚ୍ଛଦପଟରେ ଶ୍ରମିକମାନେ ହେଉଛନ୍ତି ଚାବିକାଠି। ସେମାନଙ୍କ ଜୀବନ ସହ ସଂଗ୍ରାମ ସମାଜ ପାଇଁ ନିଶ୍ଚିତ ଭାବେ ଏକ ସହାୟତାର ହାତ। ଆମର ଫ୍ଲାଗସିପ୍ କାର୍ଯ୍ୟକ୍ରମ ‘ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା’ ଶ୍ରମିକଙ୍କ ସାମାଜିକ ନିରାପତ୍ତା ପ୍ରଦାନ କ୍ଷେତ୍ରରେ କାର୍ଯ୍ୟ କରୁଛି। ଏହା ଲକ୍ଷଲକ୍ଷ ଶ୍ରମିକଙ୍କ ଶିକ୍ଷା, ବିବାହ ଭଳି ବିଭିନ୍ନ କ୍ଷେତ୍ରରେ ଆବଶ୍ୟକୀୟ ସହାୟତା ପ୍ରଦାନ କରୁଛି। ଶ୍ରମିକଙ୍କୁ ସମ୍ମାନ ପ୍ରତି ଶ୍ରମିକଙ୍କ ମୁହଁରେ ପ୍ରତିଫଳିତ ହେବା ଦରକାର। ମୋ ସରକାରର ଉଦ୍ଦେଶ୍ୟ ହେଲା ନାଗରିକ ହେଉଛନ୍ତି ‘ବସ୍’। ମତାମତ ସଂଗ୍ରହ ପାଇଁ ବିଭାଗ ପକ୍ଷରୁ ‘ମୋ ସରକାର’ ସେଲ୍ ଖୋଲାଯାଇଥିବାରୁ ମୁଖ୍ୟମନ୍ତ୍ରୀ ଆନନ୍ଦ ବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭାଗୀୟ ମନ୍ତ୍ରୀ ସୁଶାନ୍ତ ସିଂହ କହିଥିଲେ, ଏହି ବ୍ୟବସ୍ଥା ଫଳରେ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଅଧିକ କାର୍ଯ୍ୟକ୍ଷମ ହେବା ସହ ଶ୍ରମିକ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରିବ। ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ କହିଥିଲେ ଯେ, ମୋ ସରକାର କାର୍ଯ୍ୟକ୍ରମରେ ହିତାଧିକାରୀ ଓ ସାଧାରଣ ଲୋକଙ୍କଠାରୁ ଭଲ ମତାମତ ସରକାର ପାଉଛନ୍ତି। ୫-ଟି ସଚିବ ଭିକେ ପାଣ୍ଡିଆନ୍ ନୂଆପଡ଼ା, ବରଗଡ଼, ସମ୍ବଲପୁର, ଜଗତସିଂହପୁର, ଗଜପତି ଏବଂ କଳାହାଣ୍ଡି ଜିଲ୍ଲାର ଶ୍ରମ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସମ୍ପୃକ୍ତ ବିଭାଗ ବିଷୟରେ ଜନସାଧାରଣଙ୍କ ଧାରଣାରେ ଉନ୍ନତି ଆଣିବା ସରକାରୀ ଅଧିକାରୀଙ୍କ ପାଇଁ ଏକ ଆହ୍ୱାନ। ଫ୍ୟାକ୍ଟ୍ରି ଏବଂ ବଏଲର୍ସ ବିଭାଗ ଏ ଦିଗରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଶ୍ରୀ ପାଣ୍ଡିଆନ୍ କହିଥିଲେ।

## ଏବର୍ଷ ଲାଗୁ ହେବନି +୨ ପ୍ରଥମ ବର୍ଷରେ ପାସ୍‌ଫେଲ୍ ବ୍ୟବସ୍ଥା

**ଭୁବନେଶ୍ୱର :** ଚଳିତ ବର୍ଷଠାରୁ ଯୁକ୍ତ ଦୁଇ ପ୍ରଥମ ବର୍ଷରେ ପାସ୍‌ଫେଲ୍ ବ୍ୟବସ୍ଥା ଲାଗୁ କରିବା ନେଇ ହୋଇଥିବା ନିଷ୍ପତ୍ତିକୁ ପରିବର୍ତ୍ତନ କରିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ଏହି ନିୟମ ଚଳିତ ବର୍ଷରୁ ଲାଗୁ ନହୋଇ ଆସନ୍ତା ଶିକ୍ଷା ବର୍ଷରୁ ଲାଗୁ ହେବ ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ସେହିପରି ପ୍ରଥମ ବର୍ଷରେ ୭୫ ପ୍ରତିଶତ ଉପସ୍ଥାନ ବାଧ୍ୟତାମୂଳକ ରହିବା ନିଷ୍ପତ୍ତିକୁ ମଧ୍ୟ ପରିବର୍ତ୍ତନ କରାଯାଇଛି। ପ୍ରକାଶଥାଉ କି, ୨୦୨୦-୨୧ଶିକ୍ଷା ବର୍ଷରୁ ଲାଗୁ ହେବ ନାହିଁ +୨ ପରୀକ୍ଷା ସଂସ୍କାର। ଦ୍ୱାଦଶ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବା ପାଇଁ ଏକାଦଶ ଶ୍ରେଣୀ ପାସ୍ ବ୍ୟବସ୍ଥାର ହେବ ପୁନର୍ବିଚାର। ତେବେ ଏହି ବ୍ୟବସ୍ଥାକୁ ୨୦୨୧-୨୨ ଶିକ୍ଷା ବର୍ଷରୁ ଲାଗୁ କରିବା ପାଇଁ ନିଷ୍ପତ୍ତି ହୋଇଥିବା ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ପ୍ରଥମ ବର୍ଷ କାଉନସେଲିଂ ପରୀକ୍ଷା କରିବାକୁ ଗଣଶିକ୍ଷା ବିଭାଗର ନିଷ୍ପତ୍ତିକୁ ଚାରିଆଡେ ବିରୋଧ କରାଯାଇଥିଲା। ବିଭିନ୍ନ କଲେଜ ସମ୍ମୁଖରେ ପୋଡ଼ାଜଳା ଓ ବିକ୍ଷୋଭ କରାଯାଉଥିବା ବେଳେ ଏହି ନିଷ୍ପତ୍ତିର ପୁନର୍ବିଚାର କରାଯିବ ବୋଲି ପୂର୍ବରୁ ମନ୍ତ୍ରୀ ଶ୍ରୀ ଦାଶ ସୂଚନା ଦେଇଥିଲେ। ଚଳିତ ବର୍ଷ ନିଷ୍ପତ୍ତି ବିଳମ୍ବରେ ହୋଇଥିବାରୁ ପିଲାମାନେ ପରୀକ୍ଷା ପାଇଁ ପ୍ରସ୍ତୁତ ନାହାଁନ୍ତି। +୨ପ୍ରଥମ ବର୍ଷ ପାସ୍ ପାଇଁ ଛାତ୍ରଛାତ୍ରୀଙ୍କର ୩୩% ମାର୍କ ଏବଂ ୭୫ପ୍ରତିଶତ ଉପସ୍ଥାନ ବାଧ୍ୟତାମୂଳକ କରାଯାଇଥିଲା। ଯାହାକୁ ଛାତ୍ରଛାତ୍ରୀମାନେ ବିରୋଧ କରିଥିଲେ। ବର୍ଷ ଶେଷ ବେଳକୁ ସରକାରଙ୍କ ଏଭଳି ନିଷ୍ପତ୍ତି ଆଦୌ ଗ୍ରହଣୀୟ ନୁହେଁ ବୋଲି ଛାତ୍ରଛାତ୍ରୀ ଦର୍ଶାଇବା ସହ ଏଥିପାଇଁ ଅଧିକ ସମୟ କିମ୍ବା ଆଗାମୀ ଶିକ୍ଷାବର୍ଷରୁ ଲାଗୁ ପାଇଁ ଦାବି କରିଥିଲେ।

## ଖୋଲିବ କ୍ୟାନ୍ସର ହସ୍ପିଟାଲର ଦ୍ୱିତୀୟ କ୍ୟାମ୍ପସ୍




**କଟକ :** ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟରୋଗ କେନ୍ଦ୍ର ଓ ଗବେଷଣା ପ୍ରତିଷ୍ଠାନ ପରିସରରେ ପରିଚାଳନା ପରିଷଦର ଚେୟାରମ୍ୟାନ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍କଟ ରୋଗ କେନ୍ଦ୍ରର ଆବଶ୍ୟକ ଭିତ୍ତିଭୂମି ସାଙ୍ଗକୁ ରୋଗର ଉନ୍ନତ ଚିକିତ୍ସା ସମ୍ପର୍କରେ ଆଲୋଚନା କରାଯାଇଥିଲା। କର୍କଟରୋଗ କେନ୍ଦ୍ର ତଥା ହସ୍ପିଟାଲର ସମ୍ପ୍ରସାରଣ ତ୍ୱରାନ୍ୱିତ କରାଯିବ। ଏଥିସହ କ୍ୟାନସର ହସ୍ପିଟାଲରେ ଖାଲିଥିବା ଡାକ୍ତର ପଦବୀ ଖୁବଶୀଘ୍ର ପୂରଣ କରାଯିବା ସହ ଦ୍ୱିତୀୟ କ୍ୟାମ୍ପସ ଖୁବଶୀଘ୍ର ନିର୍ମାଣ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଏଥି ପାଇଁ କର୍କଟରୋଗ ପ୍ରତିଷ୍ଠାନ ସଂଲଗ୍ନ ୧୩ଟି ଶିଳ୍ପ ବିଭାଗର କ୍ୱାର୍ଟର୍ସକୁ ଭଙ୍ଗାଯାଇ ହସ୍ପିଟାଲର ପରିସୀମାକୁ ବୃଦ୍ଧି କରାଯିବ। ରୋଗୀ ଶଯ୍ୟା ସଂଖ୍ୟା ୨୮୧ ଥିବା ବେଳେ ଏହା ୪୨୫କୁ ବୃଦ୍ଧି କରାଯିବ। କର୍କଟ ରୋଗ ବିଭାଗର ନୂତନ ବାଇ-ଲ ଓ ଲୋଗୋକୁ ସ୍ୱୀକୃତି ଦିଆଯିବ। ଏକ ନୂତନ ବିଭାଗ ୟୁରୋଅଙ୍କୋଲୋଜି ଖୋଲାଯିବ। ୧୦ଟି ଆଇସିୟୁ ବେଡ କାର୍ଯ୍ୟକ୍ଷମ ହେବ। ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ କେନ୍ଦ୍ର ଓ ଗବେଷଣା ପ୍ରତିଷ୍ଠାନ ପରିବର୍ତ୍ତେ ଏହାର ନାମ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର ପ୍ରତିଷ୍ଠାନ ନାମରେ ନାମିତ ହୋଇ ରାଜ୍ୟସରକାରଙ୍କୁ ଏ ସମସ୍ତ ବିଷୟ ଅବଗତ କରାଯାଇ ସ୍ୱୀକୃତି ନିମନ୍ତେ ନିବେଦନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ରାଜ୍ୟସରକାର ଏଥିପାଇଁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇଦେବେବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଦାସ ପ୍ରତିଶ୍ରୁତି ଦେଇଥିଲେ। ଚୌଦ୍ୱାର-କଟକ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ସ୍ୱାସ୍ଥ୍ୟ ସଚିବ ନିକୁଞ୍ଜ ବିହାରୀ ଧଳ, ଯୁଗ୍ମ ସଚିବ ଗୋହା ପୁନମ ତାପସ କୁମାର, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ (ଫାଇନାନ୍ସ) ଗଦାଧର ନନ୍ଦୀ, ରାଜ୍ୟ ଔଷଧ ନିଗମ ନିର୍ଦ୍ଦେଶକ ଯାମିନୀ ଷଡ଼ଙ୍ଗୀ, ଡିଏମଇଟି ପ୍ରଫେସର ଡାକ୍ତର ସିବିକେ ମହାନ୍ତି, କର୍କଟରୋଗ କେନ୍ଦ୍ର ନିର୍ଦ୍ଦେଶକ ଡାକ୍ତର ଲଲାଟେନ୍ଦୁ ଷଡ଼ଙ୍ଗୀ, ଅଧକ୍ଷ ହିରଣ୍ୟ ରାଉତ, ଅଧୀକ୍ଷକ ଡାକ୍ତର ପଦ୍ମାଳୟା ଦେବୀ, ଡିନ୍ ପ୍ରଫେସର ଡାକ୍ତର ନିରଞ୍ଜନ ରାଉତ, ଏସ୍‌ସିବି ଅଧକ୍ଷ ପ୍ରଫେସର ଡାକ୍ତର ଜୟଶ୍ରୀ ମହାନ୍ତି, ଏଡିଏମ୍ ବିଜୟ କୁମାର ଖଣ୍ଡାୟତରାୟ ଓ ଭାରତ ସରକାରଙ୍କ ସ୍ୱାସ୍ଥ୍ୟବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଏହି ବୈଠକରେ ଯୋଗ ଦେଇଥିଲେ। ପିଡବ୍ଲୁଡି ଓ ଆର୍‌ଏଣ୍ଡବିର ଅଧିକାରୀ ଏହି ବୈଠକରେ ଉପସ୍ଥିତ ଥିଲେ। ଏହାପରେ ସ୍ୱାସ୍ଥ୍ୟ ସଚିବ କଟକ ଏସ୍‌ସିବି ମେଡିକାଲ କଲେଜର ଚକ୍ଷୁ ବିଭାଗ ଉପର ମହଲାରେ ଖୋଲା ଯାଇଥିବା କରୋନା ସ୍ୱତନ୍ତ୍ର ୱାର୍ଡକୁ ବୁଲି ଦେଖିବା ସହ ଚିକିତ୍ସା ବ୍ୟବସ୍ଥା ଉପରେ ଅନୁଧାନ କରିଥିଲେ।

# ପିଆଇବିର ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା



**ବ୍ରହ୍ମପୁର, (ପିଆଇବି) :** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷଠାରେ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧିନସ୍ଥ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱର ତରଫରୁ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା ଆୟୋଜିତ ହୋଇଛି। ଏହି କର୍ମଶାଳାକୁ ଦକ୍ଷିଣାଂଚଳ ରାଜସ୍ୱ କମିଶନର ଟି. ଆପାଙ୍ଗ ଆଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ଡ. ଗୋବିନ୍ଦ ଚନ୍ଦ୍ର ପାଣି ଯୋଗଦେଇଥିଲେ। ଏହି କର୍ମଶାଳାରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଓଡ଼ିଶା ପ୍ରାନ୍ତର ଅତିରିକ୍ତ ମହାନିର୍ଦ୍ଦେଶକ ତଥା ଅତିରିକ୍ତ ପ୍ରେସ ରେଜିଷ୍ଟ୍ରାର ଶୈଳେଶ କୁମାର ମାଳବ୍ୟ ସଭାପତିତ୍ୱ କରିଥିଲେ। ସରକାରଙ୍କର ଜନକଲ୍ୟାଣକାରୀ ଯୋଜନାକୁ ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇବାରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶ୍ରୀ ମାଳବ୍ୟ ମତ ରଖିଥିଲେ। ସେ କହିଥିଲେ ଯେ ଗ୍ରାମାଞ୍ଚଳରେ କାର୍ଯ୍ୟକରୁଥିବା ଗଣମାଧ୍ୟମର ପ୍ରତିନିଧିମାନେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଇବାରେ ଉଲ୍ଲେଖନୀୟ ଅବଦାନ ଦେଇଥାନ୍ତି। ବିଭିନ୍ନ ଯୋଜନାର ସୁଫଳ କିପରି ଲୋକମାନେ ପାଇବେ ସେ ସମ୍ପର୍କରେ ସେମାନଙ୍କର ଲେଖା ଓ ରିପୋର୍ଟ ଯଥେଷ୍ଟ ସହାୟକ ହୋଇଥାଏ। ଏପରିକି କାର୍ଯ୍ୟକ୍ରମ ରୂପାୟନ କ୍ଷେତ୍ରରେ ରହିଥିବା ତ୍ରୁଟି ବିଚ୍ୟୁତିକୁ ମଧ୍ୟ ସେମାନେ ଲୋକଲୋଚନକୁ ଆଣି ପ୍ରଶାସନକୁ ସଜାଗ ଓ ପାରଦର୍ଶୀ କରାଇଥାନ୍ତି। ଲୋକତାନ୍ତ୍ରିକ ବ୍ୟବସ୍ଥାକୁ ଗ୍ରାମୀଣ ସାମ୍ବାଦିକମାନେ ସମୃଦ୍ଧ କରିଥାନ୍ତି ବୋଲି ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ମାଳବ୍ୟ କହିଥିଲେ। ଏହି କର୍ମଶାଳାରେ ମୁଖ୍ୟବକ୍ତା ରୂପେ ଯୋଗଦେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମ୍ବାଦିକ ଓ ଗଣଯୋଗାଯୋଗ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଫେସର ପ୍ରଦୀପ ମହାପାତ୍ର ସାମ୍ପ୍ରତିକ ପରିସ୍ଥିତିରେ ଆଧୁନିକ ପ୍ରଯୁକ୍ତିର ବହୁଳ ବ୍ୟବହାର, ସାମ୍ବାଦିକଙ୍କ ସମ୍ମୁଖରେ ରହିଥିବା ଆହ୍ୱାନ, ସୋସିଆଲ ମିଡିଆର ଉପଯୁକ୍ତ ବ୍ୟବହାର ଏବଂ ପରିବର୍ତ୍ତିତ ସମୟରେ ଗଣମାଧ୍ୟମର ଭୂମିକା ଆଦି ଉପରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ଭାରତ ସରକାରଙ୍କ ବିଭିନ୍ନ ଜନଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ପତ୍ର ସୂଚନା କାର୍ଯ୍ୟାଳୟ ଗଣଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କର୍ମଶାଳାକୁ ପରିଚାଳନା କରିଥିଲେ। ଶ୍ରୀ ଚୌଧୁରୀ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବିଭିନ୍ନ ବିଭାଗର କାର୍ଯ୍ୟଶୈଳୀ ଓ ବାର୍ତ୍ତାଳାପର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସେ ଭାରତ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଯଥା : ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା, ସ୍ୱଚ୍ଛ ଭାରତ ଅଭିଯାନ, ଡିଜିଟାଲ ଇଣ୍ଡିଆ, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଓ ଉଜ୍ଜ୍ୱଳା ଯୋଜନା ଆଦି ସମ୍ପର୍କରେ ସଂକ୍ଷେପରେ ଆଲୋଚନା କରିଥିଲେ। ଆଞ୍ଚଳିକ ଜନସମ୍ପର୍କ ବ୍ୟୁରୋର ନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ଆଞ୍ଚଳିକ ସାମ୍ବାଦିକଙ୍କୁ ପ୍ରଶିକ୍ଷିତ କରିବା ପାଇଁ ବାର୍ତ୍ତାଳାପ କାର୍ଯ୍ୟକ୍ରମର ଗୁରୁତ୍ୱ ସମ୍ପର୍କରେ ବୁଝାଇଥିଲେ। ଶ୍ରୀ ମିଶ୍ର ବିଭିନ୍ନ ଉଦାହରଣ ମାଧ୍ୟମରେ ସାମ୍ବାଦିକମାନଙ୍କୁ ବହୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଆକାଶବାଣୀର କାର୍ଯ୍ୟକ୍ରମ ମୁଖ୍ୟ ଡ. ହୃଷିକେଶ ପାଣିଗ୍ରାହୀ, ବରିଷ୍ଠ ସାମ୍ବାଦିକ ଅମ୍ବିକା ପ୍ରସାଦ ଦାଶ, ବ୍ରହ୍ମପୁର କ୍ଷେତ୍ର ପ୍ରଚାର ଅଧିକାରୀ ମନମୋହନ ପାଢ଼ି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିରଞ୍ଚି ନାରାୟଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଦିନିକିଆ କର୍ମଶାଳାରେ ବ୍ରହ୍ମପୁରର ପାଖାପାଖି ୪୦ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ଓ ନିଜ ମତାମତ ରଖିଥିଲେ। ସରକାରଙ୍କ ସମସ୍ତ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧି ଓ ଜିଲ୍ଲା ପ୍ରଶାସନ ତଥା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଅଧିକାରୀମାନଙ୍କ ମଧ୍ୟରେ ମତବିନିମୟ ହୋଇଥିଲା। ବିଶେଷ କରି ସାମ୍ବାଦିକମାନେ ଏକ ସ୍ୱତନ୍ତ୍ର ଆଲୋଚନା ଅଧିବେଶନରେ ନାଗରିକତା ସଂଶୋଧନ ଆଇନ ଉପରେ ନିଜ ମତ ରଖିଥିଲେ। ପରିଶେଷରେ ପିଆଇବିର ଉପନିର୍ଦ୍ଦେଶକ ସୀତାନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।





EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୩ - ୦୯ ଫେବୃଆରୀ, ୨୦୨୦

# ବାଟବଣା ଯୋଜନାରେ ସମସ୍ତଙ୍କ କ୍ଷତି

**ଦେ**ଶରେ କେନ୍ଦ୍ର ସରକାରଙ୍କ ଅନେକ ଗୁଡିଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ବିରୋଧ କରି ବିରୋଧୀ ରାଜନୈତିକ ଦଳ, ଛାତ୍ର ନେତା ଏବଂ ସମାଜସେବୀମାନେ ଯେଉଁଭଳି ଆନ୍ଦୋଳନ ଚଳାଇଛନ୍ତି ସେଥିରେ ଅନ୍ୟ ରାଷ୍ଟ୍ରକୁ ଆମ ରାଷ୍ଟ୍ର ସମ୍ପର୍କରେ ଭୁଲ ବାର୍ତ୍ତା ଯାଉଛି। ଯାହାଫଳରେ ଭାରତ ନିଜକୁ ଶକ୍ତିଶାଳୀ ଦେଶ ରୂପେ ପରିଗଣିତ କରିବାକୁ ଚାହୁଁଥିଲେ ବି ଏଥିରେ ଏ ସମସ୍ତ ଘଟଣା ପ୍ରତିବନ୍ଧକ ରୂପେ ବାଟ ଓଗାଳୁଛି। ତେବେ ବାସ୍ତବ କଥାଟି କ'ଣ। ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତିକୁ ସୁଧାରିବାରେ ସରକାରଙ୍କ ଆନ୍ତରିକତା ଓ ଜନସାଧାରଣଙ୍କ ପ୍ରତିକ୍ରିୟା ସମାନ ରହିବା ଉଚିତ୍। ଯେତେବେଳେ ସାଧାରଣ ଲୋକ ସରକାରଙ୍କ ଉପରେ ଭରସା ନକରି ନିଜର କ୍ଷତି ହେଉଛି ବୋଲି ଅନୁଭବ କରନ୍ତି ସେତେବେଳେ ଆନ୍ଦୋଳନ ଉଗ୍ରରୂପ ଧାରଣ କରିଥାଏ। ଏଥିରେ ଦେଶର ପ୍ରଭୂତ କ୍ଷତି ହେବା ସହିତ ସମାଜରେ ଅରାଜକତା ବ୍ୟାପେ। ଏଥିରୁ ମୁକ୍ତି ପାଇବାକୁ ହେଲେ କେନ୍ଦ୍ର ସରକାର ସାଧାରଣ ଲୋକଙ୍କୁ ବିଶ୍ୱାସକୁ ନେଇ ନୂତନ ଆଇନ କାର୍ଯ୍ୟକାରୀ କରିବାକୁ ପଡିବ। ସିଏଏ, ଏନ୍ଆରସି ଓ ନୂଆ ମୋଟର ଯାନ ଆଇନ ଭଳି ଅନେକ ଗୁଡିଏ ନୂଆ ଆଇନ କାର୍ଯ୍ୟକାରୀ କରାଯିବା ପୂର୍ବରୁ ଏହାର ଭଲ ଦିଗ ଓ ମନ୍ଦ ଦିଗକୁ ନିରପେକ୍ଷ ଭାବେ ତର୍ଜମା କରି ଆଇନରେ ମୋହର ମାରିବା ଠିକ୍ ବୋଲି ବିଚାର କରାଯାଏ। ଦେଶର ଆଭ୍ୟନ୍ତରୀଣ ମାମଲା ଯେତେବେଳେ ଅନ୍ୟ ଦେଶରେ ଆଲୋଚନା ହୁଏ ବା ଏହାକୁ ନେଇ ଦ୍ୱିମତ ଦେଖାଦିଏ ସେତେବେଳେ ଅନ୍ୟ ରାଷ୍ଟ୍ରକୁ ଆମ ରାଷ୍ଟ୍ରର ମହତ୍ତର ଉଦ୍ଦେଶ୍ୟ ପାଇଁ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ପୂର୍ଣ୍ଣ ପ୍ରମାଣ ସହ ତଥ୍ୟ ଆଦାନ ପ୍ରଦାନ କରି ଦେଶ ପାଇଁ ହିତକର କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ପଡିବ। ଅନେକ କ୍ଷେତ୍ରରେ ଦେଖାଯାଉଛି ଯେ, ରାଜ୍ୟ ଗୁଡିକ ନିଜର ରାଜନୈତିକ ଅଭିସନ୍ଧି ରଖି ଏନେଇ କେନ୍ଦ୍ର ସରକାରଙ୍କ ସହ ମୂଳଚାଲ ଆରମ୍ଭ କରିଦେଉଛନ୍ତି। ଯେଉଁଥିପାଇଁ ଦେଶ ସୁରକ୍ଷା ଭଳି ପ୍ରସଙ୍ଗ ଗୁଡିକରେ ମଧ୍ୟ ଏଭଳି ଘଟଣା ଘଟୁଛି। ଏହା ଭାରତ ପାଇଁ ଆଦୌ ଶୁଭଙ୍କର ନୁହେଁ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଦେଶର ସାଧାରଣ ନାଗରିକମାନେ ବ୍ୟବସ୍ଥା ସହିତ ଜଡିତ ରହି ମୌଳିକ ସୁବିଧା ସୁଯୋଗ ପାଇବାର ହକ୍‌ଦାର ଅଟନ୍ତି। ଯେତେବେଳେ ସାଧାରଣ ନାଗରିକଟିଏ ନିଜ ପାଇଁ ଉଦ୍ଦିଷ୍ଟ ମୌଳିକ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହୁଏ ସେତେବେଳେ ତା' ମନ ଭିତରେ ବିଦ୍ରୋହର ଭାବନା ଜାଗି ଉଠିଥାଏ। ଏହା ଜଣକ ଠାରୁ ଆଉ ଜଣଙ୍କୁ ଏଭଳି ହୋଇ ଅନେକଙ୍କ ନିକଟରେ ପହଞ୍ଚିବା ପରେ ବିଦ୍ରୋହ ତୀବ୍ର ହେବା ସହିତ ସରକାର ବିରୋଧୀ ନାରାବାଜି ଅଧିକରୁ ଅଧିକ ବ୍ୟାପିଯାଏ। ଏହାରି ମଧ୍ୟରେ ଦେଶ ବିରୋଧୀ ତତ୍ତ୍ୱମାନେ ନିଜର ଅଭିଳଷିତ ଯୋଜନା ଗୁଡିକୁ ପୂର୍ଣ୍ଣ ପ୍ରାଣରେ ହାସଲ କରିବା ପାଇଁ ଲାଗି ପଡନ୍ତି। ତଦ୍ୱାରା ଆମ ଦେଶରେ ଏକ ନକାରାତ୍ମକ ବାତାବରଣ ସୃଷ୍ଟି ହେବାର ଯେଉଁ ଆଶଙ୍କା ଦେଖାଦିଏ ତାହା ଭବିଷ୍ୟତ ପିଢ଼ି ପାଇଁ ଭୟାନକ ପରିସ୍ଥିତି ସୃଷ୍ଟି କରିବାର ଏକ ଭିତ୍ତିଭୂମି ପ୍ରସ୍ତୁତ କରିବାରେ ସହାୟକ ହୁଏ। ଏହା ସର୍ବାଦୌ ଗ୍ରହଣୀୟ ନୁହେଁ। ଯେଉଁ ମାଟିର ପାଣି ପବନ ଖାଇ ଆମେ ନିଜକୁ ଦେଶର ନାଗରିକ ବୋଲାଉଛେ ସେ ଦେଶର କ୍ଷତି ଚାହିଁବା କେତେ ଯଥାର୍ଥ ? ଏ ସମସ୍ତ ଦିଗକୁ ଅନୁଶୀଳନ କରି ଦେଶବାସୀ ଦେଶ ହିତ ପାଇଁ ଲାଗୁ କରାଯାଉଥିବା ନୂଆ ଆଇନକୁ ସମ୍ମାନ ଦେଇ ଏହାର ମୂଲ୍ୟବୋଧ ବଜାୟ ରଖିବା ହେଉଛି ପ୍ରକୃତ ନାଗରିକର ଲକ୍ଷଣ। ଅନ୍ୟ ଦେଶର ଷଡଯନ୍ତ୍ରରେ ପଡି ଭାରତରେ ବସବାସ କରୁଥିବା ଭାରତୀୟ ଯେତେବେଳେ ନିଜ ଦେଶର ଶତ୍ରୁ ହେବେ ସେତେବେଳେ ବାଧ ହୋଇ ସରକାର ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବେ। ଏଥିରେ ସରକାରଙ୍କର ତ୍ରୁଟିକୁ ଆଦୌ ଧରାଯିବା ଅନୁଚିତ୍। କାରଣ ଦେଶ ବିରୋଧୀ ତତ୍ତ୍ୱମାନେ ମେଳି ବାନ୍ଧିଲେ ଆଗାମୀ ଦିନରେ ଭାରତ ଖଣ୍ଡ ଖଣ୍ଡ ହୋଇଯିବା ସହିତ ଅଖଣ୍ଡ ଭାରତର ସ୍ୱପ୍ନ ମଧ୍ୟ ଧୂଳିସାତ୍ ହୋଇଯିବ।

ସମ୍ପାଦକୀୟ
ତାରକ ମହାନ୍ତି



ସେହିଭଳି ରାଜ୍ୟରେ ମଧ୍ୟ ରାଜ୍ୟ ସରକାର ନେଉଥିବା ଅନେକ ନିଷ୍ପତ୍ତିକୁ ବିରୋଧୀ ମାନେ ବିରୋଧ କରିବା ବାହାନାରେ ବିରୋଧ କରିଥାନ୍ତି। କିନ୍ତୁ ଏହାଦ୍ୱାରା ସାଧାରଣ ଲୋକଙ୍କର ସ୍ୱାର୍ଥ ଅପେକ୍ଷା ରାଜନୈତିକ ରୁଟି ସେକିବା ହିଁ ମୁଖ୍ୟ ଆୟୁଧ ଭାବେ କାର୍ଯ୍ୟ କରିଥାଏ। ରାଜ୍ୟର ସୁରକ୍ଷା ପ୍ରସଙ୍ଗରେ ସରକାରଙ୍କୁ ସାଧାରଣ ଲୋକଙ୍କ ସମର୍ଥନ ଦେବାର ଆବଶ୍ୟକତା ଥିଲା ବେଳେ ସରକାର କେତେବେଳେ ସାଧାରଣ ଲୋକ ଦେଉଥିବା ପ୍ରସ୍ତାବ ଉପରେ ତର୍ଜମା ନକରି ଏକ ପାଖିଆ ନିଷ୍ପତ୍ତି ନିଅନ୍ତି ସେତେବେଳେ ଏହାକୁ ତୀବ୍ର ବିରୋଧ କରାଯିବାରେ ମଧ୍ୟ ପ୍ରାସଙ୍ଗିକତା ରହିଛି। ଏଥିରେ ଅନୁପ୍ରବେଶକାରୀ କଥା ହେଉ କିମ୍ବା ଅନ୍ୟ ରାଜ୍ୟ ଆମ ରାଜ୍ୟର ଭୂ-ସମ୍ପତ୍ତିକୁ ଜବରଦଖଲ କରି ନିଜ ରାଜ୍ୟରେ ସାମିଲ କରିବାର ଅପଚେଷ୍ଟା କରନ୍ତି ସେତେବେଳେ ସରକାରଙ୍କ ସହିତ ସାଧାରଣ ଲୋକ ମିଶି ଏହାକୁ ବିରୋଧ କରିବା ଉଚିତ୍। କଥିତ ଅଛି ପ୍ରଜାମେଳି ଆରମ୍ଭ ବେଳେ ସରକାର ଅଡୁଆରେ ପଡିଥାନ୍ତି। ତେଣୁ ଏହି ଅଡୁଆରେ ପଡିବା ପୂର୍ବରୁ ସରକାର ପ୍ରଜାଙ୍କ ସୁରକ୍ଷା ପ୍ରତି ପ୍ରାଧାନ୍ୟ ଦେଇ ଜନହିତକର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି। ଶ୍ରୀକ୍ଷେତ୍ର ବିକାଶ କ୍ଷେତ୍ରରେ ରାଜ୍ୟ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ଯେଭଳି ଦୃଢ଼ ସମର୍ଥନ ମିଳିଲା ସେହିଭଳି ରାଜ୍ୟରେ ପ୍ରତ୍ୟେକ ଜନହିତକର କାର୍ଯ୍ୟରେ ସରକାରଙ୍କୁ ସାଧାରଣ ଲୋକ ସମର୍ଥନ ଦେଲେ ଏହାର ଗତି କ୍ଷୀପ୍ର ହେବାରେ ସହଯୋଗ କରିବ। ପୂର୍ବରୁ ଅନେକ ଆଇନ ରହିଥିଲେ ବି ଏହାର କାର୍ଯ୍ୟକାରିତାରେ ମନ୍ଥରତା ଯୋଗୁ ରାଜ୍ୟରେ ଅନେକ ବିକାଶମୂଳକ କାର୍ଯ୍ୟ ମନ୍ଥର ହୋଇପଡିଥିଲା। କିନ୍ତୁ ୫-ଟି' ସଚିବଙ୍କ ଆଗମନ ପରେ ଯେଭଳି ଏହା ଅନ୍ତର୍ଭୁକ୍ତ ବିଭାଗ ଗୁଡିକରେ କାର୍ଯ୍ୟକ୍ରମରେ ନୂତନତା ଦେଖିବାକୁ ମିଳିଲା ବା ସ୍ୱଚ୍ଛତା ଅନୁଭବ ହେଲା ତାହା ସମସ୍ତଙ୍କୁ ଆଶ୍ୱସ୍ତ କରୁଛି। ତେଣୁ ପ୍ରତ୍ୟେକ ବିଭାଗର ପ୍ରତ୍ୟେକ କାର୍ଯ୍ୟରେ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଲେ ସାଧାରଣ ଲୋକ ଏହାଦ୍ୱାରା ପୂର୍ଣ୍ଣମାତ୍ରାରେ ନହେଲେ ବି ଅନେକାଂଶରେ ଲାଭବାନ୍ ହେବେ। ଧୀରେ ଧୀରେ ବ୍ୟବସ୍ଥାର ସ୍ୱଚ୍ଛତା ଲୋକ ଅନୁଭବ କରିପାରିବେ ଏବଂ ସରକାରଙ୍କ ପ୍ରତି ଅଧିକରୁ ଅଧିକତ ଆସ୍ଥାଭାଜନ ହେବେ। କିନ୍ତୁ ଅନେକ କ୍ଷେତ୍ରରେ ଦେଖାଯାଉଛି ସରକାର ତରବରିଆ ଭାବେ ଏଭଳି କିଛି ନିଷ୍ପତ୍ତି ନେଉଛନ୍ତି ଯେଉଁଥିରେ ଅପରିପକ୍ୱତାର ଗନ୍ଧ ଅଧିକ ରହୁଛି। ବାସ୍ତବ ସ୍ଥିତିକୁ ଆକଳନ ନକରି ବା ନିଷ୍ପତ୍ତି ପଛର ଅଭିଜ୍ଞତାକୁ ତର୍ଜମା ନକରି କେବଳ ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ଲୋକଙ୍କ ମନରେ ନୂଆ ଯୋଜନାକୁ ନୂଆ ରଙ୍ଗରେ ଉପସ୍ଥାପିତ କରନ୍ତି ସେତେବେଳେ ବୁଝିବା ଲୋକମାନେ ଏହାକୁ ବିରୋଧ କରିଥାନ୍ତି। ଏଥିରେ ଅନେକ ବୁଦ୍ଧିଜୀବୀ, ଅଭିଜ୍ଞ ବ୍ୟକ୍ତି ବିଶେଷ ଏବଂ ଯୋଜନା କାର୍ଯ୍ୟାନ୍ୱୟନ ପାଇଁ ବ୍ୟବସ୍ଥାରେ ଥିବା ତ୍ରୁଟି ବିଚ୍ୟୁତିକୁ ସୁଧାରି ପାରୁଥିବା ବିଜ୍ଞ ଲୋକମାନେ ପରାମର୍ଶ ଦେବାର ଅଧିକାର ରହିଥିଲେ ବି ସରକାର କାହାର ପରାମର୍ଶ ନିଅନ୍ତି ନାହିଁ। ଯେଉଁଥିପାଇଁ ଯୋଜନା ଅଧପନ୍ତରିଆ ହେବା ସହିତ ନିଷ୍ପତ୍ତି ବାଟବଣା ହୋଇପଡେ। ଏଥିରେ ନା' ସରକାର ନା' ଲୋକଙ୍କ ଲାଭ ହୁଏ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# କରୋନା ଭୂତାଣୁର କାୟା



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

କରୋନା ଭାଇରସ ସମଗ୍ର ବିଶ୍ୱରେ ଚିନ୍ତା ବଢ଼ାଇ ଦେବା ସହ ଏହା ମହାମାରୀର ରୂପ ନେବା ସହ ଆଶଙ୍କା ବଢ଼ାଇଦେଲାଣି। ଏହା ଏକ ପ୍ରଜାତିର ଭାଇରସ ଯାହାକି ମଣିଷ ସହ ବିଭିନ୍ନ ପଶୁ, କୁକୁର, ଗୋରୁଗାଈ କୁକୁଡା, ଘୁଷୁରୀ, ମୂଷା ଓ ସାପ ଆଦିଙ୍କ ଦେହରେ ପ୍ରବେଶ କରି ସେମାନଙ୍କ ଦେହରେ ନିଜର ବଂଶ ବଢ଼ାଇଥାଏ। ଯାହାକୁ ଆରଏନ୍ଏ ବା ରାଇବୋ ନ୍ୟୁକ୍ଲିକ ଏସିଡ୍‌କୁ ବଢାଇଥାଏ। ଏହା ଯାହାଙ୍କ ଦେହରେ ପ୍ରବେଶ କରେ ତାଙ୍କ ଶରୀର କୋଷିକା ଭିତରକୁ ଯାଇ ଏହା ସଂକ୍ରମିତ କରେ। ବର୍ତ୍ତମାନର ୨୦୧୯ ଏନ୍‌ସିଓଭି ବା ନୋବେଲ କରୋନା ପୂର୍ବରୁ ଛଅଟି କରୋନା ଭାଇରସ ସମ୍ପର୍କରେ ଜଣାଥିଲା। ତାହା ଭିତରୁ ଚାରୋଟି ମଣିଷ ଦେହରେ ସାମାନ୍ୟ ଥଣ୍ଡାଜନିତ ସମସ୍ୟା ବଢ଼ାଇ ଦିଏ। କିନ୍ତୁ ୨୦୦୨ ପରେ ଆଉ ଦୁଇଟି ଘାତକ କରୋନା ଭାଇରସର ସନ୍ଧାନ ମିଳିଥିଲା ଯାହା ଯୋଗୁଁ ମଣିଷର ଜୀବନ ଅକାଳରେ ବି ଚାଲିଯାଇପାରେ। ଏହି ଦୁଇଟି ଭାଇରସ ଅତ୍ୟନ୍ତ ମାରାତ୍ମକ ଯାହାକି ମଣିଷ ଶରୀରରେ ସିଭିୟର ଆକ୍ୟୁଟ ରେସପିରଟୋରି ସିଣ୍ଡ୍ରୋମ (ସାର୍ସ) ଏବଂ ମିଡିଲ ଇଷ୍ଟ ରେସପିରାଟୋରି ସିଣ୍ଡ୍ରୋମ ପରି ରୋଗ ସୃଷ୍ଟି କରିଥାଏ। ଷାଠିଏ ଦଶକରେ ପ୍ରଥମଥର ଭାବରେ ଚିହ୍ନଟ ହୋଇଥିବା ଏହି ମାରାତ୍ମକ ଭୂତାଣୁର ଶିକାର ହୋଇ ଏଯାବତ୍ ସମଗ୍ର ବିଶ୍ୱରେ ୮୫୮ଜଣ ଲୋକଙ୍କ ଜୀବନ ନେଲାଣି। ଚୀନର ବିଶେଷଜ୍ଞମାନେ ଏହି ଭାଇରସର ଜେନେଟିକ୍ କୋଡକୁ ଚିହ୍ନଟ କରି ତାକୁ ସାର୍ବଜନୀନ କରିବା ଦ୍ୱାରା ବିଭିନ୍ନ ଦେଶର ଚିକିତ୍ସକମାନେ ଏହାକୁ ବ୍ୟବହାର କରି ଏହି ଭାଇରସ ଦ୍ୱାରା ଆକ୍ରାନ୍ତ ହୋଇ ଏହାର ଚିକିତ୍ସା ସମ୍ବନ୍ଧରେ ବିଶେଷ ଜାଣିବାର ଅବକାଶ ସୃଷ୍ଟି କରିଛନ୍ତି। ତେବେ ଏହି ଭାଇରସ ଯୋଗୁଁ ହେଉଥିବା ରୋଗର ଲକ୍ଷଣ କିଛି ଦିନ ପରେ ପ୍ରକାଶ ପାଉଥିବାରୁ ତୁରନ୍ତ ଏହାକୁ ଚିହ୍ନଟ କରିବା କଷ୍ଟକର। ଏହି ଭାଇରସର ଚିକିତ୍ସା ପାଇଁ କୌଣସି ଟୀକା କିମ୍ବା ଔଷଧ ଏପର୍ଯ୍ୟନ୍ତ ବାହାରି ନାହିଁ। ତେଣୁ ଏହାର ପ୍ରତିକାର ବା ମୂଳୋତ୍ପାଟନ ପାଇଁ କେବଳ ଆଣ୍ଟିବାୟୋଟିକ ଦେଇ ଏହି ଭାଇରସକୁ ନଷ୍ଟ କରାଯାଇପାରିବ ନାହିଁ। କେବଳ ଆଣ୍ଟିଭାଇରାଲ ଔଷଧ ବ୍ୟବହାର କରି ଏହାକୁ କିଛିକାଂଶରେ ନିୟନ୍ତ୍ରଣ କରାଯାଇପାରିବ। ତେବେ ଏହାର ବିଳମ୍ବିତ ପ୍ରତିକାର ପାଇଁ ସମଗ୍ର ବିଶ୍ୱରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଚାଲିଯାଇ ସାରିଥିବାର ଆଶଙ୍କା ମଧ୍ୟ ସୃଷ୍ଟି ହେଲାଣି। ଡାକ୍ତରମାନେ ରୋଗୀର ସଂସ୍ପର୍ଶରେ ଆସୁଥିବାରୁ ସେମାନଙ୍କୁ ପ୍ରୋଟେକ୍ଟିଭ ଗିୟର ପିନ୍ଧିବା ପାଇଁ ପଡୁଛି। ଚୀନର ଅଭିଜ୍ଞ ଗବେଷକ ବୈଜ୍ଞାନିକମାନେ ମାରାତ୍ମକ କରୋନା ଭାଇରସ ଉପରେ ତତ୍କାଳ ଓ ବ୍ୟାପକ ଗବେଷଣା ଜାରି ରଖିଛନ୍ତି। ଇଲେକ୍ଟ୍ରୋନିକ ମାଇକ୍ରୋସ୍କୋପ ଦ୍ୱାରା ଉଠାଯାଇଥିବା ଏକ ଫଟୋକୁ ଚୀନର ନ୍ୟାସନାଲ ମାଇକ୍ରୋବାୟୋଲୋଜି ଡାଟା ସେଣ୍ଟର ଦ୍ୱାରା ସାର୍ବଜନୀନ କରାଯାଇଛି। ଜଣେ ରୋଗୀ ଠାରୁ ସଂଗୃହୀତ ନମୂନାରୁ ଏହି ଫଟୋ ସଂଗ୍ରହ କରାଯାଉଛି। କରୋନା ଭାଇରସ ଚୀନରୁ ଆସୁଥିବାରୁ ଚୀନ ପରି ଏକ ସ୍ୱାସ୍ଥ୍ୟ ବିକଶିତ ରାଷ୍ଟ୍ର ଏହାପାଇଁ ପଦକ୍ଷେପ ଯଥେଷ୍ଟ ପୂର୍ବରୁ ଗ୍ରହଣ କରିସାରିଛି ଯେପରି ବାୟୋସେଫ୍‌ଟି ଲେବଲ-୪ ଲାବ୍ ୨୦୧୮ ଜାନୁଆରୀରେ ଚୀନ ସ୍ଥାପନ କରିଛି ଯେଉଁଠାରେ କରୋନା ଓ ସାର୍ସ ପରି ଅତ୍ୟନ୍ତ ଭୟାନକ ଭାଇରସ ଉପରେ ଗବେଷଣା ଚାଲିଛି। ତେବେ ପାଶ୍ଚାତ୍ୟ ରାଷ୍ଟ୍ରର କିଛି ଗବେଷକମାନେ ଚୀନ ଉପରେ ଆଶଙ୍କା ବ୍ୟକ୍ତ କରି ମତ ଦେଇଛନ୍ତି ଯେ ଚୀନର ଏକ ଜୈବିକ ଅସ୍ତ୍ରାଗାରରୁ ଏହି ଭାଇରସ ଲିକ୍ ହୋଇଛି। ଅସଲରେ ଚୀନ ଅତ୍ୟନ୍ତ ମାରାତ୍ମକ ସୂକ୍ଷ୍ମ ଜୀବକୁ ଜୈବିକ ଅସ୍ତ୍ର ଭାବେ ବ୍ୟବହାର କରିବାକୁ ଚାହୁଁଛି। ଯାହାକି ତାହାର ତଥାକଥିତ ଶତ୍ରୁ ଶକ୍ତି ରାଷ୍ଟ୍ର ଉପରେ ପ୍ରୟୋଗ କରି ମହାମାରୀ ଭଳି ପରିସ୍ଥିତି ସୃଷ୍ଟି କରିବାକୁ ଚାହୁଁଛି। ଯାହାଦ୍ୱାରା ଲକ୍ଷ ଲକ୍ଷ ଲୋକ ଅକାଳରେ ମୃତ୍ୟୁ ବରଣ କରିବା ଦ୍ୱାରା ସେ ରାଷ୍ଟ୍ର ଏକ ପ୍ରକାର ଚୀନ ଆଗରେ ନତମସ୍ତକ ହେବ। ସେହିପରି ଏହି ଭାଇରସ କୋଟି କୋଟି ଟଙ୍କା ମୂଲ୍ୟର ଫସଲ ନଷ୍ଟ କରିବାର ମଧ୍ୟ ଶକ୍ତି ରଖିଛି। ଯଦିଓ ଏହା ଗବେଷଣା ସାପେକ୍ଷ କିନ୍ତୁ ଏହା ସତ୍ୟ ହୋଇଥିଲେ ଅତ୍ୟନ୍ତ ସାଙ୍ଘାତିକ।

ଘରେ ରହୁଥିବା ବିଲେଇ, ବାଦୁଡ଼ି, ଓଟ ସହିତ ଅନ୍ୟାନ୍ୟ କିଛି ପଶୁଙ୍କ ଶରୀରରେ ଏହି ଭୂତାଣୁ ସଂକ୍ରମିତ ହେବାର ଅଧିକ ସମ୍ଭାବନା ରହିଛି। ସଂକ୍ରମିତ ହେବାର ପ୍ରାଥମିକ ଲକ୍ଷଣ କେବଳ ନିଃଶ୍ୱାସ ପ୍ରଶ୍ୱାସର ଯନ୍ତ୍ରଣା ନୁହେଁ, ଜ୍ୱର, କାଶ ଓ ଗଳାରେ ଯନ୍ତ୍ରଣା ଦେଖାଯାଇଥାଏ। ବେଳେ ବେଳେ ପରବର୍ତ୍ତୀ ସମୟରେ ଏହାର ପ୍ରକୋପ ବଢ଼ି ନିମୋନିଆରେ ପରିଣତ ହୋଇ କିଡ୍‌ନୀ ଓ ଲିଭର ମଧ୍ୟ କ୍ଷତି ପହଞ୍ଚାଇଥାଏ। ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା କିଡ୍‌ନୀ ଓ ଲିଭର ଆକ୍ରାନ୍ତ ହେବାପରେ ଏହା କେତେକ କ୍ଷେତ୍ରରେ ଶରୀରର ନ୍ୟୁରୋ ସିଷ୍ଟମକୁ ପ୍ରଭାବିତ କରିଥାଏ। ପରିପାର୍ଶ୍ୱିକ ସମସ୍ୟା ଭାବେ ଏହା ସମଗ୍ର ଶରୀରକୁ ଅସ୍ତବ୍ୟସ୍ତ କରିପକାଏ। କ୍ଷୁଧାହୀନତା, ବଦ୍‌ହଜମୀ, ଆମ୍ବିଳା ଢ଼କାର ଓ ପେଟରେ ଯନ୍ତ୍ରଣା ଅନୁଭୂତ ହୁଏ। ଏହା ସହ ମୁର୍ମୁଷୁ ଜଣଙ୍କ ମୁଣ୍ଡବିନ୍ଧା ସହ ଛାତିବିନ୍ଧା, ଛିଙ୍କିବା ଓ କାଶ ହୁଏ। ଭୂତାଣୁ ସଂକ୍ରମିତ ରୋଗୀ ପାଖରେ ରହୁଥିବା ଚିକିତ୍ସକ, ସ୍ୱାସ୍ଥ୍ୟ ସହାୟକ ଓ ଅନ୍ୟକର୍ମଚାରୀମାନେ ମାସ୍କ ବ୍ୟବହାର ସହ ଔଷଧୀୟ ଗୁଣ ସମ୍ପନ୍ନ ପଦାର୍ଥ ଦ୍ୱାରା ଭଲ ଭାବେ ହାତ ଧୋଇବା ଜରୁରୀ। ନିଶାଦ୍ରବ୍ୟ ସେବନ କରୁଥିବା, ମଦ୍ୟପାନ କରୁଥିବା ଓ ବଜାରରେ ଫାଷ୍ଟଫୁଡ ଖାଉଥିବା, କେତେକ କ୍ଷେତ୍ରରେ ସାମୁଦ୍ରିକ ମାଛ ଓ କଙ୍କଡା ଆଦି ଖାଉଥିବା ଲୋକଙ୍କ ପାଇଁ ଏହା ଅତ୍ୟନ୍ତ ଜଟିଳ ପରିସ୍ଥିତି ସୃଷ୍ଟି କରିବାର ସମ୍ଭାବନା ରହିଛି। ଘରୋଇ ପଶୁ ହୁଅନ୍ତୁ ବା ବନ୍ୟଜନ୍ତୁଙ୍କ ସମ୍ପର୍କରେ ଆସୁଥିବା କିମ୍ବା ପଶୁ ମାନଙ୍କ ମାଂସ ଭକ୍ଷଣ କରୁଥିବା ଲୋକମାନଙ୍କ ପାଇଁ ଏହା ସାଙ୍ଘାତିକ ପରିସ୍ଥିତି ସୃଷ୍ଟି କରିବା ସମ୍ଭାବନା ରହିଛି। କେବଳ ସେତିକ ନୁହେଁ କୁକୁଡ଼ା, ବାଦୁଡ଼ି, ସି ଫୁଡ୍, ସାପ ଓ ମଇଁସି ମାଂସ କ୍ରୟବିକ୍ରୟ ହେଉଥିବା ବା ପ୍ରସ୍ତୁତି ହେଉଥିବା ସ୍ଥାନରେ ମଧ୍ୟ ଏହି ଭୂତାଣୁ ସଂକ୍ରମଣର କାୟା ବଢ଼ାଇ ଦେବାର କ୍ଷମତା ରଖିଛି। ବିଶ୍ୱବ୍ୟାପୀ ହଇଚଇ ସୃଷ୍ଟି କରିଥିବା କରୋନା ଭୂତାଣୁ ଓଡ଼ିଶାରେ ଯେପରି ତାର କାୟା ବିସ୍ତାର ନକରିବ ତାହା ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଅତ୍ୟନ୍ତ ଗୁରୁତର ସହ ତତ୍ପର ହୋଇଛି। ଭୁବନେଶ୍ୱର ବିମାନ ବନ୍ଦରରେ ସ୍କ୍ରିନିଂ ବ୍ୟବସ୍ଥା ରହିବା ସହ ହସ୍ପିଟାଲରେ ଆଇସ୍ୟୁଲେସନ ୱାର୍ଡ଼ ମଧ୍ୟ ପ୍ରସ୍ତୁତ କରାଯାଇଛି। ମାଲେସିଆରେ ଏହି ଭୂତାଣୁ ସଂକ୍ରମଣର ଭୟ ରହିଥିବାରୁ ଓ ଭୁବନେଶ୍ୱରରୁ ମାଲେସିଆ ସିଧାସଳଖ ବିମାନ ଯୋଗାଯୋଗ ବ୍ୟବସ୍ଥା ରହିଥିବାରୁ ସରକାର ଏହି ବିମାନ ଯାତ୍ରୀ ମାନଙ୍କୁ ପ୍ରାଥମିକତା ଭାବରେ ପରୀକ୍ଷା ପାଇଁ ବ୍ୟବସ୍ଥା କରିଛନ୍ତି। ସେହିପରି ସତର୍କତା ମୂଳକ ପଦକ୍ଷେପ ଭାବେ ଚୀନରୁ ଏକ ମାସ ତଳୁ ଆସିଥିବା ଯାତ୍ରୀ ମାନଙ୍କ ତଥ୍ୟ ସଂଗ୍ରହ ସହ ଝାରସୁଗୁଡ଼ାରେ ଥିବା ପାୱାର ପ୍ଲାଣ୍ଟରେ ଚୀନର ନାଗରିକମାନେ କାର୍ଯ୍ୟ କରୁଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉପରେ ଦୃଷ୍ଟି ରଖାଯାଇଛି। ସରକାର ୨୪ଘଣ୍ଟିଆ କଣ୍ଟ୍ରୋଲରୁମ୍ ଖୋଲିବା ସହ କଟକସ୍ଥିତ ବଡ଼ମେଡ଼ିକାଲ, ବୁର୍ଲାର ଭୀମସାର ଓ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କରୋନା ଭୂତାଣୁ ରୋଗୀ ମାନଙ୍କ ପାଇଁ ଆଇସ୍ୟୁଲେସନ ୱାର୍ଡ଼ ଖୋଲିବା ସହ ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିଛନ୍ତି। ଓଡ଼ିଶାରେ କରୋନା ଭୂତାଣୁ ପଭିଟିଭ ଆସିବାର ଆଶଙ୍କା ଯଥେଷ୍ଟ କମ୍ ରହିଛି। ଓଡ଼ିଶାର ଏକ ଅଭିଜ୍ଞ ଡାକ୍ତରୀ ଗ୍ରୁପ୍ ପୂର୍ବରୁ ଏ ନେଇ ନୂଆ ଦିଲ୍ଲୀରୁ ତାଲିମ ପାଇଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ କରୋନା ଭୂତାଣୁ ପରୀକ୍ଷା ପାଇଁ ଟେଷ୍ଟିଂ କିଟ୍ ନଥିବାରୁ ଏହା ଖୁବ୍ ଶୀଘ୍ର ଆରଏମ୍ ଆରସିରେ ଉପଲବ୍ଧ ହେବାର ଆଶା କରାଯାଉଛି। ସେହିପରି ପାରାଦ୍ୱୀପ ବନ୍ଦରରେ ମଧ୍ୟ ସତର୍କତା ଅବଲମ୍ବନ କରାଯାଉଛି। ବନ୍ଦର ଭିତରୁ ବାହାରକୁ ଆସୁଥିବା ପ୍ରତ୍ୟେକ ବିଦେଶୀ ନାଗରିକଙ୍କ ଯାଞ୍ଚ ପାଇଁ ବ୍ୟବସ୍ଥା ରଖାଯିବା ସହ କଟକ ବଡ଼ମେଡ଼ିକାଲର ଚକ୍ଷୁ ବିଭାଗର ଚତୁର୍ଥ ମହଲାରେ ସ୍ୱତନ୍ତ୍ର ଭାବେ ଚାଳିଶଟି ଶଯ୍ୟା ଓ ଆଠଟି ଆଇସିୟୁ ଶଯ୍ୟା ରିଜର୍ଭ କରାଯାଇଛି। କଟକ ବଡ଼ମେଡ଼ିକାଲରେ ଏହି ରୋଗୀ ମାନଙ୍କ ଚିକିତ୍ସା ପାଇଁ ମେଡ଼ିସିନ, ଛାତି ରୋଗ ଓ ଯକ୍ଷ୍ମା, ନିଶ୍ଚେତକ ବିଭାଗ ଏହି ତିନୋଟି ବିଭାଗର ବିଭାଗୀୟ ମୁଖ୍ୟଙ୍କୁ ନେଇ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍, ଷ୍ଟାଫ୍ ନର୍ସ ଓ ପାରା ମେଡ଼ିକାଲ କର୍ମଚାରୀଙ୍କ ସହ ସରକାର ପର୍ଯ୍ୟାପ୍ତ ଔଷଧର ବ୍ୟବସ୍ଥା ରଖିଛନ୍ତି।

*ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*
*ଦୂରଭାଷ : ୯୪୩୭୦୫୧୯୫୭*

# ବିଧାନ ପରିଷଦ ଗଣିତ, ହିନ୍ଦୁତ୍ୱ କାର୍ଡ଼ ଓ ପୌର ନିର୍ବାଚନ



ଡାକ୍ତର ନୀଳମାଧବ ପୃଷ୍ଟି

ସହୃଦୟ ପାଠକବର୍ଗଙ୍କ ପାଇଁ ଏହି ତିନୋଟି ପ୍ରସଙ୍ଗ କିଛିଟା ଆନ୍ଦୋଳିତ କରିପାରେ ତେବେ ଆମେ ଏହା ଉପରେ ସ୍ପଷ୍ଟ କରିଦେଉଛୁ। ଓଡ଼ିଶାରେ ବିଧାନ ପରିଷଦ ଗଢ଼ି ଦଳର ପଦପଦବୀ ମୁଆଁରୁ ବଞ୍ଚିତ ହୋଇଥିବା କିଛି ଛାମୁଆ ନେତା ଓ ତଥାକଥିତ ଅସନ୍ତୁଷ୍ଟଙ୍କୁ ଥଇଥାନ କରିବା ପାଇଁ ବଡ଼ ଯୋଜନା ରଖିଛି ଶାସକ ବିଜେଡ଼ି ଦଳ। ପୌର ଓ ପଞ୍ଚାୟତ ନିର୍ବାଚନ ଆଗରୁ କେନ୍ଦ୍ରରୁ ଏକ ନିର୍ଭର ପ୍ରତିଶ୍ରୁତି ହାସଲ କରିବା ପାଇଁ ବିଜେଡ଼ିର ଚାପ ବଢୁଛି କେନ୍ଦ୍ର ସରକାରଙ୍କ ଉପରେ। ବିଜେଡି ସଂସଦୀୟ ଦଳ ବୈଠକରେ ମଧ୍ୟ ଏ ନେଇ ଆଲୋଚନା ହୋଇଛି ବୋଲି ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। କିନ୍ତୁ ବିଜେଡ଼ିର ଏହି ଆକାଶ କଇଁଆ ଚିଲିକା ମାଛର ସ୍ୱପ୍ନ ଓ ଗଣିତ ଆଗରେ ବଡ଼ କେଁ ପୁରାଇ ଦେଇଛି ଆନ୍ଧ୍ରର ଜଗନ ସରକାରଙ୍କ ନିଷ୍ପତ୍ତି। ତାଙ୍କ ସରକାର ରାଜ୍ୟର ବିଧାନ ପରିଷଦକୁ ଭାଙ୍ଗିଦେବା ପାଇଁ ଏକ ସଂକଳ୍ପ ପାରିତ କରି କେନ୍ଦ୍ରକୁ ପଠାଇ ଦେଇଛନ୍ତି। ଇଆଡ଼େ ୨୦୧୮ ମସିହାରେ ଓଡ଼ିଶା ବିଧାନସଭା ଏକ ସଂକଳ୍ପ ପାରିତ କରି ବିଧାନ ପରିଷଦ ଗଠନ ଲାଗି କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ପଠାଇଛି। ଏହା ଉପରେ କେନ୍ଦ୍ର ସରକାର କୌଣସି ନିଷ୍ପତ୍ତି ନ ନେଇଥିବାବେଳେ କେନ୍ଦ୍ର ସରକାର ଉଭୟ ଓଡ଼ିଶା ଓ ଆନ୍ଧ୍ର ସରକାରଙ୍କ ପ୍ରସ୍ତାବ ଉପରେ ଜଗି ରଖି ନିଷ୍ପତ୍ତି ନେବାକୁ ପଡ଼ିବ। କେନ୍ଦ୍ରର ସହଯୋଗୀ ଦଳ ଭାବେ ପ୍ରଶଂସନୀୟ ସାଧୁବାଦ ଉଭୟ ବିଜେଡ଼ି ଓ ୱାଇଏସଆର ପାଉଥିବା ବେଳେ କେନ୍ଦ୍ରର ଏକ ପ୍ରକାର ସହଯୋଗୀ ଦଳ ଭାବେ ସେମାନେ ଭୂମିକା ତୁଲାଉଛନ୍ତି। ସେହିପରି ଅପ୍ରେଲ-ମେ ରେ ପୌର ନିର୍ବାଚନ କରାଇନେବା ପାଇଁ ଅଙ୍କ କଷୁଛନ୍ତି ବିଜେଡ଼ି ସୁପ୍ରିମୋ। ତେବେ ବିଧାନସଭା ନିର୍ବାଚନ ପରେ ପରେ ତୁରନ୍ତ ପୌର ନିର୍ବାଚନ କରାଇ ବିଜେଡ଼ି ସରକାର ସଫଳତା ପାଇବାର ଯୋଜନା ରଖିଥିଲେ ବି କିଛି ବଡ଼ ବଡ଼ ଓ ପ୍ରମୁଖ ସହର ଦଳର ହାତ ଛଡ଼ା ହୋଇଯିବାରୁ ତୁରନ୍ତ ନିର୍ବାଚନ ପାଇଁ ଦଳ ସମ୍ଭବତଃ ପଛେଇ ଯାଇଛି। କଟକ ବାରବାଟୀ, ପୁରୀ, ଜଟଣୀ, ସମ୍ବଲପୁର, ବଲାଙ୍ଗିରି, ଜୟପୁର, ସୁନ୍ଦରଗଡ଼, କଣ୍ଟାବାଞ୍ଜି, ଖରିଆର, ବାରିପଦା, ରାଜଗାଁପୁର, ରାୟଗଡ଼ା ଓ ଭବାନୀପାଟଣା ବିରୋଧି ଦଳ ହାତକୁ ଚାଲିଯାଇଛି। ଯାହାର ବଡ଼ ଲାଭବାନ ହୋଇଛି ଓଡ଼ିଶା ବିଜେପି। ୨୦୧୮ରେ ପୌର ପରିଷଦର କାର୍ଯ୍ୟକାଳ ସରିଗଲା। ଏହାଭିତରେ ଦୁଇବର୍ଷ ହୋଇଗଲାଣି ଜନପ୍ରତିନିଧିଙ୍କ ବଦଳରେ ବାବୁମାନେ ପରିଷଦ ଚଳାଇ ଆସୁଛନ୍ତି। ସରକାର ହାଇକୋର୍ଟଙ୍କ ଏକ ରାୟର ବାହାନାରେ ଚୁପ୍‌ଚାପ ବସିଯାଇଥିଲେ। କାରଣ ମାନ୍ୟବର ସୁପ୍ରିମକୋର୍ଟଙ୍କ ୨୦୧୦ ନିର୍ଦ୍ଦେଶନାମା ଉଲଂଘନ କରି ଓଡ଼ିଶା ସରକାର ୨୦୧୩ରେ ପୌର ପରିଷଦ ନିର୍ବାଚନ କରିଥିଲେ। ୨୦୧୮ ପୌର ନିର୍ବାଚନ ଯେନେତେନ ପ୍ରକାରର କରାଇନେବା ପାଇଁ ବିଜେଡ଼ି ଦଳ ଚାହୁଁଥିବାର ଅଭିଯୋଗ ମଧ୍ୟ ଉଠୁଥିଲା। ତେବେ ହାଇକୋର୍ଟ ସରକାରଙ୍କ ୱାର୍ଡ଼ ଆରକ୍ଷଣ ବ୍ୟବସ୍ଥାକୁ ନାକଚ କରିଦେଇଥିଲେ। ଓଡ଼ିଶା ସରକାର ଏହା ବିରୁଦ୍ଧରେ ସୁପ୍ରିମ କୋର୍ଟ ଯାଇଥିଲେ ମଧ୍ୟ ସେଠାରେ ହତାଶ ହେଲେ। ଏବେ ସରକାରଙ୍କ ପାଖରେ ଦୁଇଟି ବାଟ ଅଛି। ପ୍ରଥମଟି ହେଲା ୱାର୍ଡ଼ ଆରକ୍ଷଣ ବ୍ୟବସ୍ଥା ୫୦ ପ୍ରତିଶତରୁ ଅଧିକ ହେବନାହିଁ ଓ ଦ୍ୱିତୀୟଟି ହେଲା ବିଧାନସଭାରେ ମୁନ୍‌ସିପାଲ ଆଇନ ସଂଶୋଧନ କରି ସଂରକ୍ଷଣ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା। ତେବେ ମୁନ୍‌ସିପାଲ ଆଇନରେ ସଂଶୋଧନ ହୋଇନାହିଁ। ସମ୍ଭବତଃ ସରକାର ବଜେଟ ଅଧିବେଶନରେ ମୁନ୍‌ସିପାଲ ସଂଶୋଧନ ବିଲ ଆଣିବାକୁ ଚେଷ୍ଟା କରିବେ।

ସେହିପରି ଆଉ ଏକ ଖବର ଯାହାକି ରାଜନୈତିକ ସମୀକ୍ଷକଙ୍କ ମହଲ ଓ ଗଣମାଧ୍ୟମର ଏକ ପ୍ରକାର ନଜର ଅନ୍ଦାଜ ହୋଇଯାଇଛି। କେନ୍ଦ୍ରରେ ମୋଦି ସରକାର ଥିବାବେଳେ ସମଦୂରତା ନୀତିର ରାସ୍ତା ଆପଣାଇଥିଲା ବିଜେଡ଼ି। ତେବେ ଏବେ ରାଜନୈତିକ ସମୀକ୍ଷକମାନେ ବିଜେଡ଼ି ସୁପ୍ରିମୋଙ୍କ ଏକ ଆଶ୍ଚର୍ଯ୍ୟକର ପରିବର୍ତ୍ତନ ଓ ବ୍ୟତିକ୍ରମକୁ ଗୁରୁତର ସହ ନେଉଛନ୍ତି ତାହା ହେଉଛି ଦଳର ସୁପ୍ରିମୋଙ୍କ ବିଭିନ୍ନ ମନ୍ଦିର ପରିଦର୍ଶନ ଓ ଆଖିବୁଜା ପ୍ୟାକେଜ ଘୋଷଣା। ଏଠାରେ ସହୃଦୟ ପାଠକଙ୍କୁ ଏକ ଛୋଟିଆ ଘଟଣା ମନେପକାଇ ଦେଇପାରୁ। ଓଡ଼ିଶାରେ ବିଜେଡ଼ି-ବିଜେପି ମେଣ୍ଟ ସରକାର ଥିବାବେଳେ ଏକ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଶରସଂଘ ଚାଳକ ମୋହନ ଭାଗବତଙ୍କ ମଞ୍ଚରେ ଯୋଗ ଦେବାକୁ ସେତେବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମନା କରିଦେଇଥିଲେ। କୁହାଯାଉଥିଲା ନିଜର ତଥାକଥିତ ଧର୍ମ ନିରପେକ୍ଷ ଚେହେରାରେ ସେ ବିନ୍ଦୁଟିଏ ବି ଦାଗ ରଖିବାକୁ ଚାହୁଁନାହାନ୍ତି। ଯଦିଓ ୨୦୦୯ରେ ଏହି ମେଣ୍ଟର ପତନ ହୋଇଥିଲା। ଗତ ନିର୍ବାଚନ ପୂର୍ବରୁ କଂଗ୍ରେସର ତଥାକଥିତ ଯୁବରାଜ ରାହୁଲ ଗାନ୍ଧୀ ମନ୍ଦିର ବୁଲୁଥିଲେ କାରଣ ଏହାର ଭିତିରି ଉଦ୍ଦେଶ୍ୟ ଥିଲା ବିଜେପି ହାତରୁ ହିନ୍ଦୁ ଭୋଟ ଛଡ଼ାଇ ଆଣିବା। ତେବେ ବିଜେଡ଼ି ସୁପ୍ରିମୋଙ୍କ ହଠାତ୍ ହିନ୍ଦୁତ୍ୱ ପ୍ରୀତିକୁ ନେଇ ରାଜନୈତିକ ମହଲ ଆଶ୍ଚର୍ଯ୍ୟ ହୋଇଗଲେଣି। ସମ୍ଭବତଃ ଏହାର ବଡ଼ କାରଣଟି ହୋଇପାରେ ସାରା ଦେଶରେ ହିନ୍ଦୁ ସଂଖ୍ୟାଗରିଷ୍ଠ ଭୋଟ ବିଜେପି ଆଡ଼କୁ ଯାଉଛି। ଓଡ଼ିଶାରେ ଖ୍ରୀଷ୍ଟିଆନ ଓ ମୁସଲିମ୍ ଭୋଟ ଏକ ପ୍ରକାର ବିଜେଡ଼ିର ଭୋଟ ବ୍ୟାଙ୍କରେ ପରିଣତ ହୋଇସାରିଲାଣି। ଗତ ନିର୍ବାଚନରେ ଲୋକସଭାରେ ଭାଜପାକୁ ୩୮% ଓ ବିଧାନସଭାରେ ପ୍ରାୟ ୩୩% ଭୋଟ ମିଳିଥିଲା। ପୂର୍ବ ତୁଳନାରେ ଏହା ୧୫%ରୁ ଅଧିକ। ନିକଟରେ ଏକ ସର୍ଭେରେ ଓଡ଼ିଶାରେ ମୋଦିଙ୍କ ଲୋକପ୍ରିୟତା କେବଳ ଅତୁଟ ରହିନି କେବଳ ବଢୁଛି। ଆଉ ଓଡ଼ିଶା ବିଜେପି ଯଦି ସାମାନ୍ୟ ସାମର୍ଥ୍ୟ ଓ ସୁଯୋଗର ଫାଇଦା ନେଇ କିଛି ଭାଗ ଭୋଟ ବିଜେପି ଖାତାକୁ ବଢ଼ାଇ ପାରନ୍ତା ତେବେ ପୌର ନିର୍ବାଚନରେ ବିଜେଡ଼ିକୁ ଏକ ଜୋରଦାର ଧକ୍କା ହୋଇଯିବ ତେଣୁ ପୌର ନିର୍ବାଚନ ମଧ୍ୟ ଓଡ଼ିଶା ବିଧାନ ପରିଷଦ ଗଠନ ପରି ବିଜେଡ଼ି ନିମିତ୍ତ ଏକ ବଡ଼ ଅଗ୍ନି ପରୀକ୍ଷା।

ଓଡ଼ିଶାରେ ବିଧାନ ପରିଷଦ ଗଣିତରେ ଅଡୁଆ ସୃଷ୍ଟି କଲେଣି ଆନ୍ଧ୍ରମୁଖ୍ୟମନ୍ତ୍ରୀ ଜଗନ ରେଡ୍ଡୀ। କାରଣ ତାଙ୍କ ବିଧାନ ପରିଷଦ ବିଲୋପ ସପକ୍ଷରେ ସେ ଯେଉଁ ଯୁକ୍ତି ରଖିଛନ୍ତି ତାହା ମଧ୍ୟ ଓଡ଼ିଶା ପାଇଁ ପ୍ରଜୁର୍ଯ୍ୟ। ସେ ଦର୍ଶାଇଛନ୍ତି ଯେ ମୂଲ୍ୟହୀନ ଭାବେ ଏବଂ ବିଶେଷ ଉଦ୍ଦେଶ୍ୟ ସାଧିତ ନ କରୁଥିବା ଏହି ପରିଷଦ ପାଇଁ ବାର୍ଷିକ ୬୦କୋଟି ଟଙ୍କା ଅପଚୟ ହେଉଛି ଏବଂ ଏହି କାରଣରୁ କ୍ଷମତା ବିକେନ୍ଦ୍ରୀକରଣ ଓ ନିରନ୍ତର ବିକାଶ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଛି। ସମ୍ବିଧାନବିତ୍‌ଙ୍କ ମତ ଅନୁଯାୟୀ ପଞ୍ଚଦଶ ବିଧାନ ସଭାରେ ଗୃହୀତ ସଂକଳ୍ପ ସପ୍ତଦଶ ଲୋକସଭାରେ ଆଗତ ହୋଇପାରିବ କି ନାହିଁ ଏ ନେଇ ବିରୋଧାତ୍ମକ ମତ ରହିବା ମଧ୍ୟ ସ୍ୱାଭାବିକ। ତେବେ ଆଉଥରେ ବିଧାନସଭାରେ ଏ ସଂକ୍ରାନ୍ତ ପ୍ରସ୍ତାବ ପାରିତ ହୋଇପାରିବ। ଆନ୍ଧ୍ର ପୂର୍ବରୁ ତାମିଲନାଡୁ ମଧ୍ୟ ବିଧାନ ପରିଷଦ ଭାଙ୍ଗି ଦେଇସାରିଛି। ଆଇନଗତ ପ୍ରତିବନ୍ଧକ କାରଣରୁ ତାମିଲନାଡୁରେ ପୁର୍ନବାର ବିଧାନ ପରିଷଦ ଗଢ଼ା ଯାଇପାରିନାହିଁ। ଓଡ଼ିଶା ବିଧାନସଭା ନିର୍ଦ୍ଧାରିତ କାର୍ଯ୍ୟ ଦିବସ ପୂରଣ କରିପାରୁନାହିଁ। ତେଣୁ ଏପରିଏକ ସମୟରେ ବିଧାନ ପରିଷଦ ଗଠନର ପ୍ରାସଙ୍ଗିକତା ଉପରେ ମଧ୍ୟ ପ୍ରଶ୍ନ ଉଠିବା ସ୍ୱାଭାବିକ। ବିଧାନ ପରିଷଦ କଣ୍ଟାପରି ପୌର ନିର୍ବାଚନର ଲଢ଼େଇ ବିଜେଡ଼ି ପାଇଁ ଏବେ ଅଗ୍ନିପରୀକ୍ଷା ସଦୃଶ। ଦେଶକୁ ଭଲ ପାଇବା, ସମାଜକୁ ଭଲପାଇ ରାଜ୍ୟ, ଦେଶ ଓ ସମାଜ ପ୍ରତି ଉତ୍ସର୍ଗୀକୃତ ସେବାମନୋଭାବ ରଖିବା କେବଳ ହିନ୍ଦୁତ୍ୱ ନୁହେଁ ଏହା ହେଉଛି ଅସଲ ରାଷ୍ଟ୍ରଶକ୍ତି ଓ ଦେଶପ୍ରେମ। ତେବେ ବିଜେଡ଼ିର ପରିବର୍ତ୍ତିତ ହିନ୍ଦୁତ୍ୱ ଏଜେଣ୍ଡା କି ଫଳ ଦେଉଛି ତାହା ଆଗାମୀ ସମୟ କହିବ।

*ପାଣିକୋଇଲି, ଯାଜପୁର*
*ଦୂରଭାଷ : ୯୪୩୯୪୮୨୫୨୬*


**ଅହିଂସା :**

ମନୁସ୍ମୃତିରେ କଥନ ଅଛି -

ଆତତାୟିନଃ ମାୟାନ୍ତଂ ହନ୍ୟାଦେବା ବିଚାରୟନ।

ନା ତତାୟିବଧେ ଦୋଷୋ ହନ୍ତୁର୍ଭବନ୍ତି କଞ୍ଚନ।।

ଅର୍ଥାତ୍ ଯେ ଆତତାୟୀ ଅଟେ ତାକୁ ମାରିବାରେ କୌଣସି ବିଚାର କରିବା ଅନାବଶ୍ୟକ। କେଉଁମାନେ ଆତତାୟୀ ଏ ବିଷୟରେ ମଧ୍ୟ କୁହାଯାଇଛି। ନିଆଁ ଲଗାଇବା ଲୋକ, ବିଷ ଦେବା ଲୋକ, ଜମି ଛଡାଇ ନେବା ଲୋକ, ସ୍ତ୍ରୀ ସନ୍ତାନଙ୍କୁ ଅପହରଣ କରିଥିବା ଲୋକ, ଲୁଟ୍‌ପାଟ କରୁଥିବା ଲୋକ, ଆକ୍ରମଣ କରୁଥିବା ଲୋକ, ଏହି ଛଅ ପ୍ରକାର ଲୋକ ସ୍ତ୍ରୀ ହୁଅନ୍ତୁ କିମ୍ବା ପୁରୁଷ ହୁଅନ୍ତୁ ଏମାନେ ଆତତାୟୀ ଅଟନ୍ତି। ଏମାନଙ୍କ ପ୍ରତି ହିଂସା କରିବା ଭୁଲ ନୁହେଁ ମାତ୍ର ସାଧୁ, ସନ୍ଥ, ମହାତ୍ମା ମାନଙ୍କୁ ଅହିଂସକ ରହିବା ଉଚିତ ବୋଲି କୁହାଯାଇଛି। ଏକଥା ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ ଯେ ସତରେ କ'ଣ ଏହା କୌଣସି ସାଧୁ, ସନ୍ୟାସୀଙ୍କ ଲାଗି ସମ୍ଭବ ? ଉତ୍ତର ହେବ ନିଶ୍ଚୟ। ଏହାର ଅନେକ ଉଦାହରଣ ରହିଛି। ସ୍ୱାମୀ ଶ୍ରୀ ଶିବାନନ୍ଦଜୀ ମହାରାଜଙ୍କୁ ସତସଙ୍ଗ ମଧ୍ୟରେ ମାରିବା ପାଇଁ ଜଣେ ଆସିଥିବା ବ୍ୟକ୍ତିକୁ ସ୍ୱାମିଜୀ ପୋଲିସରେ ନ ଦେଇ ବ୍ୟକ୍ତିଟିକୁ ନିଜ କୁଡିଆରେ ୩ଦିନ ରଖିଥିଲେ ଓ ସମ୍ମାନର ସହିତ ବିଦାୟ କରିଥିଲେ। ଗାୟତ୍ରୀ ତପୋଭୂମିର ଅଧିଷ୍ଠାତା ବ୍ରହ୍ମଲୀନ ଶ୍ରୀ ରାମଶର୍ମାଙ୍କୁ ମାରିବା ପାଇଁ ଆସିଥିବା ବ୍ୟକ୍ତିକୁ ନ ଧରିବା ପାଇଁ ଲୋକ ମାନଙ୍କୁ ଆଦେଶ ଦେଇଥିଲେ ଓ ଲୋକଟିକୁ ସେ ସ୍ଥାନ ଛାଡି ଚାଲିଯିବା ପାଇଁ କହିଥିଲେ। ଏସବୁ କଥା ତ ସନ୍ଥ ଲୋକଙ୍କର ମାତ୍ର ସାଧାରଣ ଲୋକଙ୍କ ଭିତରେ ମଧ୍ୟ ଏପରି






ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା

ଅନୁବାଦ- ଉପାଳୀ ଦାଶ



ଜଣେ ଜଣେ ମଣିଷ ଥାନ୍ତି ସେ କଥା ବିଚାର କଲେ ଅଦଭୁତ ଲାଗେ। ଅହମ୍ମଦାବାଦର ସୁଶ୍ରୀ ବସୁବେନ ଭଟ୍ଟଙ୍କ ଜୀବନର ଏକ ଘଟଣା। ବସୁବେନ ଭଟ୍ଟ ମୁମ୍ବାଇ ଆକାଶବାଣୀ କେନ୍ଦ୍ରର ନିର୍ଦ୍ଦେଶକ ଥିଲେ। ଥରେ ତାଙ୍କ ଘରେ ଚୋରି ହୋଇଗଲା। ଚୋର ମଧ୍ୟ ଧରାପଡିଗଲା। ପୋଲିସ ଚୋରକୁ ଧରିବା ପରେ ବସୁବେନଙ୍କୁ ଥାନାକୁ ଡକାଇଲେ ମାତ୍ର ଥାନାକୁ ଯାଇ ବସୁବେନ ପୋଲିସଙ୍କୁ କହିଲେ ସେ ମୋର ମିତ୍ର ତାଙ୍କୁ ଛାଡନ୍ତୁ। ଚୋରକୁ ନିଜ ଘରକୁ ଆଣି ଭଲଭାବେ ଖୁଆଇ ପିଆଇ ପଚାରିଥିଲେ ଘରେ ଥିବା ଯେତେ ଜିନିଷ ଭିତରୁ ତୋର ଯାହା ଯାହା ଦରକାର କହିଲେ ମୁଁ ପ୍ୟାକିଂ କରି ସାଥିରେ ଦେଇଦେବି ଭୟ ନ କରି ନେଇ ଯା।

ସ୍ୱାମୀ ଶ୍ରୀ ଶିବାନନ୍ଦଜୀ ମହାରାଜାଙ୍କ ପାଇଁ ଜାପାନରୁ ଜଣେ ଭକ୍ତ ସୁନ୍ଦର ଓ ମହଙ୍ଗା ଟି ସେଟ୍ ଟିଏ ପଠାଇଥିଲେ। ଆଶ୍ରମରେ ସେଥିରେ କଫି ବନାଇ ଆଣୁଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଜଣେ ବ୍ୟକ୍ତି ଧକ୍କା ହୋଇଯିବାରୁ ତଳେ ପଡି ସବୁ ଚୁନା ହୋଇଗଲା। ଗୁରୁଦେବ ହସି ହସି ସଙ୍ଗେ ସଙ୍ଗେ କହିଲେ 'ଏକୋହମ ବହୁସ୍ୟାମ' ଗୋଟିଏରୁ ଅନେକ ହୋଇଗଲା। ସବୁ ଅନୁକୂଳ ପରିସ୍ଥିତିରେ ଚକା ପକାଇ ଆଶୀର୍ବାଦ କରିବା ସହଜ ମାତ୍ର ପ୍ରତିକୂଳ ପରିସ୍ଥିତିରେ ନିଜକୁ ଶାନ୍ତ ରଖି ହସିବା ଓ ବିଚଳିତ ନ ହେବା ହିଁ ସାତ୍ତ୍ୱିକ ଗୁଣର ସାର୍ଥକତା ଅଟେ। ଏଭଳି ମାନସିକ ସ୍ୱାସ୍ଥ୍ୟ ବିକଶିତ କରିବା ଅସମ୍ଭବ ନୁହେଁ। ସଦାସର୍ବଦା ସତତ ବ୍ରହ୍ମଚିନ୍ତନ ଦ୍ୱାରା ଅହିଂସକ ଭାବ ଓ ବିଶ୍ୱପ୍ରେମ ଉଦୟ ହୋଇ ପାରିଥାଏ।

'ଅଦ୍ୱେଷ୍ଟା ସର୍ବଭୂତାନା' ମୈତ୍ରଃ କରୁଣ ଏବ।
ନିର୍ମମୋ ନିରଂହକାରଃ ସଦୁଃଖ ସୁଖ କ୍ଷମୀ।।

ଯେତେବେଳେ ଏଭଳି ଜ୍ଞାନ ଆସିଯିବ ସେତେବେଳେ ଅଦଭୂତ ଆନନ୍ଦର ଅନୁଭୂତି ସହିତ ଏକ ଏବଂ ଅଦ୍ୱିତୀୟ ବ୍ରହ୍ମର ଅନୁଭୂତି ଆସିଯିବ ଓ ଅହିଂସା ସମ୍ଭବ ହୋଇଯିବ।

# ମୁଦ୍ରାର ଆରପଟ

**ଡ.ମୌସୁମୀ ପରିଡ଼ା**





ଦରଦାମ୍ ଛିଣ୍ଡିବା ପରେ ଲୋକଟା ତା ଅଟୋରେ ନେଇଗଲା ଶବକୁ। ଶୁଆଇଦେଲା ପୋଷ୍ଟମର୍ଟମ୍ ଯାଗାରେ। ସେତେବେଳେ ସେ ଟଳୁଥିଲା ମଦ ନିଶାରେ। ହେଲେ ଦେହରେ ଅମାପ ବଳ। ଶବକୁ ଶେଷ ଯାଗାରେ ଛାଡି ପକେଟ ଗରମ କରି ପୁଣି ଫେରିଲା ହସ୍ପିଟାଲ୍। ଆକସ୍ମିକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଲୋକର ଘରଲୋକ ଆସିବା ମାତ୍ରେ କାର୍ଯ୍ୟରେ ଅବହେଳା ଦେଖାଇ ଡାକ୍ତରଙ୍କୁ ବହେ ଶୋଧିଲା। ଗୁଡେ ଅବାନ୍ଛିତ ପ୍ରତିକ୍ରିୟା ଦେଇ ଗହଳି ବଢାଇଲା, କିଛି ଭ୍ରୂକୁଂଚନ କଲେ। କିଛି ବିଶ୍ୱାସ କରି ମସାଲାଦାର୍ କାହାଣୀ ବନେଇଲେ। ଚାଲିଲା ହୋ ହଲ୍ଲା। ଡାକ୍ତରଙ୍କୁ ଗାଳିଗୁଲଜ, ଧମକ। ହିରୋ ଭଳି ସେ ଲୋକଟା ଗାରେଡେଇ ଚାହିଁଲା ଗହଳିଆଡେ। ଛାତିରେ ହାତବାଡେଇ କହିଲା- ଏ ଅଚଂଳର ପ୍ରଖ୍ୟାତ ଗୁଣ୍ଡା ତା ଶଳା। ତାର କେହି କିଛି ତାଡି ପାରିବେନି। ଓଲଟା ସେ ସମସ୍ତଙ୍କୁ ପାଣି ପିଆଇପାରିବ। କି ନେତା, କି ଡାକ୍ତର..ତା ଆଗରେ ସମସ୍ତେ ମେଣ୍ଢା ଛୁଆ। ଗଣ୍ଡଗୋଳର ଆଶଙ୍କା କରି ପୋଲିସ୍ ଆସିବାବେଳକୁ ଲୋକଟା ଉଭାନ୍ ହୋଇଯାଇଥିଲା।

ଭୋର୍ ପୂର୍ବରୁ ହସ୍ପିଟାଲ୍ ଭିତରୁ ସେ ବୋହି ନେଉଥିଲା କିଛି କାଠ କବାଟ, ଆଜବେଷ୍ଟସ୍, ସିରିଂଜ୍, ନିଶା ଔଷଧ, ଗଜ୍ କନା, କଫ୍ ସିରପ୍। ନର୍ସ ଚିଲଉଥିଲା- ସବୁବେଳେ ଯୋର୍ ଜବରଦସ୍ତ କରି ଏସବୁ ନେଇଯାଉଚ, ଏଥର ଉପର ଅଫିସରଙ୍କୁ କହିଦେବି। ହସିହସି ଲୋକଟା ଛିଗୁଲଉଥିଲା- କହିକି ଦେଖ, ସବୁଠି ବା ମୋ ହାତ! ଯାହାକୁ କହିବୁ ତା ଚେର ବି କାଟିପକେଇବାର କ୍ଷମତା ରଖିଚି। ହେଲେ ସବୁ ପୂର୍ବରୁ ତତେ ଦେଖିନେବି। ବିଚାରବନ୍ତ ମଣିଷଟେ ପଚାରିଲା- ହସ୍ପିଟାଲ୍‌ରୁ ଚଳି ପୁଣି ସେଇ ହସ୍ପିଟାଲ୍ ଉପରେ କାହିଁ ଏତେ ଅହନ୍ତା? କାହିଁକି ଏମିତି ଅଚଳାବସ୍ଥା ସୃଷ୍ଟି କରୁଚ ସବୁବେଳେ? ଲୋକଟା କହିଲା- ଆରେ ବାବୁ, ଏମିତି ବାହାପିଆ ନହେଲେ, ପାଂଚକୁ ପଚିଶି କରି କଥା ନକହିଲେ କିଏ କାଇଁ ଖାତିର୍ କରିବ! ହସ୍ପିଟାଲ୍‌ରେ ହିଁ ଯିଏ ଯେତେ ପାରିବ ତୋଡ ଦେଖେଇ ଉପରୁ ତଳଯାଏଁ ହଲାପଟା କରିପାରିବ। ନର୍କ ଫିଙ୍ଗି ସ୍ୱର୍ଗ ନେଇପାରିବ। ଡାକ୍ତରମାନେ ଏତେ ଭଦ୍ର ଯେ ଇତର ହୋଇପାରିବେନି। ଆନ୍ଦୋଳନର ଧମକ ଦେଇପାରିବେନି। ତେଣୁ ତାଙ୍କ ମୁଣ୍ଡ ଉପରେ ଅନାୟାସରେ ନାଚିହେବ, ତାଙ୍କ ଛାତି ଉପରେ ମୁଗ ରଗଡି ହେବ, ବିରି ବାଟି ହେବ। ଅନ୍ୟ ଯାଗାରେ କଣ ଏମିତି ଦାଦାଗିରି କରାଯାଏ! ବିଚାରବନ୍ତ ଲୋକଟିର ସନ୍ଦେହ ହେଲା- ମେଧାବୀ ଛାତ୍ରଟେ ଯେ କଷ୍ଟକରି ପାଂଚବର୍ଷ ସାତବର୍ଷ ପାଠପଢି ଡାକ୍ତରଟେ ହୋଇଥିବ ସେ କଣ ଜାଣିଶୁଣି କାହାକୁ ମାରିଦେଇପାରେ! ମୃତ୍ୟୁ ପାଇଁ କଣ ସବୁବେଳେ ଡାକ୍ତର ହିଁ ଦାୟୀ, ଘରଲୋକେ ନୁହନ୍ତି ନା ପରିବେଶ ସ୍ଥିତି ନୁହେଁ? ହେଲେ ସେ କହିବ କାହାକୁ,ଯେଉଁମାନେ ଶବ ଉପରେ ରାଜନୀତି କରିବାକୁ ମଉକା ଖୋଜନ୍ତି!

ମଣିଷ କଣ ଏତେ କୃତଘ୍ନ, ଯାହାଙ୍କୁ ଦ୍ୱିତୀୟ ଈଶ୍ୱର କହି ଠେଲପେଲା କରୁଛି,ମାଆ ଭଉଣୀକୁ ଗାଳି ଦେଇ ନିଜ ପୁରୁଷପଣିଆ ଦେଖଉଛି, ସେମାନେ ହିଁ ତା ଅସମୟରେ ପାଖରେ ଛିଡା ହୁଅନ୍ତି। ଅକଥନୀୟ ଶାରୀରିକ ଯନ୍ତ୍ରଣାର ଉପଶମ ସେମାନେ ହିଁ ତ ଖୋଜୁଥାନ୍ତି ଏ ରାକ୍ଷସମାନଙ୍କ ପାଇଁ। ଅସମାଜିକ ଲୋକଙ୍କ ପ୍ରାଦୁର୍ଭାବରେ ଲୋକେ ଅତିଷ୍ଠ। ଅସହିଷ୍ଣୁତା, ଅହଂକାର ଆବୋରି ବସିଛି ବସିଛି ସମସ୍ତଙ୍କୁ। ଚିନ୍ତନ ଶକ୍ତି ଲୋପ ପାଇସାରିଲାଣି । ସ୍ୱାର୍ଥସର୍ବସ୍ୱ ଦୁନିଆରେ ଅନ୍ୟର ଶବକୁ ପାହାଚ କରି ଉଠୁଛି। ସମୟର କି ଅଦ୍ଭୂତ ରୂପରଂଗ ସତେ! ଯେଉଁଠି ଲୋକେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ କାଠଗଡାକୁ ଟାଣିନିଅନ୍ତି, ସୀତାଙ୍କ ସତୀତ୍ୱ ଉପରେ ପ୍ରଶ୍ନ କରନ୍ତି, ଦ୍ରୌପଦୀଙ୍କୁ ବ୍ୟଙ୍ଗବିଦ୍ରୂପ କରିବାକୁ ପଛାନ୍ତିନି, ସେଠି ଏସବୁ ସ୍ଥିତି ଗୋଟେ ଲେଖାଏଁ ବିଡମ୍ବନା !


ହସ୍ପିଟାଲ୍‌ରେ ପୁଣି ପାଟିତୁଣ୍ଡ ଶୁଣି ବିଚାରବନ୍ତ ଲୋକଟା ଆଉଟଡୋର୍ ଆଡକୁ ଗଲା। ସକାଳର ଜିନିଷ ପତ୍ର ରଖିଦେଇ ସେ ଲୋକଟା ପାଟି କରୁଥିଲା-ଦେଖ, ଡାକ୍ତର କେମିତି ଆସିନାହାନ୍ତି ଏଯାଏଁ। ରୋଗୀମାନେ ଲାଇନ୍ ଲଗାଇଲେଣି। ଲୋକଟେ କହିଲା- ଦୂରରୁ ଆସିଛୁ ବାବୁ। ବସ୍ ଚାଲିଯିବ ଡେରି ହେଲେ। ଘରକୁ ଫେରିବାକୁ ସେ ଗୋଟାଏ ବସ୍। ନଇଲେ ସନ୍ଧ୍ୟାବେଳେ ଫେରିବାକୁ ପଡିବ। ଲୋକ କିଛି ରୁଣ୍ଡ ହେଲେଣି ପାଖରେ। ମିଡିଆ ବାଲାଙ୍କୁ ଖବର ଦିଆସରିଲାଣି। ଆଜି ପୁଣି କୋଉ ଡାକ୍ତରଙ୍କୁ ଅସହାୟ କରି ମଜା ଲୁଟିବେ କିଛି ଅସହିଷ୍ଣୁ। ଅପ୍ରୀତିକର ସ୍ଥିତି ସୃଷ୍ଟି କରିବା ପୂର୍ବରୁ ଡାକ୍ତର ସିଟ୍‌ରେ ବସି ସାରିଥିଲେ। ରୋଗୀର ଆଟେଣ୍ଡାଂଟ୍ କହୁଥିଲା- ଡାକ୍ତର ତ ଘଂଟାଏ ପୂର୍ବରୁ ଆସି ଜରୁରୀକାଳିନ ରୋଗୀ ଦେଖିବାକୁ ୱାର୍ଡକୁ ଯାଇଥିଲେ। କିଛି ନକହି ସେ ଲୋକଟା ଗହଳି ଭିତରୁ ଗାୟବ ହୋଇଯାଇଥିଲା।

ଛୋଟ ଝିଅଟା ତା ଜେଜେକୁ କହୁଥିଲା- କେତେବେଳେ ନାନୀଘରକୁ ଯିବା? ଜେଜେ ପ୍ରବୋଧନା ଦେଇ କହୁଥିଲେ- ଡାକ୍ତର ଶୀଘ୍ର ଦେଖି ଦେଲେ ନାନୀଘରକୁ ଯିବା। ମଝିଲାଇନ୍‌ରେ ଛିଡା ହୋଇଥିବା ବୁଢାଟା ନାତୁଣୀକୁ ଲାଇନ୍‌ରେ ଠିଆକରି ଡାକ୍ତରଙ୍କ ପାଖକୁ ଯାଇ କାନପାଖେ ତୁନିତୁନି କହିଲା- ବାବୁ, ଦୂରରୁ ଆସିଛୁ, ଉଛୁର ହେଲେ ବସ୍ ପଳେଇବ। ଛୁଆଟା ହଇରାଣ କଲାଣି, ଆମକଥା ଆଗ ବୁଝିଦିଅ। ବିଚାରବନ୍ତ ଲୋକଟା ଛୋଟିଆ ଝିଅ ପାଖକୁ ଯାଇ ପଚାରିଲା- କୁଆଡକୁ ଯିବ କି ମାଆ? ଝିଅଟା ଲାଜେଇ ଯାଇ କହୁଥିଲା- ନାନୀ ଘରକୁ। ଆଚ୍ଛା, କାହା ଦେହ ଖରାପ? ଏ ପ୍ରଶ୍ନରେ ମୁରୁକି ହସି ଝିଅଟା କହିଲା- କାହାର ନାଇଁ ତ! ତେବେ ଜେଜେ କାଇଁ ଏତେ ତରବର? ନାନୀ ମାଛ କରିଚି ବୋଲି ଜେଜେର ଭୋକ ବଢିଲାଣି ବା! ଆଉ ମାଗେଣା ମିଳୁଛି ବୋଲି ଜେଜେ ମିଛିମିଛିକା ରୋଗର ବାହାନା କରି ଓଷଦ ନବାକୁ ଆସିଛନ୍ତି।

ବିଚାରବନ୍ତ ଲୋକଟା ଚାହିଁଲା ରୋଗୀଙ୍କ ଲମ୍ବା ଧାଡିକୁ। ଏ ସମସ୍ତଙ୍କୁ ଡାକ୍ତର ଦେଖିବାକୁ ବାଧ୍ୟ। ରୋଗ ହୋଇନଥିବା କିଛି ନୀରୋଗଙ୍କ କଥା ଶୁଣି ଔଷଧ ନଲେଖିଲେ କିଏ ରଖିବ! ସରକାର, ଭୋଟ୍ ବାକ୍ସ ଓ ଜନତା ଭିତରେ ପେଷି ହେଉଥିବା ଗୋଟେ ସଂପର୍କକୁ ନିରେଖିଲା ବିଚାରବନ୍ତ ଲୋକଟି। ଯାହାର ରୂପରେଖ ବଦଳିବାରେ ଲାଗିଛି। କାହାର କଣ ଭଲ ହେବ ଜଣା ନାହିଁ। କିନ୍ତୁ ମାନବିକତାର ମୂଲ୍ୟବୋଧ ହଜିଗଲାଣି। ଡାକ୍ତର ସେମିତି ବସିଥିଲେ ଗହଳି ଭିତରେ ଝାଳସର ସର ହୋଇ। କାହାର ସେଥିପ୍ରତି ନିଘା ନଥିଲା। ସମସ୍ତେ ତରବର ଥିଲେ ନିଜ ପାଇଁ। ସମସ୍ତଙ୍କୁ ଆଶା ବାଂଟିଦେଉଥିବା ଲୋକଟା ପ୍ରତି ଟିକେ ଦୟା ବି ନଥିଲା କାହାର! ଖରାପ ଲୋକଟା ଉଣ୍ଡୁଥିଲା କିଛି କାରଣ, ପାଟି କରିବାକୁ। ବିଚାରବନ୍ତର ବିଚାର ଗୁଡେ ଅବିଚାର ଭିତରେ ହଜିଯିବାର ଭୟରେ ସେ ପଛକୁ ବୁଲି ଚାଲିବାକୁ ଆରଂଭ କରିଦେଇଥିଲା। ଜାଣିଥିଲା ଆଜିକାଲି ସଂସାରଟା ଜଂଗଲଠୁ ଭୟଙ୍କର..ଯେଉଁଠି କୃତଘ୍ନ ମଣିଷଙ୍କ ରାଜୁତି!

*ମାର୍ଫତ/ଡାକ୍ତର ସାରଦା ପ୍ରସନ୍ନ ସ୍ୱାଇଁ*
*ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ପରିସର*
*କ୍ୱା.ନଂ-୩ଆର/୪,ଜଗତସିଂହପୁର*


## ବିଶେଷ କବିତା



# କେବଳ ତାରିଖ ବଦଳିବାକୁ ଅପେକ୍ଷା

**ବିଜୟ କୁମାର ପଣ୍ଡା**





ଏଇ ହାପି ନିୟୁର, ତା ପାଇଁ ଭଳିକି ଭଳି
କେତେ ଶୁଭ ବାର୍ତ୍ତା, ଗ୍ରୀଟିଂ କାର୍ଡ
ଆଉ ମନ ଭିତରେ ପୁଣି ଆଗାମୀ ବର୍ଷ ଯାଏଁ
ସାଇତା ହେଇ ରହିଯାଉଥିବା କିଛି ପ୍ରତିଶ୍ରୁତି!
ବାସ୍ ଏତିକିରେ ସୀମିତ ଆମେ!
ବର୍ଷର ଶେଷ ରାତି ନାଚ ଗୀତ
ମଦ ମାଂସରେ ଚିଅର୍ସ ହେବ
ରାତି ସବୁ ରଙ୍ଗିନ ହେବ
ଆଉ ସେଇ ରାତି ବି ସାକ୍ଷୀ ରହିବ
କେତେ କୁଆଁରୀ ଅନିଚ୍ଛାକୃତ ଭାବେ ହରାଇଥିବା କୁଆଁରିତ୍ୱର
ଆଗଭଳି ବିନା ଶୀତ ବସ୍ତ୍ରରେ ଅସହ୍ୟ ଜାଡରେ
କୁଙ୍କୁରି ହେଇ ଫୁଟ୍‌ପାଥରେ ରାତି କାଟୁଥିବେ ଅସହାୟ ମଣିଷ
କେତେ ଅନାଥ ବି ସବୁଦିନ ପରି ଖୋଜି ଚାଲିଥିବେ ନିଜର ପରିଚୟ
କେତେ ଯେ ଭୋକିଲା ପେଟ ସହୁଥିବ ଦାରିଦ୍ର୍ୟର ତାଡ଼ନା
ମାଟି ମା ପାଇଁ ଆତ୍ମୀୟଙ୍କଠୁଁ ବହୁ ଦୂରରେ
ହାଡ଼ ଭଙ୍ଗା ଶୀତରେ ସୀମାନ୍ତକୁ ଜଗି ରହିଥିବେ ଆମ ସେନା
ସେ ସବୁରୁ ଆମର କି ଯାଏ ଆସେ!
ଆମର ଆଭିଜାତ୍ୟ ଅହଙ୍କାରକୁ ନେଇ ଆମେ ବନ୍ଧା ନିଜ ପରିଧିରେ
ଯାହା ଯେଉଁଠି ଯାହା ପାଇଁ ଯେମିତି ଥିଲା ସେମିତି ରହିଯିବ।

ପୁଣି ହେବ ନୂଆ ସକାଳ
ବିଛାଡ଼ି ପଡିବ ସୁନେଲି କିରଣ
ବଦଳିଯିବ ତାରିଖ
ପୁଣି କିଛି ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଖବର ପଢ଼ି
ଆମେ ଭୁଲି ଯିବୁ ବିଗତ ବର୍ଷର ନିର୍ଭୟାକୁ ପ୍ରିୟଙ୍କାକୁ
ପାଣି ପାଇଁ ହାହାକାର ସହରୀ ଜୀବନ
ଭୁଲିଯିବେ ପରିବେଶ ସୁରକ୍ଷାର ସବୁ ପ୍ରତିଶ୍ରୁତିକୁ
ପୁଣି କଟାହେବ ଗଛ ଆଧୁନିକତାର ଦ୍ୱାହି ଦେଇ
ପୁଣି ସେଇ ଦୂଷିତ ପବନରେ ଛଟପଟ ଶ୍ୱାସରୁଦ୍ଧ ହେଇ
ପୁଣି ଅସୁରକ୍ଷିତ ମଣୁଥିବେ ଆମ ବିଂଶ ଶତାବ୍ଦୀର ନାରୀ
କେବଳ ତାରିଖ ବଦଳିବାକୁ ଅପେକ୍ଷାକୃତ ଆମେ
ବଦଳିବୁନି କାଣୀଚାଏ ... କଣ ପାଇଁ ଯେ!
କାହିଁକି ନା...
ଏସବୁ କେବଳ କବିର କବିତାଟିଏ ପରା।

*ସମ୍ପାଦକ 'କନକପ୍ରଭା'*
*ସବଙ୍ଗ, ସିମୁଳିଆ, ବାଲେଶ୍ୱର*
*ଭ୍ରାମ୍ୟଭାଷ : ୯୭୩୯୫୯୧୮୧୬*

# ବଡ଼ ଦୁଃଖୀ ଲକ୍ଷ୍ମୀ ଓ କୁବେର !

**ପଙ୍କଜ ପାଣିଗ୍ରାହୀ**



ଦିନେ ସଂସାର ଖବର ନେବା ପାଇଁ ବାହାରି ପହଞ୍ଚି ଗଲେ ପ୍ରଥମେ ଲକ୍ଷ୍ମୀଙ୍କ ପାଖରେ ଆଉ ତା'ପରେ କୁବେରଙ୍କ ପାଖରେ। ମାତା ଲକ୍ଷ୍ମୀ ସଂସାରରେ ସବୁଠାରୁ ଧନଶାଳୀ ଠାକୁରାଣୀ ଭାବେ ହିନ୍ଦୁ ସଂସ୍କୃତି ପରମ୍ପରାରେ ଖୁବ୍ ଚର୍ଚ୍ଚିତ। ମାତା ଲକ୍ଷ୍ମୀଙ୍କ ପାଖରେ ସଂସାରର ସମସ୍ତ ଧନ ପର୍ଯ୍ୟବେସିତ। ଆଉ ଧନ ଭଣ୍ଡାରର ରକ୍ଷଣାବେକ୍ଷଣ ଦାୟିତ୍ୱରେ ରହିଛନ୍ତି କୁବେର। ହେଲେ ଆମ ମନରେ ସାଧାରଣ ପ୍ରଶ୍ନବାଚୀ ସୃଷ୍ଟି ହେବା ସୁନିଶ୍ଚିତ ଯେ, ପର୍ଯ୍ୟାପ୍ତ ଧନର ଅଧିକାରିଣୀ ଯେତେବେଳେ ଯାହା ଚାହିଁଲେ ତାହା କରିପାରୁଥିବେ। ତାଙ୍କର ଇଚ୍ଛା ମୁତାବକ ଖର୍ଚ୍ଚ କରି ଅନ୍ୟ ମାନଙ୍କ ତୁଳନାରେ ଅତି ଆନନ୍ଦରେ ରହୁଥିବେ। କିନ୍ତୁ ଆମର ଭାବନା ପ୍ରକାଶ କରନ୍ତେ ମାତା ଲକ୍ଷ୍ମୀ ଉତ୍ତର ଦିଅନ୍ତି....

ପୁତ୍ର ମୁଁ ହେଉଛି ବ୍ରହ୍ମାଣ୍ଡର ସବୁଠାରୁ ବଡ ଦୁଃଖୀ ଯିଏ ଇଚ୍ଛା ମୁତାବକ କିଛି କରିପାରେ ନାହିଁ। ଏତେ ଧନଧାନ୍ୟର ଅଧିକାରିଣୀ ହୋଇ ଇଚ୍ଛା ମୁତାବକ ବ୍ୟୟ, ଖର୍ଚ୍ଚ କିମ୍ବା ଦାନ କରିବାର କ୍ଷମତା ସୀମିତ। ଉପଯୁକ୍ତ ଆଇନର ପରିସରଭୁକ୍ତ ବ୍ୟୟ ହିଁ ସମ୍ଭବ ହୋଇଥାଏ ମୋ ପାଖରେ। ପୁଣି କାହାକୁ କେତେ କ'ଣ ଦିଆଯିବ, କାହାଠାରୁ ପୁଣି ଆଦାୟ କରାଯିବ ସେସବୁ ସୀମିତ ଆଇନ ପରିସରଭୁକ୍ତ। ଅଧିକନ୍ତୁ ବିନା ପରାମର୍ଶରେ ନିଜେ ମନଇଚ୍ଛା କିଛି କରିହୁଏନି। ସଂସାର ଆଖିରେ ମୁଁ କେବଳ ଅଧିକାରିଣୀ। କିନ୍ତୁ ବିନା ହିସାବରେ କିମ୍ବା ଉପର ମହଲରୁ ନିର୍ଦ୍ଦେଶ ନହେଲେ ତିଳେ ମାତ୍ର ଅଗ୍ରସର ହେବା ସମ୍ଭବ ହୋଇନଥାଏ। ସୀମାହୀନ ପର୍ଯ୍ୟାପ୍ତ ସମ୍ପତ୍ତିର ହିସାବ ରଖିବା ଏବଂ ତାହାର ରକ୍ଷଣାବେକ୍ଷଣ ଦେଖିବା ସହିତ ଅପବ୍ୟବହାର ରୋକିବା ଇତ୍ୟାଦି ଦେଖଉ ଦେଖୁ ଦିନର ୨୪ଘଣ୍ଟା କମ ପଡିଯାଏ ମୋ ପାଖରେ। ଅର୍ଥାତ୍ ସେସବୁ କେବଳ ଜଗି ବସିବା କାର୍ଯ୍ୟରେ ସାରା ଦିନ ଲିପ୍ତ ରହି ମନୋରଞ୍ଜନ କରିବା କିମ୍ବା ଆନନ୍ଦ ଉପଭୋଗ କରିବା ତ ଦୂରର କଥା, ନିଜ ଦୈନନ୍ଦିନ ଜୀବନକୁ ମଧ ଭୁଲିଯିବାକୁ ହୁଏ ସବୁଦିନ। ବର୍ଷରେ ୩୬୫ଦିନ ମଧ୍ୟରୁ ଛୁଟି ବୋଲି ଶବ୍ଦ କେବଳ କାନରେ ଶୁଣିବାକୁ ମିଳୁଥିଲେ ମଧ ମାନସିକ ସ୍ତରରେ ଛୁଟି ଉପଭୋଗ କରିବା ସମ୍ଭବ ହୋଇନଥାଏ ଆମ ପାଖରେ। ଅର୍ଥାତ ନିଜେ ସେଥିରୁ କିଛି ହେଲେ ଉପଭୋଗ କରିବା ସମ୍ଭବ ହୋଇପାରେନି। ତେଣୁ ଲକ୍ଷ ଲକ୍ଷ ବର୍ଷ ଧରି ଏହି ଜଗୁଆଳି ଦାୟିତ୍ୱରେ ରହି ମୋର ଜୀବନ ନିରର୍ଥକ ହୋଇଗଲାଣି। କାହାକୁ ଦାୟିତ୍ୱ ଦେଇ ଏହି ଅସହ୍ୟ ଯନ୍ତ୍ରଣାରୁ ମୁକ୍ତ ହେବା ପାଇଁ ପ୍ରୟାସ ଜାରିରହିଛି। ଯେଉଁଦିନ ଏହି ମହାଦାୟିତ୍ୱରୁ ମୁକ୍ତି ମିଳିବ ହୁଏତ ଏକ ନୂତନ ଜୀବନ ପ୍ରାପ୍ତି ହେଲାଭଳି ଅନୁଭବ ହେବ ବୋଲି ମୋର ଅନୁମାନ। କିନ୍ତୁ ଏପର୍ଯ୍ୟନ୍ତ କିଏ ହେଲେ ଏହି ଦାୟିତ୍ୱ ନେଉନାହାନ୍ତି ବୋଲି ଅତି ଦୁଃଖ ଯନ୍ତ୍ରଣା ଦାୟକ ଜୀବନ ବିତାଇବାକୁ ପଡୁଛି ମୋତେ।

ମାତାଙ୍କ ଏଭଳି ମନ୍ତବ୍ୟ ଶୁଣି ମୋର ମନ ଟିକେ ଫିକା ପଡି ଯାଇଥିଲେ ମଧ ସାହାସ ବାନ୍ଧି ପୁଣି ପହଞ୍ଚି ଗଲି କୁବେରଙ୍କ ପାଖରେ। ପ୍ରଭୁଙ୍କୁ ଦେଖା କରିବାର ବିଳମ୍ବ ହେବାରେ, ସେ ହୁଏତ ଆରାମ କରୁଥିବେ ଭାବି କିଛି ସମୟ ପରେ ସସମ୍ମାନେ ଆରମ୍ଭ କରି ମୋର ଅଭିପ୍ରାୟ। ସେ କହିଲେ ପୁତ୍ର ଯାହା କହିବାର ଅଛି ତୁରନ୍ତ ପ୍ରକାଶ କଲେ ମୋତେ ଯିବାକୁ ହେବ। ମୁଁ ପଚାରିଲି କୁଆଡେ ଯିବେ? ମୃଦୁହାସ୍ୟ ସ୍ୱରରେ କହିଲେ ଜୀବନରେ କେବଳ ଗୋଟିଏ ରାସ୍ତା ଛାଡିଲେ ଆଉ କୁଆଡେ ଯିବା ଆମ କପାଳରେ ଲେଖା ହୋଇନାହିଁ। ପୁଣି ମୁଁ ପ୍ରଶ୍ନ କରନ୍ତେ ସେ କହିଲେ କେବଳ ଧନ ସମ୍ପତ୍ତି ଏକାଠି କରିବା, ତାହାର ଦାୟିତ୍ୱ ନେବା ଏବଂ ସେସବୁର ସଠିକ୍ ହିସାବ ରଖି ଉପର ମହଲକୁ ତାହାର ସଠିକ୍ ହିସାବ ଦେବା ଛଡା ଆଉ କୌଣସି କାମ ନାହିଁ ମୋର। ଏତିକି କରୁ କରୁ ଦିନର ସମସ୍ତ ସମୟ କଟିଯାଏ, ଯାହାଦ୍ୱାରା ଆଉ କୁଆଡେ ଯିବା କିମ୍ବା କ'ଣ କରିବା ତ ଦୂରର କଥା, ଆଉ କିଛି ଭାବିବାକୁ ମଧ ସମୟ ମିଳେନି ମୋତେ। ଅର୍ଥାତ୍ ଜୀବନରେ ଉପଭୋଗ କ'ଣ କିମ୍ବା ମନୋରଞ୍ଜନ କି ଆନନ୍ଦ ଏକ ରକମ ସ୍ୱପ୍ନ ଆମ ପାଖରେ। ମୁଁ ପଚାରିଲି ଏତେ ଧନଧାନ୍ୟର ଅଧିକାରୀ ଆପଣ ଯେତେବେଳେ ଯାହା ଚାହିଁଲେ ତାହା କରିପାରୁଥିବେ? ଉତ୍ତର ଦେଇ କହିଲେ ସ୍ୱଇଚ୍ଛାରେ କାର୍ଯ୍ୟ କରିବା ଆରମ୍ଭ କରିଦେଲେ କେବଳ ସହକର୍ମୀ କାହିଁକି ଉପରିସ୍ଥ ଅଧିକାରୀ ମଧ କ୍ଷୁବ୍ଧ ହେବା ସ୍ୱାଭାବିକ। ତେଣୁ ଆମର ଜୀବନ ସୀମିତ। ଏହା ଶୁଣିଲା ପରେ ମୁଁ ପଚାରିଲି ମହାଭାଗ, ହେଲେ ପୃଥିବୀ ପୃଷ୍ଠରେ ଯେଉଁମାନେ ଏମିତି ଆପଣଙ୍କ ଭଳି ଅଛନ୍ତି ସେମାନେ କେମିତି ଆନନ୍ଦରେ ଅଛନ୍ତି? ମୃଦୁହାସ୍ୟ ସ୍ୱରରେ ଉତ୍ତର ମିଳିଲା, ପାଗଳ ତୁମେ କିଛି ଜାଣିନ କି ସଂସାର କ'ଣ ଆଦୌ ବୁଝିନ। ତୁମ ପାଖରେ ଧନ ସମ୍ପତ୍ତି ନାହିଁ ବୋଲି ଭାବୁଛ ଯାହା ପାଖରେ ଅଧିକ ଅଛି ସେ ସୁଖୀ ବୋଲି? କିନ୍ତୁ ତୁମର ବିଚାରଧାରା ସମ୍ପୂର୍ଣ୍ଣ ବିପରୀତ, ସେହିମାନେ ଅସହିଷ୍ଣୁ ଅବସ୍ଥାରେ ରହିଥାନ୍ତି ଲକ୍ଷେ ଭାରାକ୍ରାନ୍ତ ଏବଂ ଭୀତତ୍ରସ୍ତ ହୋଇ ଯାହା ସାଧାରଣ ଲୋକେ ବୁଝିବା ଅସମର୍ଥ ହୋଇପଡନ୍ତି ଏବଂ ଜୀବନ ଶେଷରେ ଉଭୟେ ଗୋଟିଏ ନାଆର ନାଉରି ହୋଇ ଯାତ୍ରା ଆରମ୍ଭ କରିଥାନ୍ତି ଦିଗ୍‌ବଳୟ ଆଡକୁ ଯେଉଁଠି ସମସ୍ତେ ସମାନ। ତେଣୁ ମର୍ତ୍ତ୍ୟ ହେଉ କି ସ୍ୱର୍ଗ ଯେଉଁଠି ଧନ ସମ୍ପତ୍ତିର ବିଚାର ସେଇଠି ଅସନ୍ତୁଷ୍ଟି ନିରାନନ୍ଦର ବାର୍ତ୍ତା ସର୍ବ ବିଦ୍ୟମାନ। ସ୍ୱଳ୍ପ ଆବଶ୍ୟକତାରେ ସନ୍ତୁଷ୍ଟ ହେଲେ ଜୀବନ ଆନନ୍ଦ କହିଲେ ନସରେ। ବର୍ତ୍ତମାନ ବିଚାର ଆପଣଙ୍କର...।

*ସୋସିଆଲ ଫୋରମ, ଛତ୍ରପୁର, ଗଞ୍ଜାମ*
*ଦୂରଭାଷ : ୯୪୩୭୩୨୪୯୧୭*

# ବିଦ୍ୟାଦାୟିନୀ



**ଡକ୍ଟର ରାଜୀବ୍ ଷଡଙ୍ଗୀ**



ଆସ ଅବତରି ଧରାକୁ ହେ ବିଦ୍ୟାଦାୟିନୀ
ଶୁକ୍ଳବେଶେ ପଞ୍ଚମୀରେ ଆସ ମା' ସରସ୍ୱତୀ
ମାଘଶୁକ୍ଳ ଆକାଶରେ ଅନେକ ଯେ ତାରା
ଚଉଦିଗ ସୁଶୋଭିତ ହସୁଅଛି ଧରା।

ବିଦ୍ୟାର ଭଣ୍ଡାର ତୁମେ ସତେ ଜ୍ଞାନ ଦାତ୍ରୀ
ଯୋଜନ ପାଇଁ ସଜାଅ ଅମାପ ଭକତି
ଚଳୁ ଠାରୁ ମଳୁଯାଏ ଖୋଜିଥାଏ ଶକ୍ତି
କାହାର କେତେ ଯେ ଏହା ଅଟଇ ମୁକତି।

ଗଳାରେ ଶୋଭାଏ ମା'ଗୋ ଗଜମୋତି ହାର
ମୁକୁତାର ସାଥେ ମା'ଗୋ ବିଦ୍ୟାଭଣ୍ଡାର
ହଂସାରୂଢ଼ା ଶୁଭ୍ରବସ୍ତ୍ରା ଶୁକ୍ଳପୁଷ୍ପେ ଭରା
କୋଟି କୋଟି ସନ୍ତାନର ବିଶ୍ୱସର ପରା।




ଅଖଣ୍ଡ ମଣ୍ଡଳେ ପାଉ ପୂଜା ନଥାଏ ଅପ୍ରୀତି
ଜଗତଟା ସାରା ଖୋଜେ ତୋ'ଠାରୁ ମୁକତି
ବିଦ୍ୟା ଖୋଲିଦିଏ ସିନା ଆଖିର ଆଇନା
ଅକ୍ଷର ଭିତରେ ଥାଏ ମୋକ୍ଷର ସୂଚନା।

ଦିଅ ମା' ସରସ୍ୱତୀ ବାଗଦେବୀ ଈଶ୍ୱରୀ
ଜଗତକୁ ସ୍ନେହ ଆଉ କରୁଣାରେ ଭରି।


*ସୂର୍ଯ୍ୟ ନିଳୟମ, କୁଣ୍ଡି*
*କୁମୁଡା ଜୟପୁର, କଟକ*
*ଦୂରଭାଷ : ୯୪୩୮୯୭୫୫୪୪*





**ଓମ୍‌କାର ସାହୁ**
ଷ୍ଟାଣ୍ଡାର୍ଡ- ୫
କେନ୍ଦ୍ରୀୟ ବିଦ୍ୟାଳୟ - ୩
ମଞ୍ଚେଶ୍ୱର, ଭୁବନେଶ୍ୱର





**ଦିବ୍ୟରଞ୍ଜନ ଦାସ**
ଷ୍ଟାଣ୍ଡାର୍ଡ-୬
ଓଡିଏମ୍ ପବ୍ଲିକ୍ ସ୍କୁଲ
ପଟିଆ, ଭୁବନେଶ୍ୱର



# ଐତିହାସିକ ଜାଗର ମେଳା ନିମନ୍ତେ ବେଦବ୍ୟାସ ପୀଠରେ ପ୍ରସ୍ତୁତି

**ରାଉରକେଲା :** ଚଳିତ ବର୍ଷ ଐତିହାସିକ ତଥା ପବିତ୍ର ବେଦବ୍ୟାସ ଶୈବପୀଠରେ ଜାଗରମେଳାକୁ ଶୃଙ୍ଖଳିତ ତଥା ସରସ ସୁନ୍ଦର କରିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଅବୋଲୀ ସୁନୀଲ ନରୱ୍ୱଣେଙ୍କ ଅଧକ୍ଷତାରେ ଅତିରିକ୍ତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଏହି ପ୍ରସ୍ତୁତି ବୈଠକରେ ଅଧକ୍ଷା ଶ୍ରୀମତୀ ନରୱ୍ୱଣେ ଉପସ୍ଥିତ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ଶିବରାତ୍ରୀ ମେଳାକୁ ଶୃଙ୍ଖଳିତ ଓ ସରସ ସୁନ୍ଦର କରିବା ନିମନ୍ତେ ସମସ୍ତଙ୍କ ଆନ୍ତରିକ ସହଯୋଗ କାମନା ସହ ବ୍ୟବସ୍ଥିତ ଭାବେ ନିଜ ନିଜର ଦାୟିତ୍ୱ ସମ୍ପାଦନ ନିମନ୍ତେ ପରାମର୍ଶ ଦେଇଛନ୍ତି। ପରେ ପରେ ଟ୍ରଷ୍ଟ ସମ୍ପାଦକ ଅନୁପମ ରାୟଙ୍କୁ କରାଯିବାକୁ ଥିବା ବିଭିନ୍ନ କାର୍ଯ୍ୟ ପ୍ରସ୍ତୁତ ହୋଇଥିବା କାର୍ଯ୍ୟ ଖସଡା ଅନୁଯାୟୀ ବୈଠକରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ମର୍ମରେ ଚଳିତ ବର୍ଷ ଶିବରାତ୍ରୀ ମେଳା ବେଦବ୍ୟାସ ପୀଠରେ ଆସନ୍ତା ତା-୨୧.୦୨.୨୦୨୦ ଠାରୁ ତା-୦୨.୦୩.୨୦୨୦ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ତା-୨୧.୦୨.୨୦୨୦ରିଖ ଦିନ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ରାଉରକେଲା ପୋଲିସ୍ ବିଭାଗ ତରଫରୁ ଆଇନ୍ ଶୃଙ୍ଖଳା ପରିସ୍ଥିତି, ଟ୍ରାଫିକ୍ ବ୍ୟବସ୍ଥା ଇତ୍ୟାଦି ଉପରେ ଆଲୋଚନା କରାଯାଇଥିଲା। ମେଳାରେ ଉଠା ଦୋକାନୀ ତଥା ବାହାର ରାଜ୍ୟର ବ୍ୟବସାୟ ପ୍ରତିଷ୍ଠାନ, ମନ୍ଦିରର ପାରିପାର୍ଶ୍ୱିକ ଅବସ୍ଥା, ନଦୀପଠାରେ ଭକ୍ତଙ୍କ ଜନଜୀବନର ସୁରକ୍ଷା ନିମନ୍ତେ ୮ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ ସହ ଅଗ୍ନିଶମ ସେବା ବିଭାଗକୁ ସତର୍କ ତଥା ଆବଶ୍ୟକୀୟ ବ୍ୟବସ୍ଥା ସହ ୨୪ ଘଣ୍ଟିଆ ସେବା ପ୍ରଦାନ ପାଇଁ ପରାମର୍ଶ ଦିଆଯାଇଛି। ପୁନଶ୍ଚ ଜନସାଧାରଣଙ୍କ ଚଳପ୍ରଚଳ, ମେଳା ସ୍ଥଳ, ବ୍ୟବସାୟ ସ୍ଥଳ ତଥା ଅନ୍ୟାନ୍ୟ ଲୋକାରଣ୍ୟ ସ୍ଥାନରେ ଶାନ୍ତିଶୃଙ୍ଖଳା ଓ ଟ୍ରାଫିକ୍ ବ୍ୟବସ୍ଥାକୁ ଅଧିକରୁ ଅଧିକ ସୁନିଶ୍ଚିତ କରିବା ପାଇଁ ବେସାମରିକ ପ୍ରତିରକ୍ଷା ସଂସ୍ଥାର ସ୍ୱେଚ୍ଛାସେବୀଙ୍କୁ ମୁତୟନ କରିବା ଉପରେ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି। ମେଳା ଆରମ୍ଭ ଦିନ ଠାରୁ ମେଳା ଶେଷ ପର୍ଯ୍ୟନ୍ତ ଉପର ମୁଣ୍ଡରେ ଥିବା ମନ୍ଦିର ଡ୍ୟାମରର ଜଳ ନିଷ୍କାସନକୁ ବନ୍ଦ ରଖିବା ଉପରେ ଆଲୋଚନା କରାଯାଇଥିଲା। ପିଡବ୍ଲ୍ୟୁଡି ତରଫରୁ ସ୍ନାନ ଶୌଚାଦି ପାଇଁ ନଦୀ ପଠା ତଥା ମନ୍ଦିର ଚତୁଃପାର୍ଶ୍ୱରେ ଭକ୍ତଙ୍କ ସୁବିଧା ନିମନ୍ତେ ବ୍ୟବସ୍ଥା ସହ ସେମାନଙ୍କ ସୁରକ୍ଷା ପାଇଁ ଆବଶ୍ୟକ ବ୍ୟାରିକେଡ୍ ନିର୍ମାଣ କରାଯିବାକୁ ପରାମର୍ଶ ଦିଆଯାଇଛି। ମେଳାରେ ଲକ୍ଷାଧିକ ଭକ୍ତ ଓ ଜନସାଧାରଣଙ୍କ ସମାଗମ ଦୃଷ୍ଟିରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ୨୧.୦୨.୨୦୨୦ ଠାରୁ ୨୩.୦୨.୨୦୨୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ରାଉରକେଲା ଆନୁକୂଲ୍ୟରେ ୩ ଦିନ ଧରି ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀ ଅନୁଷ୍ଠିତ ହେବା ସହ ଫେବୃଆରୀ ୨୨ ତାରିଖରୁ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ଓ ବେଦବ୍ୟାସ ଟ୍ରଷ୍ଟ ବୋର୍ଡର ମିଳିତ ସହଯୋଗରେ ଜନସାଧାରଣଙ୍କ ମନୋରଞ୍ଜନ ନିମନ୍ତେ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବା ଉପରେ ଆଲୋଚନା କରାଯାଇଥିଲା। ମେଳା ସମୟରେ ଡାକ୍ତରଖାନା ତରଫରୁ ଆମ୍ବୁଲାନ୍ସ ସେବା ସହ ଡାକ୍ତରୀ ଦଳ, ଅବିରତ ବିଜୁଳି ସେବା ପ୍ରଦାନ, ମେଳା ପଡିଆ ପରିଷ୍କାର, ପରିଛନ୍ନ ତଥା ସମତୁଲ କରିବା, ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଶିବରାତ୍ରୀ ଦିନ ଜାଗର ଉପଲକ୍ଷେ ବିଶେଷ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରିବା ଉପରେ ରାଉରକେଲା ଇସ୍ପାତ କାରଖାନା ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। ଏଥିପାଇଁ ମେଳାର ବିଭିନ୍ନ କାର୍ଯ୍ୟକ୍ରମକୁ ସୁସମ୍ପନ୍ନ ପାଇଁ ବିଭିନ୍ନ କମିଟି ଗଠନ କରାଯିବା ଉପରେ ବୈଠକରେ ନିଷ୍ପତି ହୋଇଛି। ଆଜିର ବୈଠକରେ ମେଳାର ବିଭିନ୍ନ କାର୍ଯ୍ୟକାରିତା ନେଇ ସମୀକ୍ଷା ନିମନ୍ତେ ଆସନ୍ତା ୧୫.୦୨.୨୦୨୦ ତାରିଖରେ ଏକ ବୈଠକ ସମ୍ପୃକ୍ତ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ବେଦବ୍ୟାସ ଟ୍ରଷ୍ଟ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ବୈଠକରେ ମହାନଗର ନିଗମ ଆୟୁକ୍ତ ଦିବ୍ୟଜ୍ୟୋତି ପରିଡା, ପାନପୋଷ ଏସ୍‌ଡିପିଓ ଅସୀମ ପଣ୍ଡା, ପିଡବ୍ଲ୍ୟୁଡି ନିର୍ବାହୀ ଯନ୍ତ୍ରୀ, ୱେସ୍କୋ ନିର୍ବାହୀ ଯନ୍ତ୍ରୀ, ଡେପୁଟି କଲେକ୍ଟର ନିଭାରାଣୀ ଭଟ୍ଟାଚାର୍ଯ୍ୟ, ସହାୟକ ଜିଲ୍ଲାପାଳ ସୁଶାନ୍ତ ବେହେରା, ସିଭିଲ ଡିଫେନ୍ସ ଅଧିକାରୀ ଅର୍ଜୁନ ଚରଣ ମାଝି, ଟ୍ରଷ୍ଟ ବୋର୍ଡ ସମ୍ପାଦକ ଅନୁପମ ରାୟ, ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋଲାପ କୌଶିକ, ଟ୍ରଷ୍ଟ ବୋର୍ଡର ପ୍ରମୋଦ ପ୍ରଧାନ, ସନ୍ତୋଷ ସାହୁ, ରାଜେଶ ଗର୍ଗ, ରମାକାନ୍ତ ବିଶ୍ୱାଳ, ରମେଶ ଅଗ୍ରୱାଲଙ୍କ ସମେତ ବହୁ ସରକାରୀ ଓ ବେସରକାରୀ କର୍ମକର୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ସୂଚନା ଦେଇଛନ୍ତି।

# ନାନ୍ଦୋଲ ଧାନମଣ୍ଡିରେ ଅବ୍ୟବସ୍ଥା : ଶୋଷଣର ଶିକାର ଋଷୀ

**କୁନାଗଡ, (ଶରତ ସାହୁ) :** ରାଜ୍ୟରେ ଋଷୀମାନଙ୍କୁ ସରକାର ସବୁ ପ୍ରକାର ସାହାଯ୍ୟ ପ୍ରଦାନ କରୁଛନ୍ତି ବୋଲି ଡିଣ୍ଡିମ ପିଟୁଥିଲା ବେଳେ କଳାହାଣ୍ଡି ଜିଲ୍ଲା ନାନ୍ଦୋଲ ପଞ୍ଚାୟତ ଓ ସୋସାଇଟି ଅଧିନରେ ଥିବା ତିନିଗୋଟି ମଣ୍ଡି ଦାୟିତ୍ୱରେ ଥିବା ଅଫିସର ଓ ଶ୍ରମିକଙ୍କ ଜୁଲମ ବଢ଼ିଚାଲିଛି। ସରକାର ଇ-ଟୋକନ୍ ବ୍ୟବସ୍ଥାରେ ଋଷୀ ମାନଙ୍କର ଧାନ ମାସ ମାସ ଧରି ମଣ୍ଡିରେ ପଡିରହିଲା ପରେ ସରକାରୀ ସ୍ତରରେ ଏବେ ଗ୍ରହଣ କରାଯାଉଛି। ନାନ୍ଦୋଲ ସୋସାଇଟି ୨୮,୦୦୦ କ୍ୱିଣ୍ଟାଲ ଧାନ କ୍ରୟ କରିବା ବ୍ୟବସ୍ଥାରେ ପ୍ରତ୍ୟେକ ବସ୍ତାରେ ୪୦ କେଜି ଧାନ ରଖିବାର କ୍ଷମତା ଥିବା ବେଳେ ସରକାରୀ ନିୟମରେ ବସ୍ତାର ଓଜନ ୬୫୦ ଗ୍ରାମ ବା ୪୦ କେଜି ୬୫୦ ଗ୍ରାମ କାଟିବା ସ୍ଥଳେ ତାହାକୁ ୪୧ କେଜି କଟାଯାଇ ଋଷୀର ୩୫୦ ଗ୍ରାମ ଧାନ ଲୁଟ୍ ହେଉଛି। ଏଥିସହ ଋଷୀଠାରୁ ଜବରଦସ୍ତି ବସ୍ତା ପ୍ରତି ୨ଟଙ୍କା ହିସାବରେ ଆଦାୟ କରାଯାଉଛି ଓ ୧୦ କେଜି ପରିମାଣ ଧାନ ଜୋରଜବରଦସ୍ତ ନିଆଯାଇ ଉପସ୍ଥିତ ସରକାରୀ କର୍ମଚାରୀମାନେ ବସ୍ତା ପ୍ରତି ୫୦୦ ଟଙ୍କାରେ ବେପାରୀଙ୍କୁ ବିକ୍ରି କରୁଛନ୍ତି। ସମସ୍ତ ନୀତି ନିୟମକୁ ଉଲ୍ଲଘଂନ କରାଯାଇ ଅଫିସରମାନେ ଏଭଳି କରିଥିବାରୁ ଋଷୀମାନେ ଅଭିଯୋଗ କରୁଛନ୍ତି ଯେ, ଏହା କିଭଳି ବ୍ୟବସ୍ଥା। ଏ ସମ୍ପର୍କରେ ଜିଲ୍ଲାପାଳ, ଜିଲ୍ଲା ଯୋଗାଣ ଅଧିକାରୀ ତଥା ସରକାରୀ କଳକୁ ବାରମ୍ବାର କୁହାଯାଉଥିଲେ ମଧ କେହି ଏହା ଉପରେ କର୍ଣ୍ଣପାତ କରୁନାହାନ୍ତି। ତେଣୁ ଆଗାମୀ ଦିନରେ ଏଭଳି ବ୍ୟବସ୍ଥା ଜାରି ରହିଲେ ପୁଣି ନାନ୍ଦୋଲ ଅଞ୍ଚଳରେ ଋଷୀ ଆତ୍ମହତ୍ୟା ଦେଖା ନଦେବ ଏକଥା କିଏ କହିବ।

# ୧୬ରୁ ପୁଣି ବିଦ୍ୟୁତ୍ କାଟ୍ ଅଭିଯାନ

**ଭୁବନେଶ୍ୱର :** ବିଦ୍ୟୁତ୍ ବିଲ୍ ବକେୟା ରଖିଥିବା ଗ୍ରାହକଙ୍କ ବିଦ୍ୟୁତ୍ ସଂଯୋଗ କାଟିବାକୁ ନିଷ୍ପତି ନେଇଛନ୍ତି ସାଉଥକୋ ଓ ନେସ୍କୋ। ସେସୁ ପକ୍ଷରୁ ଏହି ଅଭିଯାନ ଆରମ୍ଭ ହେବା ପରେ ବାକିଆ ବିଲ୍ ଆଦାୟ କରିବାପାଇଁ ସାଉଥକୋଓ ନେସ୍କୋ ମଧ୍ୟ ଏହି ନୀତି ଆପଣେଇଛନ୍ତି। ହଜାରେ ଟଙ୍କାରୁ ଅଧିକ ବିଦ୍ୟୁତ୍ ବିଲ୍ ବାକିଆ ରଖିଥିଲେ ଫେବୃଆରୀ ୧୬ ତାରିଖରୁ ସେମାନଙ୍କର ବିଜୁଳି କଟାଯିବ। ସାଉଥକୋ ଅଧୀନରେ ଥିବା ୮ଟି ଜିଲ୍ଲାରେ ମୋଟ ୧୫ ଲକ୍ଷ ୭୩ ହଜାର ଗ୍ରାହକ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧୧ ଲକ୍ଷ ଗ୍ରାହକଙ୍କ ଉପରେ ୧୩୫୭ କୋଟି ଟଙ୍କା ବାକିଆ ରହିଛି। ସାଉଥକୋ ଅଧିକାରୀ ପ୍ରଦୀପ ସାହୁ ସୂଚନା ଦେଇ କହିଛନ୍ତି ଯେ ହଜାରେ ଟଙ୍କାରୁ ଅଧିକ ବାକି ରଖିଥିଲେ ଫେବୃଆରୀ ୧୬ ତାରିଖରୁ ବିଦ୍ୟୁତ୍ ସଂଯୋଗ କଟାଯିବ। ସେହିପରି ନେସ୍କୋ ଅଧୀନରେ ଥିବା ୫ ଟି ଜିଲ୍ଲାରେ ମୋଟ ୧୮ ଲକ୍ଷ ୭୨ ହଜାର ଗ୍ରାହକ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧୧ ଲକ୍ଷ ଗ୍ରାହକଙ୍କ ଉପରେ ୧୫୦୦ କୋଟି ଟଙ୍କାର ବିଦ୍ୟୁତ୍ ବିଲ୍ ବାକି ରହିଛି।

# ପାରାଦୀପ ବନ୍ଦରରେ କରୋନା ଭାଇରସ୍‌କୁ ନେଇ ହାଇଆଲର୍ଟ

**ପାରାଦୀପ :** ସାରା ପୃଥିବୀରେ ଚହଳ ପକାଇ ଭୟର ବାତାବରଣ ସୃଷ୍ଟି କରିଥିବା କରୋନା ଭାଇରସକୁ ପ୍ରତିହତ କରିବା ପାଇଁ ଓଡିଶାର ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏକ ସତର୍କ ସୂଚନା ଜାରି କରାଯାଇଛି। ବିଶେଷ କରି ଅଷ୍ଟ୍ରେଲିଆ, ସିଙ୍ଗାପୁର, ହଂକଂ, ମାଲେସିଆ, ଓ ନେପାଳରେ ଏହି ଭୂତାଣୁ ଚିହ୍ନଟ ହେବା ପରେ ଏସବୁ ଦେଶର ଜାହାଜ ଗୁଡିକ ବନ୍ଦର ମଧକୁ ପ୍ରବେଶ କରାଯିବାକୁ ବାରଣ କରାଯାଇଛି। ପାରାଦୀପ ବନ୍ଦରକୁ ମଧ କୌଣସି ଜାହାଜ ଚୀନ୍‌ରୁ କିମ୍ବା ଚୀନ ଦେଇ ଆସୁଥିଲେ ସେଥିପ୍ରତି ବିଶେଷ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ଦରର ୪ ନମ୍ବର ଗେଟ୍ ପାଖରେ ଏକ ବଡି ସ୍କାନର ଲଗାଯାଇଛି। ବନ୍ଦର ଚିକିତ୍ସାଳୟରେ ଏକ ସ୍ୱତନ୍ତ୍ର ୱାର୍ଡ ଗଠନ କରାଯାଇଛି। ଜଗତସିଂହପୁର ଜିଲ୍ଲାପାଳ ସଂଗ୍ରାମ



କେଶରୀ ମହାପାତ୍ର ଓ ସିଡିଏମ୍‌ଓ ଡଃ ବିଜୟ ପଣ୍ଡା ପାରାଦୀପ ଆସି ସମସ୍ତ ସ୍ଥିତିର ସମୀକ୍ଷା କରିଛନ୍ତି। ପାରାଦୀପ ବନ୍ଦର ଚିକିତ୍ସାଳୟ ତରଫରୁ ସମସ୍ତ ପ୍ରକାର ସତର୍କତା ମୂଳକ ପଦକ୍ଷେପ ଗ୍ରହଣ ସ୍ୱରୂପ ଯଦି କେହି ବ୍ୟକ୍ତି ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ଜଣାପଡନ୍ତି ତାଙ୍କୁ ତୁରନ୍ତ କଟକ ବଡ ମେଡିକାଲକୁ ପଠାଇବାର ସୁବନ୍ଦୋବସ୍ତ କରାଯିବ ବୋଲି ଜଣାପଡିଛି।

## ରଘୁନାଥପୁର ଥାନା ଆଇଆଇସି ହେଲେ ନିରଞ୍ଜନ ମଲ୍ଲିକ

# ଫେଲ୍ ମାରିଲା କୁଜି ନେତାଙ୍କ ପ୍ରୟାସ

**ଜଗତସିଂହପୁର :** ବହୁ କଳ୍ପନା ଜଳ୍ପନାର ଅବସାନ ଘଟାଇ ନିରଞ୍ଜନ ମଲ୍ଲିକ୍ ରଘୁନାଥପୁର ଥାନାର ନୂତନ ଆଇଆଇସି ଭାବେ ଯୋଗଦେଇଛନ୍ତି। ବିଗତ କିଛିମାସ ହେବ ଏହି ଥାନା ଅଞ୍ଚଳରେ ବହୁ ବିବାଦମାନ ପରିସ୍ଥିତି ଘଟିଥିବା ଯୋଗୁ ସରସ୍ୱତୀ ପୂଜା ଅବସରରେ ନୂତନ ଆଇଆଇସି ଶ୍ରୀ ମଲ୍ଲିକ୍ ଥାନାରେ ହୋମ ଯଜ୍ଞ କରି ନିଜର କାର୍ଯ୍ୟ ଆରମ୍ଭ କରିଛନ୍ତି। ପ୍ରକାଶ ଥାଉକି, ଏହି ଥାନାରେ ଥିବା ଆଇଆଇସି ବବିତା ଦଳେଇଙ୍କ ଜଗତସିଂହପୁର ଜିଲ୍ଲା କାର୍ଯ୍ୟାଳୟକୁ ବଦଳି ହୋଇଥିଲା। ତେବେ ହଠାତ୍ ବଦଳିକୁ ସାମ୍ନା କରି ନପାରି କୁଜି ନେତାଙ୍କ ଦ୍ୱାରା ବଦଳି ଆଦେଶ ଟାଳିବା ପାଇଁ ସେ ଚେଷ୍ଟା କରିଥିଲେ ମଧ ଜଗତସିଂହପୁର ଜିଲ୍ଲା ଏସ୍.ପି. ପ୍ରକାଶ ରଙ୍ଗରାଜ୍‌ଙ୍କ ଦୃଢ ନିଷ୍ପତ୍ତି ପାଖରେ କୁଜି ନେତାଙ୍କ ପ୍ରୟାସ ଫେଲ୍ ମାରିଥିଲା। ଶ୍ରୀମତୀ ଦଳେଇ ଏଠାରେ ମାତ୍ର ଏକବର୍ଷ ଆଇଆଇସି ଭାବେ



କାର୍ଯ୍ୟ ନକରି ବଦଳି ହେବା ପଛର ରହସ୍ୟ କଣ ବୋଲି ସାଧାରଣରେ ନାନା କଥା ଆଲୋଚନା ହେଉଛି। ଅନ୍ୟ ପକ୍ଷରେ ଦିନକୁ ଦିନ ଆଇନ ଶୃଙ୍ଖଳାରେ ଅବନତି ଘଟିଥିବା ରଘୁନାଥପୁର ଥାନାର ନୂତନ ଆଇଆଇସି ଶ୍ରୀ ମଲ୍ଲିକ୍ କିପରି ସାମ୍ନା କରୁଛନ୍ତି ବା ବିଗତ କେତେ ମାସରେ ଏହି ଥାନା ଅଞ୍ଚଳରେ ଘଟିଥିବା କେତେକ ରହସ୍ୟକୁ ଉନ୍ମୋଚନ କରି ପାରୁଛନ୍ତି ନା ନାହିଁ ତାହା ସମସ୍ତଙ୍କ ନଜରର କେନ୍ଦ୍ରବିନ୍ଦୁ ପାଲଟିଛି।

# ସ୍ଥାୟୀ ବେଞ୍ଚ ଦାବିରେ ୫ରେ ପଶ୍ଚିମ ଓଡ଼ିଶା ବନ୍ଦ ପାଇଁ ଆହ୍ୱାନ

**ସମ୍ବଲପୁର :** ପଶ୍ଚିମ ଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି ନେଇ ଆସନ୍ତା ୫ ତାରିଖରେ ପଶ୍ଚିମ ଓଡ଼ିଶା ଓକିଲ ସଂଗ ସମୂହ (ସିଏସି) ବନ୍ଦ ଡାକରା ଦେଇଛି ଓ ବ୍ୟାପକ ସମର୍ଥନ ପାଇଁ ଜନସଚେତନତା ସୃଷ୍ଟି କରାଯାଉଛି। ସୂଚନାଥାଉ କି, ପ୍ରତି ମାସର ଶେଷ ତିନିଦିନ ଅଧିନରେ ଥିବା ସମସ୍ତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ କୋର୍ଟ କଚେରୀ ଆନ୍ଦୋଳନ ଯୋଗୁଁ ବନ୍ଦ ରହୁଛି। ଏହି ଆନ୍ଦୋଳନକୁ ପଶ୍ଚିମ ଓଡ଼ିଶା ନାଗରିକ କ୍ରିୟାନୁଷ୍ଠାନ କମିଟି, ଋଷୀ ସଂଗଠନ, ଶ୍ରମିକ ସଂଗଠନ, ବ୍ୟବସାୟୀ ସଂଘ, ବୁଦ୍ଧିଜୀବୀ ତଥା ବହୁ ସାମାଜିକ ସଂଗଠନ ସମର୍ଥନ କରୁଛନ୍ତି।

# ଆରଏମ୍‌ସି ପକ୍ଷରୁ ପାଗଳ କୁକୁର ଧରା ଅଭିଯାନ ଜୋରଦାର

**ରାଉରକେଲା :** ଗତ ୨୬ ଏବଂ ୨୭ ତାରିଖରେ ରାଉରକେଲା ସହରର ବିଭିନ୍ନ ସ୍ଥାନମାନଙ୍କରେ ପାଗଳ କୁକୁର କାମୁଡ଼ିବା ଦ୍ୱାରା ଶତାଧିକ ଲୋକ ଆହତ ହେବା ଖବର ପ୍ରକାଶିତ ହେବା ପରେ ରାଉରକେଲା ମହାନଗର ନିଗମ ପକ୍ଷରୁ ସହରରେ ବୃଦ୍ଧି ପାଇଥିବା ପାଗଳ କୁକୁରଙ୍କ ଦୌରାତ୍ମ୍ୟକୁ ରୋକିବା ପାଇଁ ଜୋରଦାର ଅଭିଯାନ ଆରମ୍ଭ ହୋଇଛି। ନିଗମର ଦୁଇଟି ଦଳ କ୍ରମାଗତ ଭାବେ ନାଗରିକଙ୍କ ଅଭିଯୋଗ ଅନୁସାରେ ସମ୍ପୃକ୍ତ ସ୍ଥାନମାନଙ୍କରେ ପହଞ୍ଚି ସନ୍ଦିଗ୍ଧ ପାଗଳ କୁକୁରମାନଙ୍କୁ ଧରୁଛନ୍ତି। ଗତ ୨୮ ତାରିଖ ସୋମବାର ଠାରୁ ସହରର ଓରାମପଡା, ମାଲଗୋଦାମ, ବାସନ୍ତୀ କଲୋନୀ ଆଦି ଅଞ୍ଚଳରେ ବୁଲି ୧୦ଟି କୁକୁରଙ୍କୁ ଧରିଥିବା ବେଳେ ଉକ୍ତ ଦିନ ଅପରାହ୍ନରେ ପୁଣି ଏହି ଅଭିଯାନ ଜାରି ରଖାଯାଇଛି ବୋଲି ନିଗମ ଆୟୁକ୍ତ ସୁଧାଂଶୁ ଭୋଇ ସୂଚନା ଦେଇଛନ୍ତି। ଏହି ଅଭିଯାନ ସହରରେ ପାଗଳ କୁକୁରଙ୍କ ଦୌରାତ୍ମ୍ୟ ନ କମିବା ପର୍ଯ୍ୟନ୍ତ ଜାରି ରହିବ ବୋଲି ଜଣାପଡିଛି। ଏଥିସହ ଆନିମଲ ବାର୍ଥ କଣ୍ଟ୍ରୋଲ କାର୍ଯ୍ୟକ୍ରମ (ଏବିସି ପ୍ରୋଗ୍ରାମ) ଆଧାରରେ ମଧ ନିୟମିତ ଭାବେ କୁକୁରଙ୍କ ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ପଶୁ ଚିକିତ୍ସା ବିଭାଗ ପକ୍ଷରୁ କରାଯାଉଥିବା ସୂଚନା ଦିଆଯାଇଛି। ଏଥିରେ ମହାନଗର ନିଗମ ପକ୍ଷରୁ ସମ୍ପୃକ୍ତ ବିଭାଗକୁ ସମସ୍ତ ପ୍ରକାରର ସହାୟତା କରାଯାଉଛି। ଗତ କିଛିଦିନ ମଧ୍ୟରେ ରାଉରକେଲା ଷ୍ଟିଲ୍ ଟାଉନସିପ୍ ଅଞ୍ଚଳରେ ପାଗଳ କୁକୁରଙ୍କ ଦୌରାତ୍ମ୍ୟ ଅଧିକ ହୋଇଥିବା ଖବର ମିଳିଥିବା ବେଳେ ଆଜି ଅପରାହ୍ନ ୪ଟା ସମୟରେ ରାଉରକେଲା ଇସ୍ପାତ କାରଖାନାର ସହରସେବା ବିଭାଗ ଅଧିକାରୀ ଓ ଅନ୍ୟ ଦୁଇ ବିଭାଗୀୟ ଅଧିକାରୀମାନଙ୍କ ସହ ଏକ ଜରୁରୀ ବୈଠକ ମହାନଗର ନିଗମ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ପାଗଳ କୁକୁର ଧରିବା ଅଭିଯାନକୁ ଅଧିକ ପ୍ରଭାବଶାଳୀ ଢଙ୍ଗରେ କରିବା ପାଇଁ ବିଶଦ୍ ଆଲୋଚନା କରାଯାଇଥିଲା। ବିଶେଷ କରି ବର୍ତ୍ତମାନ କୁକୁର ପ୍ରଜନନ ଋତୁ ହୋଇଥିବାରୁ ମାଆ କୁକୁରମାନେ ଅଧିକ ସମ୍ବେଦନଶୀଳ ହୋଇଥାନ୍ତି ଏବଂ ସେମାନଙ୍କ ଛୁଆଙ୍କ ସୁରକ୍ଷା ନିମନ୍ତେ ସେମାନେ ଭୟଭୀତ ହୋଇ ଲୋକଙ୍କୁ କାମୁଡିବା ଲାଗି ଉଦ୍ୟମ କରିଥାନ୍ତି। ଏଥିପ୍ରତି ସମସ୍ତେ ସଚେତନ ରହିବା ପାଇଁ ମହାନଗର ନିଗମ ପକ୍ଷରୁ ଅନୁରୋଧ କରାଯାଇଛି। ମହାନଗର ନିଗମ ପକ୍ଷରୁ ପାଗଳ କୁକୁରଙ୍କ ଦୌରାତ୍ମ୍ୟ ରୋକିବା ପାଇଁ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଉଥିବା ବେଳେ ନାଗରିକମାନେ ଏଥିପ୍ରତି ସଚେତନ ରହିବା ନିମନ୍ତେ ନଗିମ ଆୟୁକ୍ତ ଶ୍ରୀ ଭୋଇ ନିବେଦନ କରିଛନ୍ତି। ଏଥିସହ ଛୋଟ ପିଲାମାନଙ୍କୁ ବିଶେଷ କରି ସନ୍ଧ୍ୟାବେଳେ ଏକାକୀ ବାହାରକୁ ନ ଛାଡିବା ପାଇଁ ଅନୁରୋଧ କରାଯାଇଛି। କୌଣସି ସ୍ଥାନରେ ପାଗଳ କୁକୁରଙ୍କ ସମ୍ପର୍କରେ ସନ୍ଦେହ ସୃଷ୍ଟି ହେଲେ ଯଥାଶୀଘ୍ର ରାଉରକେଲା ମହାନଗର ନିଗମକୁ ସୂଚନା ଦେବା ପାଇଁ ଶ୍ରୀ ଭୋଇ ସହରବାସୀଙ୍କୁ ନିବେଦନ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭୟଙ୍କର ...

ଯେଉଁମାନେ ଭାଇରସ ଆକ୍ରାନ୍ତ ହୋଇଥିବା ଆଶଙ୍କା କରାଯିବ ସେମାନଙ୍କୁ ପ୍ରଥମ ଶ୍ରେଣୀରେ ରଖାଯିବ ଏବଂ ସିଧାସଳଖ ବିଏଚ୍‌ଡିଏସ୍ (ବେସ୍ ହସ୍ପିଟାଲ ଦିଲ୍ଲୀ କ୍ୟାଣ୍ଟନମେଣ୍ଟ)କୁ ପଠାଯିବ। ଦ୍ୱିତୀୟ ଶ୍ରେଣୀରେ ଯେଉଁ ମାନଙ୍କଠାରେ ଭାଇରସର କିଛି ଲକ୍ଷଣ ଦେଖାଯାଉ ନଥିବ କିନ୍ତୁ ସେମାନେ ଉହାନ୍‌ର ସିଫୁଡ୍ ଏବଂ ଏନିମଲ ମାର୍କେଟ୍ ଯାଇଥିବେ ଓ ଗତ ୧୪ଦିନ ମଧରେ ଚୀନ୍‌ରେ ଭାଇରସ ଲକ୍ଷଣ ଦେଖାଦେଇଥିବା ଲୋକଙ୍କ ସହ ମିଶିଥିବେ ସେମାନଙ୍କୁ ସିଧାସଳଖ ସ୍ୱତନ୍ତ୍ର ବ୍ୟବସ୍ଥାରେ ରଖାଯିବ। ତୃତୀୟ ଶ୍ରେଣୀରେ ଭାଇରସ ଲକ୍ଷଣ ଦେଖା ଦେଇନଥିଲେ ମଧ କୌଣସି ଭାଇରସ ଆକ୍ରାନ୍ତ ଲୋକଙ୍କ ସହ ମିଶି ନଥିବା ଭାରତୀୟଙ୍କୁ ମଧ ସିଧାସଳଖ ସେନା ଦ୍ୱାରା ହୋଇଥିବା ସ୍ୱତନ୍ତ୍ର ବ୍ୟବସ୍ଥାକୁ ପଠାଯିବ। ଯେଉଁମାନେ ସ୍ୱତନ୍ତ୍ର ବ୍ୟବସ୍ଥାରେ ରହିବେ ସେମାନେ ୩ ସ୍ତରୀୟ ମାସ୍କ ପିନ୍ଧିବେ ଏବଂ ସେମାନଙ୍କର ନିୟମିତ ମେଡିକାଲ ପରୀକ୍ଷା କରାଯିବ। ସେହିପରି ଆଇଟିବିପି ଦ୍ୱାରା ମଧ ଦକ୍ଷିଣ ପଶ୍ଚିମ ଦିଲ୍ଲୀରେ ଏକ ୬ଶହ ବେଡ୍ ବିଶିଷ୍ଟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଉହାନରୁ ଫେରୁଥିବା ମହିଳା ଏବଂ ଶିଶୁମାନଙ୍କୁ ମଧ ସ୍ୱତନ୍ତ୍ର ବ୍ୟବସ୍ଥାରେ ରଖାଯିବ। ତେବେ ବିଶେଷ ସୂଚନା ଅନୁଯାୟୀ ହଂକଂ ବିଶ୍ୱବିଦ୍ୟାଳୟ ବିଶେଷଜ୍ଞମାନେ କହିଛନ୍ତି ଯେ, ସେମାନେ ଏହି ଭାଇରସ ନିରାକରଣ ପାଇଁ ଇଞ୍ଜେକ୍ସନ ଆରମ୍ଭ କରିସାରିଛନ୍ତି।

କରୋନା ଭୟ ସାରା ଦେଶରେ ଲାଗି ରହିଥିବା ବେଳେ ଓଡ଼ିଶାରେ ଏହି ରୋଗ ସଂକ୍ରମଣ ନେଇ ବିଶେଷ କିଛି ଆତଙ୍କର କାରଣ ନଥିଲେ ମଧ ଜାନୁଆରୀ ୧୫ ତାରିଖ ପରେ ସଂକ୍ରମିତ ଦେଶରୁ ଆସିଥିବା ଲୋକମାନଙ୍କୁ ନଜରରେ ରଖାଯାଇଛି। କନ୍ଧମାଳ ବାସିନ୍ଦା ଚୀନ୍ ଫେରନ୍ତା ଜଣେ ଡାକ୍ତରୀ ଛାତ୍ର ୨/୩ଦିନ ଅସୁସ୍ଥ ରହିବା ପରେ ଏବେ ତାଙ୍କୁ ଏସ୍‌ସିବିରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ତାଙ୍କର କାଶ, କଫ କମୁନଥିବାରୁ ସେ ନିଜେ କରୋନା ଭାଇରସ ଆକ୍ରାନ୍ତ ହୋଇଥାଇ ପାରନ୍ତି ବୋଲି ସନ୍ଦେହ କରି ଡାକ୍ତରୀ ପରାମର୍ଶ ଲୋଡିଛନ୍ତି।

### ସିଏଏ ...

ଭାରତ ଆସିବେ, ତା'ହେଲେ ସେମାନଙ୍କୁ ଦେଶର ନାଗରିକତା ଦିଆଯିବ। ଆମେ ବାପୁଙ୍କ ନିଷ୍ପତ୍ତି ଓ କଥାକୁ ସମ୍ମାନ ଦେବା ଦରକାର। ବାପୁଙ୍କ ସ୍ୱପ୍ନକୁ ସାକାର କରିବା ପାର୍ଇ ସଂସଦ ସିଏ, ପାରିତ କରିଛି। ଏଥିପାଇଁ ମୁଁ ବହୁତ ଖୁସି। ନୂଆ ଭାରତ ଗଠନ ପାଇଁ ଲୋକମାନେ ମୋ ସରକାରଙ୍କୁ ଜନାଦେଶ ଦେଇଛନ୍ତି। ଏବେ ସରକାର ସେହି ଦିଗରେ କାର୍ଯ୍ୟ କରୁଛନ୍ତି। ମୋ ସରକାର ସର୍ବଦା ଆପୋଷ ବୁଝାମଣା ଓ ଗଠନମୂଳକ ବିତର୍କକୁ ଗୁରୁତ୍ୱ ଦେଇ ଆସିଛନ୍ତି। ଏହାଦ୍ୱାରା ଗଣତନ୍ତ୍ର ଅଧିକ ସୁଦୃଢ଼ ହୋଇପାରିଛି। ତେବେ ବିକ୍ଷୋଭ ନାଁରେ ହିଂସା ସୃଷ୍ଟି କରିବା ସମାଜ ଓ ଦେଶକୁ ଦୁର୍ବଳ କରିଥାଏ। ଧାରା ୩୭୦ ଓ ୩୫-ଏର ଉଚ୍ଛେଦ ନିଷ୍ପତ୍ତି ସଂସଦରେ ପାରିତ ହୋଇଛି। ଏହା କେବଳ ଏକ ଐତିହାସିକ ନିଷ୍ପତ୍ତି ନୁହେଁ ବରଂ ଏହାଦ୍ୱାରା ଜାମ୍ମୁ-କାଶ୍ମୀର ଓ ଲଦାଖର ବିକାଶ ହୋଇପାରିବ। ରାମ ଜନ୍ମଭୂମି ଉପରେ ସୁପ୍ରିମ୍‌କୋର୍ଟ ଦେଇଥିବା ରାୟକୁ ଦେଶବାସୀ ବେଶ ସକରାତ୍ମକ ଭାବେ ଗ୍ରହଣ କରିଛନ୍ତି। ପାକିସ୍ତାନରେ ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ମୁଁ ନିନ୍ଦା କରୁଛି। ପାକିସ୍ତାନର ଏହି ଅତ୍ୟାଚାର ପ୍ରତି ବିଶ୍ୱ ସମୁଦାୟ ଦୃଷ୍ଟି ଦେବା ଦରକାର। ଅର୍ଥନୀତି ଓ ଅନ୍ୟାନ୍ୟ ପ୍ରସଙ୍ଗରେ ମତଦେଇ ରାଷ୍ଟ୍ରପତି କହିଛନ୍ତି, ଭାରତର ଅର୍ଥନୀତିକୁ ୫ ଟ୍ରିଲିୟନ୍ କରିବାକୁ ମୋ ସରକାର କାର୍ଯ୍ୟ କରିଆସୁଛି। ଏଥିପାର୍ଇ ସରକାର ବିଭିନ୍ନ ଷ୍ଟକ୍ ହୋଲ୍‌ଡରଙ୍କ ସହ ଆଲୋନା କରୁଛନ୍ତି। ବର୍ତ୍ତମାନ ବିଶ୍ୱର ଅର୍ଥନୀତି ହ୍ରାସ ପାଉଥିଲେ ହେଁ ତା' ତୁଳନାରେ ଆମ ଦେଶର ଅର୍ଥନୀତି ଉପରକୁ ଉଠିଛି। ଏପରିକି ଏଫ୍‌ଡିଆଇ ପରିମାଣ ମଧ ବୃଦ୍ଧି ପାଇଛି। ଖୁବ୍‌ଶୀଘ୍ର ଦେଶରେ ୱାନ ନେଶନ ଓ ୱାନ ରେସନ କାର୍ଡ ମଧ ଲାଗୁ ହେବ। ସରକାର ବିକାଶ କ୍ଷେତ୍ରରେ ଦେଶକୁ ଆଗେଇ ନେଉଛନ୍ତି। ସବକା ସାଥ, ସବକା ବିକାଶ ମନ୍ତ୍ରରେ ସରକାର କାର୍ଯ୍ୟ କରୁଛନ୍ତି। ସରକାର ଆକାଂକ୍ଷା ଜିଲ୍ଲା ଚୟନ କରି ତା'ର ବିକାଶ ପାଇଁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେଉଛନ୍ତି। ନର୍ଥଇଷ୍ଟର ବିକାଶ ମୋ ସରକାରର ପ୍ରଥମ ଲକ୍ଷ୍ୟ। ମଣିପୁରରେ ସ୍ପୋର୍ଟସ ବିଶ୍ୱବିଦ୍ୟାଳୟ, ଗୌହାଟୀରେ ଏମ୍‌ସ ନିର୍ମାଣ ହୋଇଛି। ତେଣୁ ସରକାର ବିକାଶ ଦିଗରେ ଆଗେଇ ଚାଲିଛନ୍ତି। ରାଷ୍ଟ୍ରପତି ମଧ ତିନି ତଲାକ ଉଚ୍ଛେଦକୁ ନିଜର ଉଦ୍‌ବୋଧନରେ ପ୍ରଶଂସା କରିବା ସହ ଇସ୍ରୋର କାର୍ଯ୍ୟ ଦକ୍ଷତାକୁ ମଧ ସାଧୁବାଦ ଜଣାଇଛନ୍ତି। ଗଗନଯାନ, ଚନ୍ଦ୍ରଯାନ-୩ ଓ ଆଦିତ୍ୟ ମିଶନ ପାଇଁ ଇସ୍ରୋ ଉଦ୍ୟମ କରୁଥିବାରୁ ଏଥିପାଇଁ ରାଷ୍ଟ୍ରପତି କୋବିନ୍ଦ ବୈଜ୍ଞାନିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### 'ଆସାମର ଏକତା ...

ଧାରଣ ଏବଂ ସରକାରୀ ଯୋଜନାରୁ ବୋଡ଼ୋ ଲୋକମାନେ ଯେପରି ସମ୍ପୂର୍ଣ୍ଣ ଲାଭ ପାଇପାରିବେ ସେଥିପ୍ରତି ଆମେ ସ୍ୱତନ୍ତ୍ର ଦୃଷ୍ଟି ଦେବୁ। ବୋଡ଼ୋ ବନ୍ଧୁମାନେ ଶାନ୍ତିର ମାର୍ଗରେ ଆମ ସହିତ ଯୋଡ଼ି ହେଉଛନ୍ତି। ଏହା ସ୍ପଷ୍ଟ ବାର୍ତା ଦେଉଛି ଯେ ହିଂସା ତ୍ୟାଗ କରି ଗଣତନ୍ତ୍ର ଓ ସମ୍ବିଧାନ ଉପରେ ବିଶ୍ୱାସ ରଖିବା ଦ୍ୱାରା ସବୁ ସମସ୍ୟାର ସମାଧାନ ସମ୍ଭବ। ମୁଖ୍ୟଧାରାକୁ ମୁଁ ମୋର ବୋଡ଼ୋ ବନ୍ଧୁମାନଙ୍କୁ ସ୍ୱାଗତ କରୁଛି। ବୋଡ଼ୋ ଅଂଚଳର ବିକାଶ ପ୍ରତି ଆମେ ପ୍ରତିବଦ୍ଧ। ୫ ଦଶନ୍ଧି ପୁରୁଣା ବୋଡ଼ୋ ସମସ୍ୟା ଆଜି ପୂଜ୍ୟ ବାପୁଙ୍କ ଜୟନ୍ତୀରେ ସମାଧାନ ହୋଇପାରିଛି। ବୋଡ଼ୋ ସମୁଦାୟ ଏବଂ ସରକାରଙ୍କ ମଧରେ ସ୍ୱାକ୍ଷରିତ ବୁଝାମଣା ଆସାମର ଏକତା ଓ ଅଖଣ୍ଡତାକୁ ସୁଦୃଢ଼ କରିବ। ହିଂସା ତ୍ୟାଗ କରିବା ଏବଂ ଗଣତନ୍ତ୍ର ଓ ସମ୍ବିଧାନ ଉପରେ ଭରସା ରଖିଥିବାରୁ ମୁଁ ମୋର ବୋଡ଼ୋ ବନ୍ଧୁମାନଙ୍କୁ ସ୍ୱାଗତ କରୁଛି। ବୋଡ଼ୋ ବନ୍ଧୁମାନଙ୍କ ସହିତ ଏହି ରାଜିନାମା ଆସାମ ଓ ଦେଶର ଅନ୍ୟ ହିଂସାପୀଡ଼ିତ କ୍ଷେତ୍ର ଆଡ଼କୁ ଏକ ଭଲ ବାର୍ତା ଦେଉଛି। ହିଂସା ଓ ଭୟମୁକ୍ତ ପରିବେଶରେ ହିଁ ଦେଶର ବିକାଶ ତ୍ୱରାନ୍ୱିତ ହୋଇପାରିବ। ମୁଁ ଖୁସି ଯେ ବୋଡ଼ୋ ବନ୍ଧୁମାନଙ୍କର ସମସ୍ତ ଶକ୍ତି ଦ୍ୱାରା ଆସାମର ବିକାଶ ଆହୁରି ସୁଦୃଢ଼ ହୋଇପାରିବ। ଆସାମର ଅନ୍ୟ ସମୁଦାୟଙ୍କ ହିତକୁ ସୁରକ୍ଷିତ ରଖାଯାଇ ବୋଡ଼ୋ ବନ୍ଧୁମାନଙ୍କ ସହିତ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଛି। ଏହା ଆମ ସମସ୍ତଙ୍କ ପାଇଁ ଏକ ବିଜୟ, ଏହା ମାନବତାର ବିଜୟ। ଏହା 'ସବକା ସାଥ, ସବକା ବିକାଶ ଓ ସବକା ବିଶ୍ୱାସ'ର ମନ୍ତ୍ର ଏବଂ 'ଏକ ଭାରତ-ଶ୍ରେଷ୍ଠ ଭାରତ' ଭାବନା ଦ୍ୱାରା ଅନୁପ୍ରାଣିତ।

### ମୋ ସରକାର ..

ସଦସ୍ୟା ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କର ପ୍ରତିବଦ୍ଧତା ଓ କ୍ରିୟଶୀଳତା ସଂପର୍କରେ ଅବତାରଣା କରି ମୁଖ୍ୟମନ୍ତ୍ରୀଙ୍କୁ ବିକାଶ ପୁରୁଷ ଭାବେ ଅଭିହିତ କରିଥିଲେ। କୃଷି ଓ କୃଷକର ଉନ୍ନତି, ମହିଳାମାନଙ୍କର ଉନ୍ନତି, ପାଇପ ଯୋଗେ ଜଳଯୋଗାଣ, ବସ୍ତିବାସିନ୍ଦାଙ୍କ କଲ୍ୟାଣ ତଥା ସମାଜର ପ୍ରତି ବର୍ଗ ପାଇଁ କଲ୍ୟାଣ କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀ ସମଗ୍ର ଭାରତରେ ଆଦର୍ଶ ପାଲଟିଛନ୍ତି ବୋଲି କହିଥିଲେ। ଏତଦ୍‌ବ୍ୟତୀତ ବୈତରଣୀ ନଦୀରେ ବ୍ୟାରେଜ ନିର୍ମାଣ ଫଳରେ ଚାଷୀମାନେ ଉପକୃତ ହୋଇପାରିବେ ବୋଲି କହିଥିଲେ। ଏହି ସମାରୋହରେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର ଉପସ୍ଥିତ ଥିଲେ। ବିଏନ୍ ହାଇସ୍କୁଲ ପ୍ଲାଟିନମ ଜୁବୁଲି ସମାରୋହରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସେ ଏହି ସମାରୋହରେ ଯୋଗ ଦେଇଥିବାରୁ ଅତ୍ୟନ୍ତ ଖୁସି। ଏହି ଅବସରରେ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ତଥା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଛାତ୍ର ଜୀବନ ଜୀବନର ସର୍ବଶ୍ରେଷ୍ଠ ସମୟ। ଏଣୁ ଛାତ୍ରଛାତ୍ରୀମାନେ ଏହାର ଭରପୁର ସୁଯୋଗ ନେବା ଉଚିତ। ପିଲାମାନେ ଭଲ ପାଠ ପଢ଼ନ୍ତୁ। ପାଠପଢ଼ା ସହିତ କ୍ରୀଡା, ନୃତ୍ୟ ଇତ୍ୟାଦି କ୍ଷେତ୍ରରେ ସକ୍ରିୟ ଅଂଶଗ୍ରହଣ କରି ଉତ୍କର୍ଷତା ପ୍ରତିପାଦନ କରନ୍ତୁ। ଏହା ହେଲେ ପରିବାରର ସୁନାମ ବଢ଼ିବ। ସ୍କୁଲର ଗୌରବ ମଧ୍ୟ ବର୍ଦ୍ଧନ ହେବ। ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟର ବିଦ୍ୟାଳୟମାନଙ୍କୁ ପର୍ଯ୍ୟାୟକ୍ରମେ ଉତ୍କର୍ଷତା କେନ୍ଦ୍ର ଭାବେ ବିକାଶ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ପ୍ଲାଟିନମ ଜୁବୁଲି ସମାରୋହରେ ଜୁବୁଲି ପାଳନ କମିଟିର ଅଧ୍ୟକ୍ଷ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଇଂ ଶ୍ରୀଧର ବେହେରା ସଭାପତିତ୍ୱ କରିଥିବା ବେଳେ ସାଧାରଣ ସଂପାଦକ ମହେଶ୍ୱର ସାହୁ, ଉପସଭାପତି ଅବସରପ୍ରାପ୍ତ ଅଧକ୍ଷ ରମାକାନ୍ତ ନାୟକ ଯୋଗ ଦେଇଥିଲେ। ଶିକ୍ଷାବିତ କୀର୍ତ୍ତନ ସାହୁ ମଞ୍ଚ ପରିଚାଳନା ଓ ସଂଯୋଜନା କରିଥିଲେ।

### ପାଣି ପଞ୍ଚାୟତଗୁଡିକ ...

ପ୍ରକାଶ କରିଥିଲେ। ଆହୁରି ମଧ୍ୟ ରାଜ୍ୟ ସରକାରଙ୍କ ମୋ- ସରକାର ମନ୍ତ୍ରକୁ ଗୁରୁତ୍ୱ ଦେଇ ସରକାରୀ ଅଧିକାରୀ ଓ ଯନ୍ତ୍ରୀମାନେ କୃଷକମାନଙ୍କ ସହିତ ସେମାନଙ୍କ ସମସ୍ୟା ସମାଧାନ ଦିଗରେ ସେବା ମନୋଭାବ ରଖି ବ୍ୟବହାରିକ ଆଚରଣ ଓ ଉଚ୍ଚାରଣ ପ୍ରତି ଯତ୍ନବାନ ହେଲେ କୃଷକଙ୍କୁ ଉପଯୁକ୍ତ ସମ୍ମାନ ମିଳିବା ସହିତ କୃଷିର ଉନ୍ନତି ସାଧିତ ହେବ ବୋଲି ସଚିବ କହିଥିଲେ। ସମ୍ମାନିତ ଅତିଥି ଭାବେ ଓୟୁଏଟିର କୁଳପତି ଡଃ. ପଓ୍ୱନ କୁମାର ଅଗ୍ରୱାଲ ଯୋଗଦେଇ କହିଲେ ଯେ, ପାଣି ପଂଚାୟତ ଜରିଆରେ ଜଳର ସୁବିନିଯୋଗ କରି କୃଷି ଉତ୍ପାଦନ ବୃଦ୍ଧି କରିବା ସରକାର ଓ କୃଷକମାନଙ୍କର ବିଜ୍ଞତାର ପରିପ୍ରକାଶ। ପ୍ରକୃତିକୁ କମ୍ କ୍ଷତି ପହଁଚାଇ କମ୍ ପାଣି ବ୍ୟବହାର କରି କିପରି ଅଧିକ ଫସଲ ଅମଳ କରାଯାଇପାରିବ ସେ ସମ୍ପର୍କରେ କୁଳପତି ଡଃ ଅଗ୍ରୱାଲ ବିଭିନ୍ନ ଉଦାହରଣ ଦେଇଥିଲେ। କମ୍ ଜଳ ଆବଶ୍ୟକ ହେଉଥିବା ଅର୍ଥକରୀ ଓ ଅଧିକ ଉତ୍ପାଦନକ୍ଷମ ଶଙ୍କର ଜାତୀୟ ମକା ଚାଷ, ଆମ୍ବ ଚାଷ ଉପରେ ପାଣି ପଂଚାୟତଗୁଡିକ ଆପଣେଇବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଜଳ ସଂପଦ ବିଭାଗ ଅତିରିକ୍ତ ସଚିବ ଡଃ କମଳ ଲୋଚନ ମିଶ୍ର ଯୋଗଦେଇ ପାଣି ପଞ୍ଚାୟତଗୁଡିକ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ସେସବୁର ସମାଧାନ ଦିଗରେ ମତ ରଖିଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଉପଲକ୍ଷେ ଅନୁଷ୍ଠିତ ବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ, ଶ୍ରେଷ୍ଠ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ, ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ୩୦ଟି ପାଣି ପଞ୍ଚାୟତ, ପ୍ରତ୍ୟେକ ଜିଲ୍ଲାରୁ ଜଣେ ଜଣେ ସଫଳ କୃଷକ ଏବଂ ପ୍ରକଳ୍ପ କାର୍ଯ୍ୟକାରିତାରେ ଉଲ୍ଲେଖନୀୟ ଯୋଗଦାନ ରହିଥିବା ଅଧିକାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କଳାହାଣ୍ଡି ଜିଲ୍ଲା ଚହକା ପାଣି ପଞ୍ଚାୟତକୁ ଶ୍ରେଷ୍ଠ ପାଣି ପଞ୍ଚାୟତ ଭାବେ ପୁରସ୍କୃତ କରାଯାଇଥିଲା। ଇଂ. ଧିରେନ୍ଦ୍ର କୁମାର ନାୟକ, ସହକାରୀ ଯନ୍ତ୍ରୀ,ଧର୍ମଗଡ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ଚହକା ପାଣି ପଞ୍ଚାୟତ ସମ୍ପାଦକ ଶରତ ଭୋଇ ଏବଂ କଳାହାଣ୍ଡି ଜିଲ୍ଲା ପାଣି ପଞ୍ଚାୟତ କର୍ମକର୍ତ୍ତା କ୍ଷେତ୍ର ସେନାପତି ଉପସ୍ଥିତ ଥିଲେ। ଅନୁଷ୍ଠିତ ଉତ୍ସବରେ ଅବନୀ କୁମାର ମିଶ୍ର ସଂଯୋଜନା କରିଥିବା ବେଳେ ଲାଲା ମନୋଜ କୁମାର ରାୟ, ଦୀପକ କୁମାର ମହାନ୍ତି ଏବଂ ଜଳ ସଂପଦ ବିଭାଗର ସମସ୍ତ ଯନ୍ତ୍ରୀ ଓ ଅଧିକାରୀ. ଓୟୁଏଟିର ପଦାଧିକାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସହ ଜଳସଂପଦ ବିଭାଗ ଯୋଜନା ଓ ନକ୍ସାଙ୍କନ ମୁଖ୍ୟ ଯନ୍ତ୍ରୀ ରବି ନାରାୟଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ ମହାତ୍ମା ଗାନ୍ଧି



**ଅକ୍ଷୟ କୁମାର ରାଉତ**



ପୂଣ୍ୟ ଭୂମି ଭାରତ। ଏଠାରେ ଅନେକଧର୍ମ, ସମ୍ପ୍ରଦାୟ, ଜାତି,ବର୍ଣ୍ଣ ଓ ବିଭିନ୍ନ ଭାଷାର ଲୋକ ବସବାସ କରନ୍ତି। ଏହି ପବିତ୍ର ଭୂମିରେ ଯେଉଁ କେତୋଟି ଉଜ୍ଜଳ ଜ୍ୟୋତିଷ୍କ ଉଦ୍‌ଭାସିତ ହୋଇ ସମଗ୍ର ବିଶ୍ୱକୁ ଦେଖାଇଥିଲେ ସତ୍ୟ, ଶାନ୍ତି,ଦୟା,କ୍ଷମା,ତ୍ୟାଗ ଓ ଅହିଂସାର ପଥ। ସେମାନଙ୍କ ମଧ୍ୟରୁ ସତ୍ୟ ଓ ଅହିଂସାର ପୂଜାରୀ, ଦୀନ ଦୁର୍ବଳର ବନ୍ଧୁ, ସ୍ୱାଧୀନ ଭାରତର ସ୍ରଷ୍ଟା, ଜାତିର ଜନକ, ଯୁଗ ମାନବ ମହାତ୍ମାଗାନ୍ଧି ୧୮୬୯ ଖ୍ରୀଷ୍ଟାବ୍ଦ, ଅକ୍ଟୋବର ଦୁଇ ତାରିଖରେ ଗୁଜୁରାଟର ପୋରବନ୍ଦର ଠାରେ ଏକ ବୈଶ୍ୟ ବଣିକ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ଜନ୍ମ ସମୟରେ ମହାତ୍ମା ଗାନ୍ଧିଙ୍କର ନାମ ଥିଲା 'ମୋହନ ଦାସ କରମଚାନ୍ଦ ଗାନ୍ଧି'। ପିତା କରମଚାନ୍ଦ(କାବା) ଗାନ୍ଧି ଓ ମାଆଙ୍କର ନାମ ଥିଲା ପୁତ୍‌ଲୀବାଇ। କାବା ଗାନ୍ଧୀଙ୍କର ତିନୋଟି ସ୍ତ୍ରୀ ମରିଯିବା ପରେ ପୁତ୍‌ଲୀବାଇ ଥିଲେ ଚତୁର୍ଥ ସ୍ତ୍ରୀ ପୁତ୍‌ଲୀବାଇଙ୍କର ଚାରୋଟି ସନ୍ତାନ ମଧ୍ୟରୁ ମୋହନ ଥିଲେ ସବାସାନ । କାବା ଗାନ୍ଧି ଥିଲେ ସାଧୁ ଓ ନୀତିନିଷ୍ଠ। ପୁତ୍‌ଲୀବାଇ ଥିଲେ ଧର୍ମ ପରାୟଣା, ସ୍ନେହ ବତ୍ସଳା, ତ୍ୟାଗମୟୀ ମାତା। ପିତାମାତାଙ୍କର ଏହି ସବୁ ସଦ୍‌ଗୁଣ ବଳି ଦ୍ୱାରା ମୋହନଦାସ ପ୍ରଭାବିତ ହୋଇଥିଲେ। ସମୟ କ୍ରମେ ମୋହନଦାସ ହେଲେ ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ। ସତ, ଅହିଂସା ମହାମନ୍ତ୍ରରେ କାଶ୍ମୀର ଠାରୁ କୁମାରୀକାଯାଏ ଭାରତୀୟମାନଙ୍କୁ ଏକତ୍ରୀତ କରିପାରିଥିଲେ।

ଗାନ୍ଧିଜୀଙ୍କ ବଂଶ ବିଭିନ୍ନ ରାଜ୍ୟରେ ଦେୱାନ ଭାବରେ କାମ କରୁଥିଲେ। ମୋହନ ଦାସ ପ୍ରଥମ ଲୁଲିଆ ମାଷ୍ଟ୍ରଙ୍କ ଚାଟଶାଳିରେ ପାଠ ପଢା ଆରମ୍ଭ କଲେ। ତାପରେ ବ୍ରାଂଚ ସ୍କୁଲରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପଢିଲେ। ୧୮୮୦ ମସିହାରେ ତାଲୁକ ସ୍କୁଲରୁ ପାଶ୍ କରି କାଥିଆ ୱାର୍ଡ଼ ହାଇସ୍କୁଲରେ ପାଠ ପଢିଲେ। ସେ ଭଲ ପାଠ ପଢୁନ ଥିଲେ ମଧ୍ୟ ଉତମ ଚରିତ୍ର ପାଇଁ ଶିକ୍ଷକମାନଙ୍କ ଶୁଭ ଦୃଷ୍ଟିରେ ରହିଥିଲେ। ଏକଦା ଇନିସ୍ପେକ୍ଟର ସ୍କୁଲ ପରିଦର୍ଶନରେ ଆସିଥିଲେ। ପ୍ରଧାନ ଶିକ୍ଷକ ଗାନ୍ଧିଙ୍କୁ ପାଖ ପିଲାଠାରୁ ଠିକ୍ ଉତର ଲେଖିବା ପାଇଁ ଯେତେ ଠାରିଲେ ମଧ୍ୟ ଗାନ୍ଧି କପି କରିନଥିଲେ। କାରଣ ତାଙ୍କ ଉପରେ ଶ୍ରବଣ କୁମାର ଓ ହରିଶ୍ଚନ୍ଦ୍ରଙ୍କର ନିଷ୍ଠା, ତ୍ୟାଗ, ସତ୍ୟର ପ୍ରଭାବ ପଡ଼ିଥିଲା। ପିଲା ସମୟରେ ସେ ସାଙ୍ଗମାନଙ୍କ ସାଙ୍ଗରେ ପଡ଼ି ବିଡ଼ି ଟାଣିବା ଅଭ୍ୟାସ ପ୍ରତିଜ୍ଞା ବଳରେ ଛାଡ଼ି ପାରିଥିଲେ। ପରବର୍ତୀ ସମୟରେ ନିଶାମୁକ୍ତ ସୁସ୍ଥ ସମାଜ ଗଠନ ପାଇଁ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ। ମୁସଲମାନ ସାଙ୍ଗ ପରୋଚନାରେ ଥରେ ମାଂସ ଖାଇଥିଲେ। ମାତ୍ର ମୋହନ ଜୀବନରେ ଆଉ କେବେ ଆମିଷ ଛୁଇଁ ନଥିଲେ। ମୋହନଙ୍କର ଠିକ୍ ସାତବର୍ଷ ବେଳେ କସ୍ତୁରୀବାଇଙ୍କ ସହିତ ନିର୍ବନ୍ଧ ଓ ତେର ବର୍ଷ ବୟସରେ ବିବାହ ହୋଇଥିଲା। ପରଅବସ୍ଥାରେ ସେ ବାଲ୍ୟ ବିବାହ ସମାଜରୁ ଉଠାଇବାକୁ ଅନେକ ଉଦ୍ୟମ କରିଥିଲେ।

ଛୋଟ ବେଳରୁ ମୋହନ ଖୁବ ଡ଼ରକୁଳା ଥିଲେ। ଭୂତପ୍ରେତ, ଚୋର, ଡ଼କାୟତ ଓ ଅନ୍ଧାରକୁ ବହୁତ ଭୟ କରୁଥିଲେ। ରାମନାମ ଜପକଲେ ସବୁ ଭୟ ଭ୍ରାନ୍ତି ଓ ସଙ୍କଟ ଦୂର ହୋଇଯାଏ ବୋଲି ଧାଇ ମା ରମ୍ଭା ଠାରୁ ସେ ଶିକ୍ଷା କରିଥିଲେ। ସେହି ଦିନ ଠାରୁ ସେ ରାମାୟଣ ଶୁଣିବାକୁ, ରାମ ନାମ ଜପ କରିବାକୁ ଭଲ ପାଉଥିଲେ। ପିତାଙ୍କର ମୃତ୍ୟୁ ପରେ ମୋହନ ବାପ ଛେଉଣ୍ଡ ହୋଇଗଲେ। ତାଙ୍କର କାମ ଓ ଆଚରଣରେ ବହୁତ ପରିବର୍ତନ ଘଟିଲା। ମନଲଗାଇ ପାଠ ପଢି ୧୮୮୭ ମସିହାରେ ବମ୍ବେ ବିଶ୍ୱ ବିଦ୍ୟାଳୟରୁ ମାଟ୍ରିକ ପାସ୍ କରି ବୃତି ପାଇଲେ। ଭାବନଗରସ୍ଥ ସାମଲ ଦାସ କଲେଜରେ ନାମ ଲେଖାଇଲେ। ସେଠାରେ ସେ ଇଂରାଜୀରେ ପାଠ ପଢିବାକୁ ଭୟକଲେ। ପାଠପଢି ପାସ୍ କଲେ ମଧ୍ୟ ଚାକିରି ମିଳି ବା କଷ୍ଟ ତେଣୁ ସେ ଲଣ୍ଡନ ଯାଇ ତିନି ବର୍ଷରେ ବାରିଷ୍ଟରୀ ପାସ୍ କରିଆସିଲେ ଭଲ ଦି ପଇସା ରୋଜଗାର କରିପାରିବେ। ଗାନ୍ଧି ପରିବାରର ଜଣେ ଦିଜଣ ବନ୍ଧୁଙ୍କର ପୁଅ ଲଣ୍ଡନରେ ପଢୁଥାନ୍ତି। ତେଣୁ ଗାନ୍ଧି ଲଣ୍ଡନ ରେ ରହି ପାଠ ପଢିବା ପାଇଁ ମନ ବଳାଇଲେ। ପୁଅର ଲଣ୍ଡନ ଯିବାକଥାଟା ମା ମନକୁ ପାଇଲା ନାହିଁ। ପରିଶେଷରେ ମାଆ ଗାନ୍ଧିଙ୍କୁ ମୁଣ୍ଡ ଛୁଆଁ ଶପଥ କରାଇନେଲେ, ତିନୋଟି କଥା ରକ୍ଷା କରିବା ପାଇଁ , ମଦ ପିଇବୁ ନାହିଁ, ମାଛ ମାଂସ ଖାଇବୁ ନାହିଁ, କୌଣସି ସ୍ତ୍ରୀ ଓ ଝିଅକୁ ଛୁଇଁ ବୁ ନାହିଁ।

ମୋହନ ୧୮୮୮ ମସିହା ସେପ୍ଟେମ୍ବର ମାସ ୪ ତାରିଖରେ ସ୍ତ୍ରୀ କସ୍ତୁରବା ଓ ପୁଅ ହରିଲାଲଙ୍କୁ ଛାଡ଼ି ବମ୍ବେ ବନ୍ଦରରୁ ଜାହାଜରେ ଲଣ୍ଡନ ଯାତ୍ରା କଲେ। ଦୀର୍ଘ ପଚିଶ ଦିନର ଯାତ୍ରା ପରେ ମୋହନ ଲଣ୍ଡନରେ ପହଂଚିଲେ। ଭିକ୍ଟୋରିଆ ହୋଟେଲରେ ତିନି ଦିନ ରହିବା ପରେ , ମୋହନ ଜଣେ ଭଦ୍ର ମହିଳାଙ୍କ ଘରେ ରହିଲେ। ସେ ଇଂରାଜୀରେ ଦୁର୍ବଳ ଥିବାରୁ ଶିକ୍ଷକଙ୍କ ଠାରୁ ଇଂରାଜୀ ଓ ଫରାସୀ ଶିକ୍ଷା କଲେ। ମନୋରଞ୍ଜନ ପାଇଁ ଭାୟୋଲିନ ତାଲିମ ନେଲେ। ସେଠାରେ ଆଉଥରେ ମାଟ୍ରିକ ପରୀକ୍ଷା ଦେଇ ପାଶ୍ କଲେ। ଲାଟିନ୍ ମଧ୍ୟ ଶିଖି ପାରିଲେ। ତାଙ୍କର ଘର କଥା ମନେପଡ଼ିବାରୁ ସେ ସାହେବୀ ଢଙ୍ଗ ଛାଡ଼ି ଖାଣ୍ଟି ଭାରତୀୟ ହୋଇଗଲେ। ନିଜ ଧର୍ମ ସହିତ ଅନ୍ୟ ଧର୍ମକୁ ମଧ୍ୟ ସମାନ ଦୃଷ୍ଟିରେ ଦେଖୁଥିଲେ। ୧୮୯୧ ମସିହାରେ ମେ ମାସରେ ବାରିଷ୍ଟରୀ ପାଶ୍ କରି ଜୁନ୍ ମାସରେ ବାରିଷ୍ଟରୀ ଅନୁମତି ପତ୍ର ହାସଲ କରି ଜନ୍ମ ମାଟିକୁ ଫେରି ଅସିଲେ। ଜନ୍ମ ମାଟିରେ ପହଂଚିଲା ବେଳକୁ ତାଙ୍କ ମା ଆଉ ଇହଧାମରେ ନଥିଲେ। ସେ ନିଜକୁ ଅନେକ ଧିକ୍‌କାର କଲେ।

ବଡ଼ ଭାଇ ପରିବାର ପ୍ରତି ପୋଷଣ ପାଇଁ ଅନେକ ଧାର କରଜ କରିଥିଲେ। ସେ ସବୁର ପରିଶୋଧ ପାଇଁ ମୋହନ ଆଇନ୍ ବ୍ୟବସାୟ ଆରମ୍ଭ କଲେ। ଆଇନ୍ ବ୍ୟବସାୟରେ ଅସଫଳ ହୋଇ ଶିକ୍ଷକତା ଆରମ୍ଭ କଲେ। ଶିକ୍ଷକତା ପାଇଁ ବିଶ୍ୱ ବିଦ୍ୟାଳୟରେ ଡ଼ିଗ୍ରୀ ନଥିବାରୁ ସେ କିରାଣି ଗିରିକୁ ଆଦରି ନେଲେ। ଅଳ୍ପ ରୋଜଗାରରେ ତାଙ୍କର ଗୁଜୁରାଣ ମେଣ୍ଟି ପାରୁ ନଥିଲା। ଏହି ସମୟରେ କାଥିଆ ୱାର୍ଡ଼ର ଏକ ମୁସଲମାନ ପ୍ରତିଷ୍ଠାନ ଦକ୍ଷିଣ ଆଫ୍ରିକାରେ ବ୍ୟବସାୟ କରୁଥାଏ । ଏହି ପ୍ରତିଷ୍ଠାନର ମାଲିକ ଥିଲେ ମୁର୍ଖ, ତେଣୁ ସେ ଜଣେ ସଚ୍ଚୋଟ ସାଧୁ ଓକିଲାତି ପାଶ୍ କରିଥିବା ବ୍ୟକ୍ତିର ଆବଶ୍ୟକତା ଲୋଡୁଥିଲେ। ମୋହନ ଏହି ପ୍ରତିଷ୍ଠାନରେ ଦକ୍ଷିଣ ଆଫ୍ରିକାରେ ଏକ ବର୍ଷ ପାଇଁ ଯୋଗ ଦେଲେ। ମାତ୍ର ସେଠାରେ ସେ ବହୁ ବର୍ଷ ରହିଗଲେ। ୧୮୯୩ ମସିହାରୁ ଯାଇ ଫେରିଲେ ୧୯୧୪ ମସିହାରେ। ମୋହନ ଦକ୍ଷିଣ ଆଫ୍ରିକାର ନାଟାଲ ପ୍ରଦେଶର ରାଜଧାନୀ ଡ଼ର୍ବାନ ସହରରେ ରହୁଥିଲେ। ଥରେ ମକଦ୍ଦମା କାମରେ ମୋହନ ଟ୍ରାନ୍ ସଭାଲର ରାଜଧାନୀ ପ୍ରିଟୋରିଆ କୁ ପ୍ରଥମ ଶ୍ରେଣୀ ଟିକଟ୍ କାଟି ଡ଼ର୍ବାନରୁ ଟ୍ରେନ ଯାତ୍ରା ଆରମ୍ଭ କଲେ। ମରିସବର୍ଗ ଷ୍ଟେସନରେ ଜଣେ ଗୋରା ସାହେବ ରେଳ କର୍ମଚାରୀ ମାନଙ୍କ ଦ୍ୱାରା ମୋହନଙ୍କୁ ଡ଼ବା ତଳକୁ ଠେଲି ଦେଲେ ଓ ଜିନିଷ ପତ୍ର ପ୍ଲାଟ ଫର୍ମ ଉପରକୁ ଫୋପାଡ଼ି ଦେଲେ। ମରିସ ବର୍ଗ ଷ୍ଟେସନର ବିଶ୍ରାମ ଗୃହର, ଏକ ଶିତରାତ୍ରୀ ମୋହନଙ୍କ ଜୀବନର ଗତିପଥ ବଦଳାଇ ଦେଲା। ଡ଼ରକୁଳା ମୋହନ ଦୁଃସାହସୀ, ନିର୍ଭୀକ, ହୋଇଗଲେ। ସେ ଦଳିତ,ଅବହେଳି, ଅତ୍ୟାଚାରିତ, ସର୍ବ ହରାଙ୍କର ସାଥୀ, ମୁକ୍ତିଦାତା, ରକ୍ଷାକର୍ତା, ଭାଗ୍ୟବିଧାତା ହୋଇ କଳା ଲୋକମାନଙ୍କ ପାଇଁ ଲଢେଇ ଆରମ୍ଭ କରି ଦେଲେ। ବ୍ୟବସାୟୀ ଅବଦୁଲ୍ଲାଙ୍କ ସାହାଯ୍ୟରେ ଭାରତୀୟମାନଙ୍କୁ

ଏକତ୍ରୀତ କଲେ। ରେଳ ବିଭାଗରେ ମୋହନଙ୍କ ଯୋଗୁ କଳା ଲୋକମାନେ ପ୍ରଥମ ଶ୍ରେଣୀରେ ଯାତାୟତ କଲେ। ଭାରତରେ ଜାତୀୟ କଂଗ୍ରେସ ଗଠନକୁ ଦେଖି, ମୋହନ ନାଟାଲ ଠାରେ ନାଟାଲ କଂଗ୍ରସ ଗଠନ କଲେ। ନାଟାଲ କଂଗ୍ରେସ ମାଧ୍ୟମରେ ଭାରତୀୟ ମାନଙ୍କ ଦାବି ନାଟାଲ ସରକାରଙ୍କୁ ଜଣାଇଲେ।

ଭାରତରୁ ଯେଉଁ ଶ୍ରମିକମାନେ ପାଂଚ ବର୍ଷ ଚୁକ୍ତି ଭିତିରେ ଦକ୍ଷିଣ ଆଫ୍ରିକାର ନାଟାଲ ଅଂଚଳକୁ ଯାଉଥିଲେ। ପାଂଚ ବର୍ଷିଆ ଚୁକ୍ତି ଶେଷପରେ ସେଠାରେ ରହିବାକୁ ହେଲେ ଜଣକୁ ବର୍ଷକୁ ପଚିଶ ପାଉଣ୍ଡ କରଦେବାକୁ ପଡୁଥିଲା। ତେଣୁ ସେମାନେ ସାହେବଙ୍କର ଦାସ ପାଲଟିବାକୁ ବାଧହେଉଥିଲେ। ଦକ୍ଷିଣ ଆଫ୍ରିକାର କଳା ଗୋରା ମାନଙ୍କ ମଧ୍ୟରେ ଥିବା ବର୍ଣ୍ଣ ବୈଷମ୍ୟ ଓ ଶ୍ରମିକ ଶୋଷଣ ବାଦକୁ ଦୂରେଇବା ପାଇଁ ଗାନ୍ଧିଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଛି। ଦକ୍ଷିଣ ଆଫ୍ରିକାରେ ଗାନ୍ଧି ଶ୍ରମିକମାନଙ୍କର ତ୍ରାଣ କର୍ତା ପାଲଟି ଯାଇଥିଲେ। ଶେଷରେ ଗାନ୍ଧିଙ୍କ ନାଟାଲ କଂଗ୍ରେସ ପାଖରେ ନାଟାଲସରକାର ମୁଣ୍ଡ ନୂଆଁଇଲେ।

୧୮୯୬ ମସିହାରେ ଗାନ୍ଧି ଭାରତକୁ ଫେରିଆସି ଦକ୍ଷିଣ ଆଫ୍ରିକାରେ ଥିବା ଭାରତୀୟଙ୍କ ଦୁଃଖ ଦୁର୍ଦ୍ଦଶାକୁ ଏକ ପୁସ୍ତକ ମାଧ୍ୟମରେ ଲେଖି ଏହାର ଦଶ ହଜାର କପି ଛାପି ସବୁଆଡ଼କୁ ପଠାଇଲେ। ଲଣ୍ଡନରେ ଇଂରେଜ ସରକାର ଓ ଅଧିକାଂଶ ଭାରତୀୟ ଜାଣିଲେ। ଗାନ୍ଧିଙ୍କ ପାଇଁ ସଭା ସମିତି ଚାରିଆଡ଼େ ଆୟୋଜନ ହେଲା। କିନ୍ତୁ କଲିକତାରେ ସଭା କରାଇବା ଆଗରୁ ଦକ୍ଷିଣ ଆଫ୍ରିକାର ଟେଲିଗ୍ରାମ ପାଇଁ ଗାନ୍ଧି, ସ୍ତ୍ରୀ, ଦୁଇପୁଅ ଓ ଜଣେ ଭଣଜାକୁ ଧରି ଅବଦୁଲାଙ୍କ ଜାହାଜରେ ଡ଼ର୍ବାନ ଅଭିମୁଖେ ଯାତ୍ରା କଲେ। ମାତ୍ର ଡ଼ର୍ବାନରେ କିଛି ଖଳପ୍ରକୃତିର ଗୋରା ମାନେ ପ୍ରଚାର କରିଦେଲେ ଯେ ଗାନ୍ଧି ଦୁଇଟି ଜାହାଜରେ ଭାରତୀୟ ଗୁଣ୍ଡା ମାନଙ୍କୁ ଧରି ଇଂରେଜମାନଙ୍କୁ ମାରିବା ପାଇଁ ଆସୁଛନ୍ତି। ଜାହାଜକୁ ବନ୍ଦର ମଧ୍ୟକୁ ପ୍ରବେଶ କରାଇ ଦେଲେ ନାହିଁ। ୨୩ ଦିନପରେ ଇଂରେଜମାନେ ଜାଣିଲେ ଯେ ଜାହାଜରେ କେହି ଗୁଣ୍ଡା ନାହାଁନ୍ତି, ତାପରେ ଅନୁମତି ମିଳିଲା। ଲଫଂଟନ ସାହେବ ଏକ ଗାଡ଼ିରେ କସ୍ତୁରବା ଓ ପିଲାମାନଙ୍କୁ ଜଣେ ବନ୍ଧୁଙ୍କ ଘରକୁ ପଠାଇ ଦେଲେ। ନିଜେ ଓ ଗାନ୍ଧି ଚାଲି ଚାଲି ରାସ୍ତାରେ ବନ୍ଧୁଙ୍କ ଘରକୁ ଯିବା ସମୟରେ କିଛି ଇଂରେଜ ଗୁଣ୍ଡା ଲୋକ ଗାନ୍ଧିଙ୍କୁ ନିର୍ଦ୍ଦୟ ଭାବରେ ପିଟି ଚାଲିଥାନ୍ତି। ସେହି ରାସ୍ତା ଦେଇ ଏସ୍.ପି ଙ୍କ ସ୍ତ୍ରୀ ଯାଉଥିବାରୁ ଗୁଣ୍ଡାମାନେ ଦେଖି ଗାନ୍ଧିଙ୍କୁ ଛାଡ଼ି ପଳାଇଲେ। ପୋଲିସ ଆସି ଗାନ୍ଧିଙ୍କୁ ନେଇ ତାଙ୍କ ବନ୍ଧୁଙ୍କ ଘରେ ଛାଡ଼ି ଦେଇଥିଲେ। ଏହି ଖବର ଲଣ୍ଡନରେ ପହଂଚିଲା। ବ୍ରିଟିଶ ସରକାରଙ୍କ ପାଖରୁ, ନାଟାଲ ସରକାରଙ୍କ ପାଖକୁ ନିର୍ଦ୍ଦେଶ ଆସିଲା। ଦୋଷିମାନଙ୍କୁ କଠୋର ଦଣ୍ଡ ଦିଅନ୍ତୁ। କିନ୍ତୁ ଗାନ୍ଧି ସମସ୍ତଙ୍କୁ କ୍ଷମା କରିଦେଲେ।

ଦକ୍ଷିଣ ଆଫ୍ରିକାରେ ଡ଼ଚ ଓ ଇଂରେଜ ଦୁଇ ପ୍ରତି ଦ୍ୱନ୍ଦୀ ଗୋଷ୍ଠୀ ଶାସନ କରୁଥିଲେ। ଦୁଇ ଗୋଷ୍ଠୀ ମଧ୍ୟରେ ଯୁଦ୍ଧ ଲାଗିଗଲା। ଗାନ୍ଧି ଏକ ଆମ୍ବୁଲାନ୍‌ସ ବାହିନୀ ଗଠନ କରି ଉଭୟ ଆହତ ସୈନ୍ୟମାନଙ୍କର ସେବା କଲେ। ଯୁଦ୍ଧରେ ବୁଅର ବା ଡ଼ଚ ମାନେ ହାରିଗଲେ। ଇଂରେଜ ସରକାର ଗାନ୍ଧିଙ୍କର ସେବା ପାଇଁ ତାଙ୍କୁ ଯୁଦ୍ଧ ପଦକ ପ୍ରଦାନ କଲେ। ୧୯୦୧ ମସିହା ଡ଼ିସେମ୍ବର ମାସରେ ଜାତୀୟ କଂଗ୍ରେସ ତରଫରୁ କଲିକତା ଠାରେ ଏକ ବିରାଟ ସଭା ହେଲା। ଏଥିରେ ଗାନ୍ଧି ଯୋଗ ଦେଲେ। ସେଠାରେ ଭାରତ ସେବକ ସଂଘର ସଭାପତି ଗୋପାଳ କୃଷ୍ଣ ଗୋଖେଲେଙ୍କ ଆଚରଣରେ ମୁଗ୍ଧ ହୋଇ ତାଙ୍କୁ ରାଜନୈତିକ ଗୁରୁ ଭାବରେ ଗ୍ରହଣ କଲେ। ଆଣ୍ଠୁ ଲୁଚୁନଥିବା ଖଦି ବ୍ୟବହାର କରିବା ସଙ୍ଗେ ସଙ୍ଗେ ପ୍ରଥମ ଶ୍ରେଣୀରେ ଯାତ୍ରା ପରିବର୍ତେ ତୃତୀୟ ଶ୍ରେଣୀରେ ଯିବା ଆସିବା କଲେ। ଗାନ୍ଧି ଦକ୍ଷିଣ ଆଫ୍ରିକା ଫେରିଆସିଲେ। ଗାନ୍ଧି ଇଂରେଜ ଯୁବକ ପୋଲାକ୍‌ଙ୍କୁ ନେଇ "ଇଣ୍ଡିଆନ ଓପିନିୟନ" ନାମକ ପତ୍ରକା ପ୍ରକାଶ କଲେ। ଡ଼ର୍ବାନ ଠାରୁ ପନ୍ଦର ମାଇଲ ଦୂରସ୍ଥ ଫିନିକ୍‌ସ ସହରର ଉପକଣ୍ଠରେ ଶହେ ଏକର ପରିମିତ ସ୍ଥାନରେ ଏକ ଆଶ୍ରମ ପ୍ରତିଷ୍ଠା କଲେ। ଏହି ଫିନକ୍‌ସ ଆଶ୍ରମରେ ଇଣ୍ଡିଆନ ଓପିନିୟନ ପ୍ରେସ୍ କାର୍ଯ୍ୟ ଚାଲିଲା। ପ୍ରେସର ସବୁ କର୍ମ ଚାରୀଙ୍କ ଦରମା ସମାନ ସତେ ଯେମିତି ସମସ୍ତେ ଗୋଟିଏ ପରିବାରର ସଦସ୍ୟ। ୧୯୦୪ ମସିହାରେ ଗାନ୍ଧି କସ୍ତୁରବା ଓ ପିଲାମାନଙ୍କୁ ଆଶ୍ରମକୁ ଅଣାଇଲେ। କସ୍ତୁରବା ଏହି ବିରାଟ ପରିବାରର ମା ରୂପେ ସମସ୍ତଙ୍କୁ ସମାନ ଭାବରେ ସ୍ନେହ ଓ ଶ୍ରଦ୍ଧା ପ୍ରଦାନ କଲେ।

ଟଲଷ୍ଟୟଙ୍କ ଆଦର୍ଶରେ ଗାନ୍ଧି ପ୍ରଭାବିତ ହୋଇଥିଲେ। ଜୋହାନ୍‌ସବର୍ଗର ଅଳ୍ପ ଦୂରରେ ଏଗାରଶହ ଏକର ଜମି ଉପରେ ଗାନ୍ଧିଜୀ ଟଲଷ୍ଟୟଙ୍କ ନାମରେ ଟଲଷ୍ଟୟ ଆଶ୍ରମ ପ୍ରତିଷ୍ଠା କରିଥିଲେ। ଗାନ୍ଧିଜୀ ନିଜ ରଚିତ ପୁସ୍ତକ "ହିନ୍ଦ୍‌ସ୍ୱରାଜ" ସହିତ ଏକ ଚିଠି ଟଲଷ୍ଟୟଙ୍କ ପାଖକୁ ପଠାଇଥିଲେ। ଗାନ୍ଧିଙ୍କର ଚିଠି ପାଇ ଟଲଷ୍ଟୟ ୧୯୧୦ରେ ଏକ ଚିଠି ଲେଖିଲେ ଯେ ଭବିଷତ୍ୟରେ ଗାନ୍ଧି ବିଶ୍ୱର ଏକ ବିସ୍ମୟ ମହାମାନବ ହୋଇ ଉଦ୍‌ଭାସିତ ହେବେ। ତାଙ୍କର ଆଦର୍ଶ କାର୍ଯ୍ୟ ଧାରା ଜନ ମାନସକୁ ଅନୁପ୍ରାଣିତ କରିବ।

ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାର ଶ୍ରମିକ, କଳୃଷକ ଓ କୃଷ୍ଣକାୟ ମାନଙ୍କୁ ନେଇ ସତ୍ୟାଗ୍ରହ ଆରମ୍ଭ କରିଦେଲେ। ପରିଶେଷରେ ସତ୍ୟାଗ୍ରହରେ ଚରମ ସଫଳତା ମିଳିଥିଲା। ଭାରତୀୟ ମାନଙ୍କ ଉପରୁ କର ଉଠିଲା। ରେଜେଷ୍ଟ୍ରୀ ଆଇନ୍ ରଦ୍ଦହେଲା। ଭାରତୀୟ ମାନଙ୍କର ବିବାହକୁ ସାମାଜିକ ସ୍ୱୀକୃତି ମିଳିଲା। ଦକ୍ଷିଣ ଆଫ୍ରିକାର ଅର୍ଥନୀତିକ,ସାମାଜିକ, ରାଜନୈତିକ ଅବସ୍ଥାକୁ ବଦଳାଇ ଦେବାକୁ ସକ୍ଷମ ହେଲେ। ଦକ୍ଷିଣ ଆଫ୍ରିକାର ଅହିଂସା ସଂଗ୍ରାମ ତାଙ୍କୁ ଭାରତୀୟ ମୁକ୍ତ ସଂଗ୍ରାମର ମହାନାୟକ ରୂପେ ପ୍ରତି ପାଦିତ କରିପାରିଥିଲା। ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଇଥାଏ। ୧୯୧୪ ମସିହାର ଶେଷ ଭାଗରେ ଗାନ୍ଧି ଭାରତକୁ ପ୍ରତ୍ୟାବର୍ତନ କଲେ। ବମ୍ବେରେ ପହଂଚି ଗାନ୍ଧି ଯେଉଁ ଶ୍ରଦ୍ଧା, ସମ୍ବର୍ଦ୍ଧନା ଗୋଖଲେଙ୍କ ପାଇଁ ପାଇଲେ, ସେ କେବେବି କଳ୍ପନା କରିନଥିଲେ। ଭାରତର ବିଭିନ୍ନ ଅଂଚଳର ଜନସାଧାରଣଙ୍କ ଅବସ୍ଥା ଜାଣିବା ପାଇଁ ଗୋଖଲେଙ୍କ ନିର୍ଦ୍ଦେଶରେ ଭାରତ ପରିଭ୍ରମଣ କଲେ। ଗୋଟିଏ ଦିନ ଗାନ୍ଧି ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇ ଯେଉଁ ଭାଷଣ ଦେଇଥିଲେ,ସେହି ଉଜସ୍ୱିନି ଭାଷଣ ସବୁରି ମନକୁ ପ୍ରଭାବିତ କଲା। ଗାନ୍ଧୀଙ୍କର ଜନ ପ୍ରିୟତା ବଢିଗଲା।

ଦକ୍ଷିଣ ଆଫ୍ରିକାରେ ଆଶ୍ରମ ଜୀବନ ବିତାଇଥିବା ଗାନ୍ଧି ଆଉ ପାରିବାରିକ ବନ୍ଧନରେ ସଂକୁଚିତ ହୋଇରହିବାକୁ ଇଚ୍ଛା କଲେ ନାହିଁ। ତେଣୁ ସେ ଗୁଜୁରାଟର ଅହମ୍ମଦାବାଦ ନିକଟସ୍ଥ ସାବରମତୀ ନଦୀ କୂଳରେ ଆଶ୍ରମଟିଏ ପ୍ରତିଷ୍ଠା କରି ନାମ ଦେଲେ 'ସତ୍ୟାଗ୍ରହ ଆଶ୍ରମ'। ଏହି ଆଶ୍ରମରେ ଛୁଆଁ ଅଛୁଆଁ ଭେଦଭାବ ରହିଲା ନାହିଁ। ଗାନ୍ଧିଙ୍କର ମୌଳିକନୀତି ଓ ଆଦର୍ଶରେ ଅନୁପ୍ରାଣୀତ ହୋଇ ଓକିଲ ବଲ୍ଲଭ ଭାଇ ପଟେଲ ବିବାହ କଲେ ନାହିଁ। ପଟେଲ ଗାନ୍ଧିଙ୍କ ସହିତ ଶ୍ରମିକ ଧର୍ମଘଟ ଓ କୃଷକ ଆନ୍ଦୋଳନରେ ଯୋଗ ଦେଲେ। ସେହି ପରି ମହାଦେବ ଦେଶାଇ ନାମରେ ଜଣେ ଯୁବକ ଗାନ୍ଧିଙ୍କର ବିଶ୍ୱସ୍ତ ସେକ୍ରେଟେରୀ ଭାବରେ ଆଜୀବନ ରହିଲେ। ଗାନ୍ଧି ବିହାରର ଚମ୍ପାରଣ ଠାରେ ଇଂରେଜ ଜମିଦାର ମାନଙ୍କର ଚାଷୀମାନଙ୍କ ଉପରେ ହେଉଥିବା ଅକଥନିୟ ଅତ୍ୟାଚାର ଅନୁଭବ କଲେ। ଜମିଦାର ମାନଙ୍କ ସହିତ ଚୁକ୍ତି କରି ଅସହାୟ ଚାଷୀମାନଙ୍କ ଦୁଃଖ ଦୂରକଲେ। ୧୯୧୯ ଏପ୍ରିଲ ୧୩ରେ ଜାଲିଆନାୱାଲାବାଗ ହତ୍ୟାକାଣ୍ଡରେ ଗାନ୍ଧି ମର୍ମାହତ ହୋଇପଡ଼ିଲେ। ଇଂରେଜ ସରକାରଙ୍କର ଏତାଦୃଶ ନୀତିରେ ବ୍ୟଥିତ ହୋଇ, ଏ ଦେଶରୁ ସେମାନଙ୍କୁ ବିତାଡ଼ିତ କରିବା ପାଇଁ ଭାରତୀୟମାନଙ୍କୁ ସତ୍ୟାଗ୍ରହ ମଧ୍ୟରେ ନୂଆ ଉପାୟ ଚିନ୍ତା କଲେ। ମୁସଲମାନଙ୍କ ହୃଦୟରେ ସତ୍ୟାଗ୍ରହ ପାଇଁ ଅନୁରାଗ ନଥିବାରୁ ଗାନ୍ଧି ୧୯୨୦ ଜୁଲାଇ ୩୦ରୁ ଅସହେଯାଗ ଆନ୍ଦୋଳନ ପାଇଁ ଆହ୍ୱାନ ଦେଲେ। ବହୁ ଭାରତୀୟ ଚାକିରି ଛାଡ଼ିଲେ। ମୋତିଲାଲ ନେହେରୁ ଦେଶବନ୍ଧୁ ଚିତରଞ୍ଜନ ଓକିଲାତି ଛାଡ଼ିଲେ। ରବୀନ୍ଦ୍ରନାଥ ତାଙ୍କର ନାଇଟିଉପାଧି, ଗାନ୍ଧି ତାଙ୍କର ଯୁଦ୍ଧ ପଦକ ଫେରାଇ ଦେଲେ। କଂଗ୍ରେସ ନେତାମାନେ ଖଦଡ଼ ପିନ୍ଧିଲେ, ଗାନ୍ଧି ସୂତା ବୁଣା ଛୋଟ ଲୁଗା ପିନ୍ଧିଲେ। କୁଟିଖାଅ, କାଟି ପିନ୍ଧ ନୀତିରେ ଚାଲିଲେ। ସବୁ ବଡ଼ ବଡ଼ ନେତା ଗିରଫ ହେଲେ। ୧୯୨୨ ମାର୍ଚ୍ଚରେ ଗାନ୍ଧି ଗିରଫ ହୋଇ ଛଅବର୍ଷ ଜେଲ ଦଣ୍ଡ ଭୋଗକଲେ। ଗାନ୍ଧିଙ୍କ ଦେହ ଅସୁସ୍ଥ ହେବାରୁ ସେ ଛଅ ବର୍ଷ ଜେଲଦଣ୍ଡ ବଦଳରେ ୨ ବର୍ଷ ଭୋଗ କଲେ।

୧୯୨୯ ମସିହାରେ ଲାହୋର ଠାରେ କଂଗ୍ରେସର ଅଧିବେଶନରେ ନିଷ୍ପତି ନିଆଗଲା ଯେ ୧୯୩୦ ମସିହା ଜାନୁୟାରୀ ୨୬ କୁ ସମଗ୍ର ଭାରତ ସ୍ୱାଧୀନତା ଦିବସ ପାଳନ କରିବ। ଏହି ଦିନ ସମଗ୍ର ଭାରତରେ ଏକ ନୂତନ ଜାଗରଣ ଦେଖାଦେଲା। ଗାନ୍ଧି ଲବଣ ସତ୍ୟାଗ୍ରହ ଆରମ୍ଭ କରିଦେଲେ। ସରକାରଙ୍କ ନିୟମ ଭଙ୍ଗ କରି ଦାଣ୍ଡୀରେ ଗାନ୍ଧି ଲୁଣ ମରା କାର୍ଯ୍ୟ କଲେ। ଏହି ଖବର ଗାଁ ଠାରୁ ସହର ଯାଏ ବ୍ୟାପିଗଲା। ସମସ୍ତେ ଲୁଣ ମାରିବା ଆରମ୍ଭ କରିଦେଲେ। ଲକ୍ଷାଧିକ ଲୋକ ଓ ଗାନ୍ଧି ଗିରଫ ହେଲେ। କଂଗ୍ରେସ ପୂର୍ଣ୍ଣ ସ୍ୱାଧିନତା ପାଇଁ ଲଢେଇ ଆରମ୍ଭ କରିଦେଲା। ଗୋଲ ଟେବୁଲ ବୈଠକ ପରେ ଗାନ୍ଧିଙ୍କୁ ଗିରଫ କରାଗଲା। ଜେଲରେ ଥିବା ସମୟରେ ଇଂରେଜ ସରକାର ହରିଜନଙ୍କ ପାଇଁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ଗଠନ କରିବାକୁ ନିଷ୍ପତି ନେଲେ। ଗାନ୍ଧି ଏହି ନୀତିକି ବିରୋଧ କରି ଅନଶନ କଲେ। ସରକାର ହରିଜନ ନୀତିର ପରିବର୍ତନ କଲେ। ଛୁଆଁ ଅଛୁଆଁ ଭେଦଭାବ ସମାଜରୁ କେତେକା ଅଂଶରେ ଉଠିଲା। ବହୁ ମନ୍ଦିରରେ ହରିଜନମାନେ ପ୍ରବେଶ କଲେ। ଗାନ୍ଧି ଅନଶନ ଭାଙ୍ଗିଲେ। ୧୯୪୨ରେ କଂଗ୍ରେସର ଭାରତ ଛାଡ଼ ଆନ୍ଦୋଳନ ଯୋଗୁ ସମଗ୍ର ଦେଶରେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ହିଂସାକାଣ୍ଡ ଆରମ୍ଭ ହୋଇଗଲା। ସୁବାଷ ବୋଷ ରେଙ୍ଗୁନ ରେଡ଼ିଓରୁ ଘୋଷଣା କଲେ ଯେ ଗାନ୍ଧିଜୀ ହେଉଛନ୍ତି "ଜାତିର ଜନକ ବିଂଶ ଶତାବ୍ଦୀର ବିସ୍ମୟ ମହାନାୟକ"। ଇଂରେଜ ସରକାର ଜିନ୍ନାଙ୍କ ମାଧ୍ୟମରେ ଭାରତକୁ ଦୁଇଭାଗ କରିବାକୁ ଚକ୍ରାନ୍ତ କଲେ। ହିନ୍ଦୁ, ମୁସଲମାନଙ୍କ ହଣା କଟା ଚାଲିଲା। ଜିନ୍ନାଙ୍କର କ୍ଷମତା ଲୋଭ କଂଗ୍ରେସ ନେତାଙ୍କର ଉଦାସୀନତା, ଗାନ୍ଧିଙ୍କର ଅସହାୟତା ପାଇଁ ଅଖଣ୍ଡ ଭାରତ ଦୁଇ ଭାଗ ହୋଇଗଲା। ପ୍ରବଳ ହିଂସା, ରକ୍ତପାତ ମଧ୍ୟରେ ପାକିସ୍ଥାନକୁ ସ୍ୱାଧୀନତା ଅଗଷ୍ଟ ୧୪ ତାରିଖରେ ଦିଆଗଲା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନତା ଲାଭକଲା। ଭାରତର ପଣ୍ଡିତ ନେହେରୁ ଓ ପାକିସ୍ଥାନର ଜିନ୍ନା ହେଲେ ମୁଖ୍ୟ କର୍ଣ୍ଣଧାର।

କଠୋର ପନ୍ଥୀ ହିନ୍ଦୁମାନେ ମହାତ୍ମା ଗାନ୍ଧିଙ୍କୁ ହତ୍ୟା କରିବାର ଷଡ଼ଯନ୍ତ୍ର କଲେ। ୧୯୪୮ ମସିହା ଜାନୁୟାରୀ ୩୦ ତା ରିଖରେ ଗାନ୍ଧି ପ୍ରାର୍ଥନା ସଭାକୁ ଆସିବା ମାତ୍ରେ ନାଥୁରାମ ତାଙ୍କୁ ଗୁଳିକଲେ। 'ହା' ରାମ କହି ଜାତିର ଜନକ ମହାତ୍ମା ବାପୁ ଟଳିପଡ଼ିଲେ। ଚାରି ଆଡ଼େ ଶୋକର ଛାୟା ଖେଳିଗଲା। ସମଗ୍ର ପୃଥିବୀରୁ ହଠାତ୍ ଅହିଂସାର ଆଲୋକ ନିର୍ବାପିତ ହୋଇଗଲା। ସ୍ୱାଧୀନ ଭାରତ ଏକ ଅନ୍ଧକାରମୟ ଗର୍ତକୁ ଠେଲି ହୋଇଗଲା। ଭାରତୀୟ ମୁକ୍ତ ସଂଗ୍ରାମର ମହାନାୟକ, ବିସ୍ମୟ ମହାମାନବ ମହାତ୍ମାଗାନ୍ଧି ଚିରଦୀନ ପାଇଁ ଧରା ପୃଷ୍ଠରେ ଅମର ହୋଇରହିଗଲେ।

*ସଦସ୍ୟ ଓଡ଼ିଶା ସାହିତ୍ୟ ଏକାଡ଼େମି*
*ପାରାଦୀପଗଡ଼, କୁଜଙ୍ଗ,ଜଗତ୍‌ସିଂହପୁର*
*ଦୂରଭାଷ : ୯୯୩୭୬୯୧୪୭୫*

**ସାଧାରଣତନ୍ତ୍ର ଦିବସ ସମାରୋହ-୨୦୨୦ ପୁରସ୍କାର ପ୍ରଦାନ କଲେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ**

# ଓଡିଶା ପ୍ରଜ୍ଞାପନ ମେଢ଼କୁ ଦ୍ୱିତୀୟ ପୁରସ୍କାର

**ନୂଆଦିଲ୍ଲୀ :** ଦିଲ୍ଲୀ କ୍ୟାଣ୍ଟନମେଣ୍ଟସ୍ଥିତ ରାଷ୍ଟ୍ରୀୟ ରଙ୍ଗଶାଳା କ୍ୟାମ୍ପଠାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସାଧାରଣତନ୍ତ୍ର ଦିବସ ସମାରୋହ ୨୦୨୦ ପୁରସ୍କାର ପ୍ରଦାନ କରିଛନ୍ତି। ଜାନୁଆରୀ ୨୬, ୨୦୨୦ରେ ରାଜପଥରେ ଆୟୋଜିତ ପରେଡରେ ଅଂଶଗ୍ରହଣ କରିଥିବା ୧୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ପ୍ରଜ୍ଞାପନ ମେଢ଼ ମଧ୍ୟରୁ ଶ୍ରେଷ୍ଠ ବିବେଚିତ ପ୍ରଜ୍ଞାପନ ମେଢ଼କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଓଡିଶାର ପ୍ରଜ୍ଞାପନ ମେଢ଼ ଚଳିତ ଥର ଦ୍ୱିତୀୟ ସ୍ଥାନରେ ରହି ପୁରସ୍କାର ହାସଲ କରିଛି। ଏଥର ଓଡିଶା ପକ୍ଷରୁ ଭୁବନେଶ୍ୱରସ୍ଥିତ ଶ୍ରୀ ଲିଙ୍ଗରାଜଙ୍କ ପ୍ରସିଦ୍ଧ ରୁକୁଣା ରଥକୁ ପ୍ରଜ୍ଞାପନ ମେଢ଼ରେ ସ୍ଥାନ ଦିଆଯାଇଥିଲା। ଷଷ୍ଠ ଶତାବ୍ଦୀରେ ନିର୍ମିତ ଏହି ମନ୍ଦିରରେ ଭଗବାନ ଶିବଙ୍କ ସହିତ ଭଗବାନ ବିଷ୍ଣୁଙ୍କୁ ଏକତ୍ର ପୂଜା କରାଯାଇଥାଏ। ଓଡିଶାର ପ୍ରଜ୍ଞାପନ ମେଢ଼ ଦ୍ୱିତୀୟସ୍ଥାନ ହାସଲ କରିଥିବାରୁ ରାଜ୍ୟବାସୀଙ୍କୁ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ, ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି । ଏହି ପ୍ରଜ୍ଞାପନ ମେଢର ସ୍ଥପତି ଗଜେନ୍ଦ୍ର ସାହୁଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟପକ୍ଷରେ ଆସାମର ପ୍ରଜ୍ଞାପନ ମେଢ଼ ପ୍ରଥମ ସ୍ଥାନ ହାସଲ କରିଥିଲା । ଏଥିରେ ଆସାମକୁ ଅଭିନବ କାରିଗରୀ ଓ ସଂସ୍କୃତିର ଭୂମି ଭାବେ ପ୍ରଦର୍ଶୀତ କରାଯାଇଥିଲା । ଉତରପ୍ରଦେଶର ପ୍ରଜ୍ଞାପନ ମେଢ଼ ଓଡିଶା ସହ ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନରେ ରହିଥିଲା । ଏଥିରେ "ସର୍ବ ଧର୍ମ ସମଭାବ" ବିଷୟବସ୍ତୁକୁ ନେଇ ରାଜ୍ୟକୁ ସାଂସ୍କୃତିକ ଏବଂ ଧାର୍ମୀକ ପର୍ଯ୍ୟଟନସ୍ଥଳୀ ଭାବେ ଦର୍ଶାଯାଇଥିଲା। ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗ ପକ୍ଷରୁ ପ୍ରଦର୍ଶୀତ ୬ଟି ପ୍ରଜ୍ଞାପନ ମେଢ଼ ମଧ୍ୟରେ ଜଳ ଶକ୍ତି ମନ୍ତ୍ରଣାଳୟ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନଡିଆରଏଫ) ମିଳିତ ଭାବେ ପ୍ରଥମ ସ୍ଥାନରେ ରହି ଶ୍ରେଷ୍ଠ ପୁରସ୍କାର ଅର୍ଜନ କରିଥିଲେ। ଜଳ ଶକ୍ତି ମନ୍ତ୍ରଣାଳୟର ପ୍ରଜ୍ଞାପନ ମେଢ଼ରେ ସରକାରଙ୍କ ନୂଆ ଯୋଜନା "ଜଳ ଜୀବନ ମିଶନ"କୁ ପ୍ରଦର୍ଶୀତ କରାଯାଇଥିଲା। ଏହି ଯୋଜନା ଅଧୀନରେ ୨୦୨୪ ସୁଦ୍ଧା "ହର ଘର ଜଲ" ବା ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ପାଣି ପାଇପ ସଂଯୋଗ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ସେହିପରି "ଆପଦା ସେବା ସଦୈବ" ଲକ୍ଷ୍ୟକୁ ସାକାର କରି ପ୍ରାକୃତିକ



ଏବଂ ମାନବକୃତ ବିପର୍ଯ୍ୟୟ ସମୟରେ ଏନଡିଆରଏଫର ସଫଳ ଏବଂ ଉଜ୍ଜ୍ୱଳ ମାନବୀୟ ଉଦ୍ଧାର କାର୍ଯ୍ୟକୁ ଏହାର ପ୍ରଜ୍ଞାପନ ମେଢ଼ରେ ପ୍ରଦର୍ଶୀତ କରାଯାଇଥିଲା। କେନ୍ଦ୍ରୀୟ ପୂର୍ତ୍ତ ବିଭାଗ (ସିପିଡବ୍ଲୁଡି)ର ପ୍ରଜ୍ଞାପନ ମେଢ଼ ସ୍ୱତନ୍ତ୍ର ପୁରସ୍କାର ଅର୍ଜନ କରିଥିଲା । "କଶ୍ମୀର ସେ କନ୍ୟାକୁମାରୀ" ବିଷୟବସ୍ତୁକୁ ନେଇ ଏହାର ପ୍ରଜ୍ଞାପନ ମେଢ଼ରେ ଦେଶର ବିଭିନ୍ନ ଭାଗକୁ ରଙ୍ଗୀନ ଓ ସୁଗନ୍ଧିତ ପୁଷ୍ପ ମାଧ୍ୟମରେ ସଜାଇ ପ୍ରଦର୍ଶୀତ କରାଯାଇଥିଲା । ନୂଆଦିଲ୍ଲୀ ଜନକପୁରୀ ବି ବ୍ଲକ୍‌ର ସର୍ବୋଦୟ କନ୍ୟା ବିଦ୍ୟାଳୟର ଛାତ୍ରୀମାନେ ଶ୍ରେଷ୍ଠ ସାଂସ୍କୃତିକ ପ୍ରଦର୍ଶନ ପାଇଁ ପ୍ରତିରକ୍ଷା ମନ୍ତ୍ରୀଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଏହି ପିଲାମାନେ "ମାରୋ ରଙ୍ଗ ରଙ୍ଗୀଲୋ ରାଜସ୍ଥାନ" ବିଷୟବସ୍ତୁ ଉପରେ ରଙ୍ଗୀନ ନୃତ୍ୟ ପ୍ରଦର୍ଶନ କରିଥିଲେ। ଗୁଜରାଟର ଲୋକନୃତ୍ୟ "ଗର୍ବା" ପ୍ରଦର୍ଶନ କରିଥିବା ଉଦୟପୁରର ପଶ୍ଚିମାଂଚଳ ସାଂସ୍କୃତିକ କେନ୍ଦ୍ରକୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । ରାଜନାଥ ସିଂଙ୍କ ଦ୍ୱାରା ଏହି ଅବସରରେ "ନୋ ୟୋର ଫୋର୍ସେସ" ଅନଲାଇନ ପ୍ରଶ୍ନୋତର ପୁରସ୍କାର ବିଜେତାମାନଙ୍କୁ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରାଯାଇଥିଲା । ସାଧାରଣ ନାଗରିକ ବିଶେଷକରି ଯୁବକମାନଙ୍କ ମଧ୍ୟରେ ଦେଶାତ୍ମବୋଧ ଭାବନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜାନୁଆରୀ ୧ ରୁ ୧୫, ୨୦୨୦ ମଧ୍ୟରେ ମାଇ ଗଭ.ଇନ ସହ ମିଶି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏହି ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା । କାର୍ତିକ ଭାଟଲା ପ୍ରଥମ ପୁରସ୍କାର ସ୍ୱରୂପ ୨୫ ହଜାର ଟଙ୍କା, ସମ୍ପୁଲକ୍ରାନ୍ତି କୁମାର ରେଡ୍ଡୀ ଦ୍ୱିତୀୟ ପୁରସ୍କାର ସ୍ୱରୂପ ୧୫ ହଜାର ଟଙ୍କା ଓ ପାୟଲ ଯାଦବ ତୃତୀୟ ପୁରସ୍କାର ସ୍ୱରୂପ ୧୦ ହଜାର ଟଙ୍କାର ନଗଦ ଅର୍ଥ ରାଶି ଗ୍ରହଣ କରିଥିଲେ। ଏହି ଅବସରରେ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାଇକ, ପ୍ରତିରକ୍ଷା ମନ୍ତ୍ରଣାଳୟ ସମେତ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗର ବରିଷ୍ଠ ଅଧିକାରୀଗଣ ତଥା ସାଧାରଣତନ୍ତ୍ର ଦିବସ ପରେଡରେ ଅଂଶଗ୍ରହଣ କରିଥିବା ବହୁ ସଂଖ୍ୟକ କଳାକାର ଓ ପିଲାମାନେ ଉପସ୍ଥିତ ଥିଲେ । ପ୍ରତିରକ୍ଷା ମନ୍ତ୍ରୀ ସମସ୍ତ ଅଂଶଗ୍ରହଣକାରୀଙ୍କ ସହ ଆଲୋଚନା କରିବା ସହିତ ସାଧାରଣତନ୍ତ୍ର ଦିବସ ପରେଡରେ ଅଂଶଗ୍ରହଣ କରିବା ଲାଗି ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ରାଉରକେଲା ପ୍ରେସ୍ କ୍ଲବର ନୂତନ କର୍ମକର୍ତ୍ତା ମନୋନୀତ

**ରାଉରକେଲା :** ଗତ ସାଧାରଣତନ୍ତ୍ର ଦିବସ ଦିନ ରାଉରକେଲା ପ୍ରେସ୍ କ୍ଲବର ସାଧାରଣ ପରିଷଦ ବୈଠକ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଗାମୀ ଦିନରେ କ୍ଲବର କାର୍ଯ୍ୟକ୍ରମକୁ କିଭଳି ଅଧିକ ଗତିଶିଳ କରାଯାଇ ପାରିବ ତାହା ଉପରେ ଆଲୋଚନା ହେବା ସହ ଆଗାମୀ ବର୍ଷପାଇଁ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ଏଥିରେ ସହମତି ଭିତିରେ ବରିଷ୍ଠ ସାମ୍ବାଦିକ ଅନୁଷ୍ଠାନର ବରିଷ୍ଠ ତଥା ପ୍ରତିଷ୍ଠାତା ସଦସ୍ୟ ଶ୍ରୀ ଅଦ୍ୱୈତ ପ୍ରସାଦ ବିଶ୍ୱାଳଙ୍କୁ ଉପଦେଷ୍ଟା ଭାବରେ ମନୋନୀତ କରାଯାଇଥିଲା। ସେହିପରି ସଭାପତି ଭାବରେ ମିହିର ରାୟ, ଉପସଭାପତି ମହେନ୍ଦ୍ର ମିଶ୍ର, ସମ୍ପାଦକ ଅରବିନ୍ଦ ଦାସ, ଯୁଗ୍ମ ସମ୍ପାଦକ ସଂଜୀବ ନାୟକ ଓ କୋଷାଧ୍ୟକ୍ଷଭାବେ ସଂଜୟ କୁମାର ଦାସ ମନୋନୀତ ହୋଇଛନ୍ତି । ଏତଦ୍ ବ୍ୟତିତ ନବଗଠିତ କମିଟିରେ କାର୍ଯ୍ୟନିର୍ବାହୀ ସଦସ୍ୟଭାବେ ଡ଼ଲିରାଣୀ ବ୍ରହ୍ମା, ପ୍ରତାପ ପାଢୀ, ଶିବଶରଣ ମିଶ୍ର, ପ୍ରସନ୍ନ ତ୍ରିପାଠୀ, ନରହରି ଦାସ ଓ ମନୋଜ ସାମଲଙ୍କୁ ମନୋନୀତ କରାଯାଇଛି। ଆସନ୍ତା ମାସ ୯ ତାରିଖରେ କ୍ଲବର କାର୍ଯ୍ୟନିର୍ବାହୀ କମିଟିର ବୈଠକ ବସି ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ଓ ରାଜ୍ୟ ବଜେଟ୍ ଉପରେ ଏକ ଆଲୋଚନା ଚକ୍ର ଆୟୋଜିତ ସଂପର୍କୀତ ପ୍ରସ୍ତୁତି ସମ୍ବନ୍ଧୀୟ ନିଷ୍ପତ୍ତି ନିଆଯିବ । ଏହା ସହିତ ଆଗାମୀ ଦିନରେ କ୍ଲବ ପକ୍ଷରୁ ନିୟମିତଭାବେ ଜନସ୍ୱାର୍ଥ ସଂପର୍କୀତ ବିଭିନ୍ନ କାର୍ଯ୍ୟକ୍ରମ, ଆଲୋଚନାଚକ୍ର ଆଦି ଆୟୋଜନ କରାଯିବ ବୋଲି ମଧ୍ୟ ସାଧାରଣ ପରିଷଦ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଗଲା । ଏଠାରେ ପ୍ରକାଶ ଯୋଗ୍ୟଯେ ରାଉରକେଲା ପ୍ରେସ୍ କ୍ଲବ ସହରର ସାମ୍ବାଦିକ ମାନଙ୍କୁ ନେଇ ଗଠିତ ସର୍ବ ପୁରାତନ ଅନୁଷ୍ଠାନ। ଏହା ୧୯୭୮ ମସିହାରେ ପ୍ରତିଷ୍ଠା ହୋଇଥିଲା ଓ ଏହାର ଏକ ସ୍ୱତନ୍ତ୍ର ପରିଚୟ ସମଗ୍ର ରାଜ୍ୟରେ ଅଛି।



ଏକମାତ୍ରର ୪ର୍ଥ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।



ଦୁଃଶାସନ ପଣ୍ଡା
କିନାରିମୋଡା ପ୍ରାଥମିକ ଆଶ୍ରମ ସ୍କୁଲ
ରାୟଗଡ଼ା

# ୫-ଟି' ସଚିବଙ୍କ ତାରାତାରିଣୀ ପୀଠ ପରିଦର୍ଶନ, ବିକାଶ କାର୍ଯ୍ୟ ଖୁବ୍‌ଶୀଘ୍ର

**ଭୁବନେଶ୍ୱର :** ଗଞ୍ଜାମର ଇଷ୍ଟଦେବୀ ମା ତାରାତାରିଣୀ ପୀଠର ସାମଗ୍ରିକ ବିକାଶ ହେବ । ଏ ସଂକ୍ରାନ୍ତରେ ୫-ଟି' ସଚିବ ଭି.କେ. ପାଣ୍ଡିଆନ ଶୁକ୍ରବାର ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳ ପରିଦର୍ଶନ କରିଛନ୍ତି । ଶ୍ରୀ ପାଣ୍ଡିଆନ ଶୁକ୍ରବାର ସକାଳୁ ତାରାତାରିଣୀ ପୀଠ ପରିଦର୍ଶନରେ ଯିବା ସହିତ ସେଠାରେ ମନ୍ଦିରର ବିକାଶ, ଯାତ୍ରୀମାନଙ୍କ ସୁବିଧା ଏବଂ ଋଷିକୂଲ୍ୟା ମୂହାଣର ବିକାଶ ନେଇ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଛନ୍ତି । ଏହାପରେ ସେ ହିଞ୍ଜିଳି ବ୍ଲକ ଓ ମୁନିସିପାଲିଟିର ୨୬ଟି ହାଇସ୍କୁଲ ପରିଦର୍ଶନ କରିଥିଲେ । ସେଠାରେ ବିଦ୍ୟାଳୟ ପରିଚାଳନା କମିଟି, ଶିକ୍ଷକ ଶିକ୍ଷୟତ୍ରୀ ସହ ବିଦ୍ୟାଳୟର ଉନ୍ନତି ପାଇଁ ନିଆଯାଉଥିବା ପଦକ୍ଷେପ ସଂକ୍ରାନ୍ତରେ ଆଲୋଚନା କରିଥିଲେ । ସେହିଭଳି ଶ୍ରୀ ପାଣ୍ଡିଆନ ହିଞ୍ଜିଳି ଠାରେ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କୁ ଭେଟି ସେମାନଙ୍କ ସହିତ ଆଲୋଚନା କରିଥିଲେ । ଆଲୋଚନା କାଳରେ ହାଇସ୍କୁଲ ଶିକ୍ଷା, ପାନୀୟଜଳ, ସଡକ, ସ୍ୱାସ୍ଥ୍ୟସେବା, ବିଜୁଳି ଯୋଗାଣ ଓ ଜଳସେଚନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥି ସହିତ ମକରଝୋଲା ବିଦ୍ୟାଳୟ ପରିଦର୍ଶନ ସମୟରେ ସେଠାରେ ଛାତ୍ରଛାତ୍ରୀମାନଙ୍କ ସହିତ ୫-ଟି ସଚିବ ମଧ୍ୟାହ୍ନଭୋଜନ ଖାଇଥିଲେ । ଏହି ସମୟରେ ଗଞ୍ଜାମ ଜିଲ୍ଲାପାଳ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବିଜେଡି ସରକାର ଚାହୁଁଛନ୍ତି ରାଜ୍ୟରେ ଅନୁପ୍ରବେଶ ହେଉ : ଖାରବେଳ

**ଭୁବନେଶ୍ୱର :** ଜନଗଣନା ଫର୍ମରେ ମାତା-ପିତାଙ୍କ ଜନ୍ମ ସ୍ଥାନ ସମ୍ପର୍କରେ ସୂଚନା ମାଗିବାକୁ ବିରୋଧ କରାଯିବା ପ୍ରସଙ୍ଗରେ ବିଜେପି ନେତା ଖାରବେଳ ସ୍ୱାଇଁ ବିଜୁ ଜନତା ଦଳକୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି ଯେ ଏହାର ବିରୋଧ କରି ବିଜେଡି ସ୍ପଷ୍ଟ କରି ଦେଇଛି ଯେ ରାଜ୍ୟରେ ଅନୁପ୍ରବେଶ ହେଉ ବୋଲି ବିଜେଡି ସରକାର ଚାହୁଁଛନ୍ତି । ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଯଦି କେହି ରାସନକାର୍ଡ, ଆଧାର କାର୍ଡ କିମ୍ବା ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନ କରନ୍ତି ତେବେ ମାତା ପିତାଙ୍କ ସମ୍ପର୍କରେ ସୂଚନା ଦିଅନ୍ତି । ତେବେ ଏପରି ସ୍ଥିତି ଜନଗଣନା ଫର୍ମରେ ନାମ ଦେବାରେ କଣ ସମସ୍ୟା ରହିଛି ବୋଲି ସେ ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି କିଛି ଲୋକ ଷଡଯନ୍ତ୍ର ପୂର୍ବକ ଏହି ତଥ୍ୟକୁ ଲୁଚାଇବାକୁ ଚାହୁଁଛନ୍ତି । ବିଜେଡି ଏହାକୁ ସମର୍ଥନ କରୁଛି । ବିଜେଡି ସରକାର ଚାହୁଁଛି ଯେ ରାଜ୍ୟରେ ଅନୁପ୍ରବେଶ ହେଉ । ବିଜେଡି ସଂସଦୀୟ ଦଳର ବୈଠକ ପରେ ସାଂସଦ ପିନାକୀ ମିଶ୍ରଙ୍କ ଗଣମାଧ୍ୟମକୁ ସୂଚନା ପରିପ୍ରେକ୍ଷୀରେ ଶ୍ରୀ ସ୍ୱାଇଁ କହିଛନ୍ତି ଯେ, ଓବିସି ମାମଲାରେ ନିଜ ଉପରେ ଥିବା ସାମ୍ବିଧାନିକ ଦାୟିତ୍ୱକୁ ଦୀର୍ଘ ୨୦ ବର୍ଷ ହେଲା ବିଜେଡି ପାଳନ ନ କରି ମିଛ ନାଟକ କରୁଛି । ଜନଗଣନାରେ ବ୍ୟକ୍ତିଙ୍କ ଜନ୍ମ ସ୍ଥାନ ଓ ତାଙ୍କ ପିତାଙ୍କ ଜନ୍ମସ୍ଥାନ ନେଇ ବିଜେଡି କାହିଁକି ଚିନ୍ତିତ ଓ ବିବ୍ରତ ହେଉଛି ? ଏନପିଆର ମାମଲାରେ କିଛି ନ ଜାଣି ନଇ ନ ଦେଖୁଣୁ ବିଜେଡି କପଡା ଖୋଲିବା ପରିସ୍ଥିତିରେ ପହଞ୍ଚି ଯାଇଛି । ପ୍ରତି ଦଶ ବର୍ଷରେ ଜନଗଣନା କରାଯାଏ ଓ ଜନଗଣନାର ବିବରଣୀ ପ୍ରସ୍ତୁତି ଏକ ଚିରାଚରିତ ପ୍ରକ୍ରିୟା । ସଂପୃକ୍ତ ବ୍ୟକ୍ତିଙ୍କ ଜନ୍ମ ସ୍ଥାନ ଓ ତାଙ୍କ ପିତାଙ୍କ ଜନ୍ମସ୍ଥାନ ନେଇ ବିଜେଡି କାହିଁକି ଚିନ୍ତିତ ଓ ବିବ୍ରତ ହେଉଛି । ଆଧାର, ଟଙ୍କିକିଆ ଚାଉଳ ନେବା ପାଇଁ, ସ୍କୁଲ କଲେଜ ନାମଲେଖା, ଡ୍ରାଇଭିଙ୍ଗ ଲାଇସେନ୍ସ ଆଦିରେ ବାପା ମାଆଙ୍କ ନାଁ ଦରକାର ପଡେ । ହେଲେ ବିଜେଡି କାହିଁକି ଏନପିଆର ବେଳେ ବାପା ମାଆ ନାଁ ରଖିଲେ ବିରୋଧ କରୁଛି ? ଅନୁପ୍ରବେଶକାରୀଙ୍କ ସମର୍ଥନରେ ଆସି ଅନୁପ୍ରବେଶକାରୀଙ୍କ ପରିଚୟ ପଦାରେ ପଡିଯିବ ବୋଲି ବିଜେଡି ଭୟରେ ଏପରି କହୁଛି କି ବୋଲି ଶ୍ରୀ ସ୍ୱାଇଁ ପ୍ରଶ୍ନ କରିଛନ୍ତି । ଶ୍ରୀ ସ୍ୱାଇଁ କହିଛନ୍ତି ଯେ, ସରକାରଙ୍କର ଓବିସି ଓ ଏସଇବିସି ବର୍ଗ ପାଇଁ ପ୍ରତିବଦ୍ଧତା ନଥିବାର ବଳିଷ୍ଠ ପ୍ରମାଣ ସମ୍ବିଧାନର ଧାରା ୧୫(୪) ଓ ୧୬(୪) ବଳରେ କେନ୍ଦ୍ର ସରକାର ଓବିସି ବର୍ଗଙ୍କୁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ସୁବିଧା ଦେଇଛନ୍ତି । ଏହାକୁ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ମଧ୍ୟ ବୈଧ ଘୋଷଣା କରିଛନ୍ତି । ଦେଶର ସବୁ ରାଜ୍ୟ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ଅନ୍ୟୁନ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଥିବା ବେଳେ କର୍ଣ୍ଣାଟକ, ତାମିଲନାଡୁ, କେରଳ ଓ ବିହାର ଆଦି ରାଜ୍ୟ ପଛୁଆ ଜାତି ଗୁଡିକର ଜନସଂଖ୍ୟାରେ ଅଧିକ ଭାଗ କାରଣରୁ ଅଧିକ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି । ତାମିଲନାଡୁ ଭଳି ରାଜ୍ୟରେ ୫୯ ପ୍ରତିଶତ ସ୍ଥାନ ସଂରକ୍ଷିତ ଥିବା ବେଳେ ଏଥିରୁ ୫୦ ପ୍ରତିଶତ ପଛୁଆ ଜାତିଙ୍କ ପାଇଁ ସଂରକ୍ଷିତ ରହିଛି । ଇନ୍ଦ୍ରା ସ୍ୱହନୀ ଓ ଭାରତ ସରକାରଙ୍କ କେସ ମାମଲାରେ ମାନ୍ୟବର ସୁପ୍ରିମକୋର୍ଟ ବିଶେଷ ପରିସ୍ଥିତିରେ ସ୍ଥାନ ସଂରକ୍ଷଣ ନିର୍ଦ୍ଦିଷ୍ଟ ସୀମା ଠାରୁ ଅଧିକ ହୋଇପାରିବ ବୋଲି ରାୟ ଦେଇଛନ୍ତି । ମହାରାଷ୍ଟ୍ରର ଦେବେନ୍ଦ୍ର ଫଡନାବିସ ସରକାର ମରଠା କମ୍ୟୁନିଟି ପାଇଁ ୧୬ ପ୍ରତିଶତ ନିଯୁକ୍ତି ଓ ଶିକ୍ଷାରେ ବ୍ୟବସ୍ଥା କରିବା ପରେ ମହାରାଷ୍ଟ୍ରର ସ୍ଥାନ ସଂରକ୍ଷଣ ୬୩ ପ୍ରତିଶତକୁ ବୃଦ୍ଧି ପାଇଥିଲା ଓ ଏହା ମାନ୍ୟବର ବମ୍ବେ ହାଇକୋର୍ଟ ରାଜ୍ୟ ସରକାରଙ୍କର ସୀମା ଉପରେ ବିଶେଷ କାରଣ ଯୋଗୁଁ ସଂରକ୍ଷଣ ବଢାଇବାର ଅଧିକାରକୁ ସମ୍ମତି ପ୍ରଦାନ କରିଥିଲେ । ରାଜ୍ୟରେ ୧୯୯୩ ମସିହା ଠାରୁ ଓଡିଶା ଷ୍ଟେଟ୍ କମିଶନ ଫର୍ ବ୍ୟାକୁଆର୍ଡ କ୍ଲାସେସ୍ ଆକ୍ଟ ପାସ୍ ହୋଇଥିଲା । ମାତ୍ର ରାଜ୍ୟ ସରକାରଙ୍କର ପଛୁଆ ଜାତିଙ୍କ ପାଇଁ ସମ୍ବେଦନହୀନତା କାରଣରୁ ଏ ଯାଏ କମିଶନ ଗଠନ ହୋଇ ପାରି ନାହିଁ ।

# ବରୁଣେଇରେ ନିର୍ମାଣ ହେବ ରୋପୱେ

**ଖୋରଧା :** ଖୋରଧା ଜିଲ୍ଲା ଯୋଜନା କମିଟି ବୈଠକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଯୋଜନା କମିଟିର କାର୍ଯ୍ୟ ବିଷୟରେ ସେ ଆଲୋକ ପାତ କରି ବର୍ତ୍ତମାନ ଓ ଭବିଷ୍ୟତର ଆବଶ୍ୟକତାକୁ ଲକ୍ଷ ରଖି ଯୋଜନା କରାଯିବ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ । ବିଜ୍ଞାନ ଓ ପ୍ରଯୁକ୍ତି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବୈଠକରେ ଯୋଗ ଦେଇ ଜିଲ୍ଲାର ଉନ୍ନତି ପାଇଁ ବାର୍ଷିକ ଯୋଜନା ପ୍ରସ୍ତୁତି ଓ ଏହାର କାର୍ଯ୍ୟକାରିତା ବିଷୟରେ ପରାମର୍ଶ ଦେଇଥିଲେ । ଖୋର୍ଦ୍ଧା ଜିଲ୍ଲାରେ ପ୍ରର୍ଯ୍ୟଟନର ବିକାଶ, ରାସ୍ତାଘାଟର ଉନ୍ନତି ଓ ପାନୀୟ ଜଳ ଯୋଗାଣ ପାଇଁ ଗୁରୁତ୍ୱ ଦିଆଯାଉଛି ବରୁଣେଇ ଠାରେ ରୋପୱେ ଏବଂ ଖୋର୍ଦ୍ଧା ଜିଲ୍ଲାରେ ଏକ ବିଜ୍ଞାନ ପାର୍କ କରାଯିବ ବୋଲି ସେ କହିଥିଲେ । ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଶ୍ରୀ ଜଗଦେବ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଯୋଜନାର ସମସ୍ୟା କରି ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଗୁରୁତ୍ୱ ଦେଇଥିଲେ ।



ଖୋର୍ଦ୍ଧା ଜିଲ୍ଲାରେ ବୃହତ୍ତ ପାଇପ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି ଏବଂ ଏଥିପାଇଁ ଆବଶ୍ୟକ ଅର୍ଥ ଅନୁମୋଦନ କରାଯାଉଛି । ଖୋର୍ଦ୍ଧାରେ ୧୨ କୋଟି ଟଙ୍କା ବ୍ୟୟରେ ଏକ ସ୍ପୋର୍ଟସ୍ କମ୍ପେକ୍ସ ନିର୍ମାଣ କରାଯିବ । ଏହା ବ୍ୟତୀତ ଏଠାରେ ଆଉ ଏକ ଉନ୍ନତ ଧରଣର ପାର୍କ କରାଯିବ । ପ୍ରତି ଅଞ୍ଚଳର ବିକାଶ ପାଇଁ ଯୋଜନା ଓ ଆବଶ୍ୟକ ଅର୍ଥ ମଞ୍ଜୁର କରାଯିବ । ଖୋର୍ଦ୍ଧା ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ଗୁରତ୍ୱ ଦିଆଯାଉଛି ବୋଲି ସେ କହିଥିଲେ । ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ବୈଠକରେ ଯୋଗ ଦେଇ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ଉନ୍ନତି ପାଇଁ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏହି ବୈଠକରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗ ଦେଇ ଜଳ ସେଚନ ସୁବିଧା ଓ କୃଷିର ଉନ୍ନତି ପାଇଁ ବ୍ୟବସ୍ଥା କରିବାକୁ କହିଥିଲେ । ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ବୈଠକରେ ଯୋଗ ଦେଇ ନିର୍ବାଚନ ମଣ୍ଡଳୀରେ ଉନ୍ନୟନ କାର୍ଯ୍ୟପାଇଁ ବଜେଟରେ ଆବଶ୍ୟକ ଅର୍ଥ ବ୍ୟବସ୍ଥା କରିବା ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ । ଖୋର୍ଦ୍ଧା ଜିଲ୍ଲାପାଳ ସୀତାଂଶୁ କୁମାର ରାଉତ ସ୍ୱାଗତ ଭାଷଣ ଦେଇଥିବା ବେଳେ ମାର୍ଚ୍ଚ ମାସ ସୁଧା ସବୁ ବିଭାଗରେ ମୋ ସରକାର କାର୍ଯ୍ୟ କରାଯିବା ପାଇଁ ଲକ୍ଷ ରହିଛି ବୋଲି ପ୍ରକାଶ କରିଥିଲେ । ଖୋର୍ଦ୍ଧା ଜିଲ୍ଲାରେ ୨୦୧୯-୨୦ ବର୍ଷ ବାର୍ଷିକ ଯୋଜନା ପାଇଁ ୨୨୩୮୦୫.୩୮ ଲକ୍ଷ ଟଙ୍କା ଅନୁମୋଦନ କରାଯାଇଛି ସେଥିମଧ୍ୟରୁ କୃଷି ଓ ଆନୁସାଙ୍ଗିକ କାର୍ଯ୍ୟ ପାଇଁ ୬୮୫୪.୯୨ ଲକ୍ଷ ଟଙ୍କା ଗ୍ରାମାଞ୍ଚଳ ବିକାଶ ପାଇଁ ୫୭୭୩.୪୦ଲକ୍ଷ ଟଙ୍କା ସ୍ପେଶାଲ ଏରିଆ ପୋଗ୍ରାମ ପାଇଁ ୧୦୦୩୯.୧୦ ଲକ୍ଷ ଟଙ୍କା ଜଳ ସେଚନ ଡ୍ରେନେଜ ଓ ବନ୍ୟା ନିୟନ୍ତ୍ରଣ ପାଇଁ ୪୨୬୦.୩୩ ଲକ୍ଷ ଟଙ୍କା ଶକ୍ତି ପାଇଁ ୬୨୮୫.୩୯ ଲକ୍ଷ ଟଙ୍କା ଶିଳ୍ପ ପାଇଁ ୨୭୧୦.୬୦ ଲକ୍ଷ ଟଙ୍କା ପରିବହନ ପାଇଁ ୬୦୩୦୧.୫୩ ଲକ୍ଷ ଟଙ୍କା ପରିବେଶ ପାଇଁ ୧୭୬୨.୬୯ ଲକ୍ଷ ଟଙ୍କା ଅର୍ଥ ନୈତିକ ସେବା କାର୍ଯ୍ୟ ପାଇଁ ୬୪୭୧.୮୪ ଲକ୍ଷ ଟଙ୍କା ସାମାଜିକ ସେବା ପାଇଁ ୧୧୮୯୬୫.୫୮ ଲକ୍ଷ ଟଙ୍କା ଓ ସାଧାରଣ ସେବା ପାଇଁ ୩୮୦ ଲକ୍ଷ ଟଙ୍କା ବ୍ୟୟ ପାଇଁ ଅନୁମୋଦନ କରାଯାଇଛି । ଜିଲ୍ଲାରେ ୨୦୨୦-୨୧ ଆର୍ଥିକ ବର୍ଷର ବାର୍ଷିକ ଯୋଜନା ନିମନ୍ତେ ବିଭିନ୍ନ ବିଭାଗ ତରଫରୁ ଆବଶ୍ୟକ ଯୋଜନା ପ୍ରସ୍ତାବ ଫେବୃୟାରୀ ମାସ ୧୨ ତାରିଖ ସୁଦ୍ଧା ଜିଲ୍ଲା ଯୋଜନା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦେବା ପାଇଁ ଯୋଜନା କମିଟିର ଅଧ୍ୟକ୍ଷ ଶ୍ରୀ ଜଗଦେବ କହିଥିଲେ । ଜିଲ୍ଲା ଯୋଜନା କମିଟି ବୈଠକରେ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଜେୟ ପ୍ରତାପ ସ୍ୱାଇଁ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଉପନିର୍ଦ୍ଦେଶକ ଜିଲ୍ଲା ପ୍ଲାନିଂ ଓ ମନିଟରିଂ ୟୁନିଟ୍ ବିଭିନ୍ନ ବିଭାର ଅଧିକାରୀ, ଜିଲ୍ଲା ଯୋଜନା କମିଟିର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ ।

## ପ୍ରତିଶ୍ରୁତି ରଖିଲେ ମୁଖ୍ୟମନ୍ତ୍ରୀ

# ସମଲେଶ୍ୱରୀ ମନ୍ଦିରର ସ୍ଥିତି ପରଖିଲେ ବିଶେଷଜ୍ଞ ଟିମ୍

**ସମ୍ବଲପୁର, (ଦାମୋଦର ପଣ୍ଡା) :** ପୁରୀ ଶ୍ରୀଜଗନ୍ନାଥ ମନ୍ଦିର, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ପରେ ସମ୍ବଲପୁର ସ୍ଥିତ ସମଲେଶ୍ୱରୀ ମନ୍ଦିର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବିକାଶ ପାଇଁ ତିନିଜଣିଆ ବିଶେଷଜ୍ଞ କମିଟି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି । ଗତ ୨୧ ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମଲେଶ୍ୱରୀଙ୍କ ଦର୍ଶନ ବେଳେ ଗଣମାଧ୍ୟମକୁ ଦେଇଥିବା ସୂଚନା ମୁତାବକ ତାଙ୍କର ଏହି ପ୍ରତିଶ୍ରୁତି ରକ୍ଷା କରିଛନ୍ତି । ଓଡ଼ିଶା ବ୍ରିଜ୍ କନ୍‌ଷ୍ଟ୍ରକସନ କର୍ପୋରେସନ ଏମ୍‌ଡି ଜୟ କୃଷ୍ଣ ଦାସ, ପୂର୍ବ ବିଭାଗର ମାନ ନିୟନ୍ତ୍ରଣ ମୁଖ୍ୟଯନ୍ତ୍ରୀ ଇଂ. ଜ୍ଞାନ ରଞ୍ଜନ ବେହେରା ଓ ଆର୍କିଟେକ୍ ଅକ୍ଷୟ ବେହେରା ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ ପାଇଁ ପରିଦର୍ଶନ କରି ଫେରି ଯାଇଛନ୍ତି ।



ସେମାନେ ମୁଖ୍ୟ ମନ୍ଦିର, ଭୋଗ ମଣ୍ଡପ, ଟ୍ରଷ୍ଟ ବୋର୍ଡ ଅଫିସ, ଜଳ ଫୁଆରା, ମାର୍କେଟ କମ୍ପ୍ଲେକ୍ସ, ରିଂ ରୋଡ, ମହାନଦୀ କୂଳ, ମନ୍ଦିର ଜମି ପ୍ରଭୃତି ବୁଲି ଦେଖିଥିଲେ । ମନ୍ଦିର ପରିଚାଳନା କମିଟି ସଦସ୍ୟ, ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ମତାମତ ଓ ପ୍ରସ୍ତାବ ଗ୍ରହଣ କଲା ପରେ ମାଷ୍ଟରପ୍ଲାନ ପ୍ରସ୍ତୁତ ହେବ ବୋଲି ସୂଚନା ଦେଇଛନ୍ତି । ଏଥିପାଇଁ ଏହି ଟିମ୍ ଆହୁରି ୨/୩ଥର ପରିଦର୍ଶନରେ ଆସିବାର ଅଛି । ଏହି ମାଷ୍ଟର ପ୍ଲାନରେ ବିକାଶ ଯୋଜନା ଓ ବ୍ୟୟ ଅଟକଳ ମଧ୍ୟ ରହିବ । ବିଶେଷଜ୍ଞ ଦଳଙ୍କ ପରିଦର୍ଶନ ବେଳେ ଉପଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ପୂର୍ତ୍ତ ଅଧିକ୍ଷଣ ଯନ୍ତ୍ରୀ ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟ, ବିକେ ମହାନ୍ତି, ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁ, ବରିଷ୍ଠ ପୂଜକ ପୀତାମ୍ବର ରାୟ, ହେମନ୍ତ ମିଶ୍ର, ପ୍ରଫୁଲ୍ଲ ହୋତା ଓ ପଞ୍ଚାନନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଅପରପକ୍ଷରେ ଜବରଦଖଲ ଉଚ୍ଛେଦ କରାଯିବା ସମ୍ଭାବନା ଥିବାରୁ ଉଠା ଦୋକାନୀ ଓ ଘର କରି ରହୁଥିବା ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି ।

# କବିମାନେ ହେଉଛନ୍ତି ଦିବ୍ୟଦ୍ରଷ୍ଟା : ରାଜ୍ୟପାଳ

**ଭୁବନେଶ୍ୱର :** ଶବ୍ଦ ହେଉଛି ବ୍ରହ୍ମ । ଏହାର ବ୍ୟାପ୍ତି ଅନନ୍ତ । ଜଣେ ଯଦି ଶବ୍ଦ ଉଚ୍ଚାରଣ ନକରି କେବଳ ଚିନ୍ତା କରେ, ତାହା ମଧ୍ୟ ବ୍ରହ୍ମାଣ୍ଡରେ ବ୍ୟାପିଯାଏ । ଏହା ହିଁ ଶବ୍ଦର ମହାତ୍ମ୍ୟ ଓ ମହତ୍ୱ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି । ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ କବି ଚକ୍ରଧର ରାଉତଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଲାଲ କହିଲେ ଯେ କବିମାନେ ହେଉଛନ୍ତି ଦିବ୍ୟଦ୍ରଷ୍ଟା । କାହା ଗୋଡରେ କଂଟା ଲାଗିଲେ ଅନ୍ୟ ଯେ କେହି କଷ୍ଟ ଅନୁଭବ କରେ, ସେ ହେଉଛି କବି । ସେମାନେ ହେଉଛନ୍ତି ଭାବ ଓ ଆବେଗର ରୂପକାର । ମୂକକୁ ମୁଖର କରିବାର ଶକ୍ତି ଅଛି ସେମାନଙ୍କର । କବି ଚକ୍ରଧର ରାଉତଙ୍କ ସାଧନା ଓ ସିଦ୍ଧି ଉତରପୁରୁଷଙ୍କୁ ଅନୁପ୍ରାଣୀତ କରିବ ବୋଲି ରାଜ୍ୟପାଳ କହିଥିଲେ । ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆ, ବିଶିଷ୍ଟ ଲେଖକ ବିଜୟ ନାୟକ, କବିଙ୍କ ପୁତ୍ର ତଥା ସାମାଜିକ କର୍ମୀ ଦୟାନିଧି ରାଉତ ପ୍ରମୁଖ କବି ଦୟାନିଧି ରାଉତଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ଜୀବନ ଓ କବିତା ସଂପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ପ୍ରକାଶିତ ସ୍ମରଣିକା 'ସ୍ମୃତିତୀର୍ଥ'କୁ ରାଜ୍ୟପାଳ ଉନ୍ମୋଚନ କରିଥିଲେ ।



# ଆର୍‌ସିଇଏମ୍ ପକ୍ଷରୁ ରକ୍ତଦାନ ଶିବିର

**ଭୁବନେଶ୍ୱର :** ମଞ୍ଚେଶ୍ୱରସ୍ଥ ସ୍ଥିତ ରାଜଧାନୀ କଲେଜ ଅଫ୍ ଇଂଜିନୟରିଂ ଆଣ୍ଡ୍ ମ୍ୟାନେଜମେଣ୍ଟ (ଆର୍‌ସିଇଏମ୍) ଓ ଭୁବନେଶ୍ୱର ମ୍ୟୁନିସିପାଲିଟି ହସ୍‌ପିଟାଲ୍ ବ୍ଲଡ଼ ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି । କଲେଜର ଡିନ୍ ଡ଼ଃ. ଏମ୍ ଆର୍ ମଲ୍ଲିକ, ଓ ପୁରାତନ ଛାତ୍ର ସଂସଦର ଅଧ୍ୟକ୍ଷ ତଥା ନୂଆଦିଲ୍ଲୀ ସ୍ଥିତ କାମଧେନୁ ଗ୍ରୁପ୍‌ର କମ୍ପାନୀ ସେକ୍ରେଟାରୀ ଯୋଗେଶ୍ୱର ମହାନ୍ତି ରକ୍ତଦାନ ଶିବିର ଉଦ୍‌ଘାଟନ କରିଥିଲେ । ଛାତ୍ରଛାତ୍ରୀ, ଆଧାପିକା ଓ କର୍ମଚାରୀ ମାନେ ସ୍ୱଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଏଥିରେ ମୋଟ ୮୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଏହି ଶିବିରରେ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ରକ୍ତଦାନ କରିଥିଲେ । ଏହିପରିପେକ୍ଷୀରେ ପୁରାତନ ଛାତ୍ରଛାତ୍ରୀ ମାନଙ୍କର ଏକ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି । କଲେଜର, ପ୍ରିନ୍‌ସିପାଲ୍ ଡ଼ଃ. ତପନ କୁମାର ଲେଙ୍କା, ଡାଇରେକ୍ଟର ପ୍ରଫେସର ନିର୍ମଳ ଚନ୍ଦ୍ର କର, ଅଧ୍ୟାପିକା ଡ. ଅମ୍ରିତା ରାଉତ, ସୁଲୋଚନା ଦାସ, ପ୍ରଜ୍ଞାପାରମିତା ଦାସ, ସୌମ୍ୟାଶ୍ରୀ ଦାସ, ଅଧ୍ୟାପକ ବିଭୁ ପ୍ରସାଦ ମିଶ୍ର, ଦେବାଶିଷ ବାରିକ ଏବଂ ଲାଇବ୍ରେରୀଆନ୍ ରଶ୍ମୀ ବେହେରା ତଥା ଅନ୍ୟାନ୍ୟ କର୍ମକର୍ତ୍ତା ମାନଙ୍କ ପ୍ରତ୍ୟକ୍ଷ ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା । ଶିକ୍ଷାନୁଷ୍ଠାନର ସେକ୍ରେଟାରି ଏସ୍ କେ ସାମଲ ନିଜେ ରକ୍ତ ଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ରକ୍ତଦାନ କରିବା ପାଇଁ ଉସାହିତ କରିଥିଲେ । କାର୍ଯ୍ୟକ୍ରମଟି ଅନୁଷ୍ଠାନର ଅଧ୍ୟକ୍ଷ ଓ ସ୍ୱଚ୍ଛାସେବୀ ଓ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା ।




PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



30ft Internal Road
Mouza : Pandiapada
Contact Immediately :
8658607286 / 8917571455

PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455



ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି